R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୫୩
ତିଥି : ଦ୍ୱାଦଶୀ
୦୭ ମାର୍ଚ୍ଚ ୨୦୨୪, ଗୁରୁବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 153
07 March 2024, Thursday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore




### ବଦଳିବ ରାଜ୍ୟ ରାଜନୀତି ଦୃଶ୍ୟପଟ୍ଟ

# ପୁଣି ହୋଇପାରେ ବିଜେଡି-ବିଜେପି ମେଣ୍ଟ

ଭୁବନେଶ୍ୱର, ୬।୩ (ସବ୍ୟୁ) : ସାଧାରଣ ନିର୍ବାଚନ ଓ ବିଧାନସଭା ନିର୍ବାଚନ ପୂର୍ବରୁ ଓଡ଼ିଶା ରାଜନୀତି ଦୃଶ୍ୟପଟ୍ଟରେ ପୁଣି ଏକ ପରିବର୍ତ୍ତନର ଆଭାସ ମିଳିଛି । ଦୀର୍ଘ ୧୫ ବର୍ଷର ବ୍ୟବଧାନ ପରେ କ୍ଷମତାସୀନ ବିଜେଡି ପୁଣି ଏନ୍‌ଡିଏକୁ ଫେରିବ ବୋଲି ଆପାତତଃ ସୂଚନା ମିଳୁଛି । ଅର୍ଥାତ୍ ବିଜେଡି ଓ ବିଜେପି ମଧ୍ୟରେ ପୁଣି ମେଣ୍ଟ ହେବ । ଯଦିଓ ଏନେଇ ଉଭୟ ଦଳ ପକ୍ଷରୁ ବିଧିବଦ୍ଧ କୌଣସି ଘୋଷଣା କରାଯାଇନାହିଁ ତେବେ ଉଭୟ ଦଳର ବରିଷ୍ଠ ପଦାଧିକାରୀଙ୍କ



ବୈଠକରେ ମେଣ୍ଟ ନିଷ୍ପତ୍ତି ଦଳୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ନେବାପାଇଁ ସର୍ବସମ୍ମତ ପ୍ରସ୍ତାବ ଦିଆଯାଇଛି । ତେବେ

### ରାଜ୍ୟ ସ୍ୱାର୍ଥ ନେଇ ନିଷ୍ପତ୍ତି ନିଆଯିବ : ଦେବୀ

### ମେଣ୍ଟ ନିଷ୍ପତ୍ତି କେନ୍ଦ୍ର ନେବ : ଜୁଏଲ

ଉଭୟ ଦଳ କେଉଁ ଫର୍ମୁଲାରେ ନିର୍ବାଚନ ଲଢ଼ିବେ ତାହା ଚୂଡ଼ାନ୍ତ ହୋଇଥିଲେ ସୁଦ୍ଧା (୯ ପୃଷ୍ଠାରେ)

### ବିଏସ୍‌କେୱାଇ ନବୀନ କାର୍ଡର ବଣ୍ଟନ କଲେ ମୁଖ୍ୟମନ୍ତ୍ରୀ

# ମେ' ପହିଲାରୁ ମିଳିବ ଚିକିତ୍ସା ସୁବିଧା

ଭୁବନେଶ୍ୱର, ୬।୩ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ରାଜ୍ୟରେ ବିଏସ୍‌କେୱାଇ ନବୀନ କାର୍ଡର ଶୁଭାରମ୍ଭ କରିଛନ୍ତି । ନିୟମିତ ସରକାରୀ କର୍ମଚାରୀ ଓ ଆୟକର ଦେଉଥିବା ଲୋକଙ୍କୁ ଛାଡି ଗାଁର ସବୁ ଲୋକ ଏହି ସୁବିଧା ପାଇବେ । ଆଜିଠାରୁ ଏହି କାର୍ଡ ବଣ୍ଟନ ଆରମ୍ଭ ହୋଇଥିବା ବେଳେ ମେ ପହିଲା ଠାରୁ ହିତାଧିକାରୀମାନେ ଏହାର ସୁବିଧା ପାଇବେ । ରାଜ୍ୟ



ସରକାରଙ୍କ ୫-ଟି ଉପକ୍ରମରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାଢେ ୪ କୋଟି ଓଡିଶାବାସୀ ହେଉଛନ୍ତି ମୋ ପରିବାର । ଆପଣମାନଙ୍କ ସୁଖ ଦୁଃଖରେ ମୁଁ ସବୁବେଳେ ରହିଛି ଓ ରହିଥିବି । ଆପଣମାନଙ୍କ ଖୁସି ମୋ ଖୁସି ।

ସୁସ୍ଥ ସମାଜ ଏକ ସମୃଦ୍ଧ ରାଷ୍ଟ୍ରର ଆଧାର ଏବଂ ସ୍ୱାସ୍ଥ୍ୟ ସହିତ ଏହାର ଗଭୀର ସଂପର୍କ ରହିଛି ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ (୯ ପୃଷ୍ଠାରେ)







ଚୀନ ସବୁବେଳେ ନିଜର ୟୁନିକ୍ ଉଦ୍ଭାବନ ପାଇଁ ଚର୍ଚ୍ଚା ସାଉଁଟିଥାଏ । ସେହିଭଳି ଏକ ନୂଆ ଉଦ୍ଭାବନ ବର୍ତ୍ତମାନ ଚୀନକୁ ପୁଣି ଲାଇମ୍ ଲାଇଟ୍‌କୁ ଆଣିଛି । ଚୀନର ବୈଜ୍ଞାନିକମାନେ ସଫଳ ଭାବେ ଏକ ତିବ୍ବତୀୟାନ ଛେଳିର କ୍ଲୋନିଂ କରିଛନ୍ତି । ସେମାନେ ଏହି କାର୍ଯ୍ୟ କରିବା ପାଇଁ ସୋମାଟିକ୍ ସେଲ୍ କ୍ଲୋନିଂର ସହାୟତା ନେଇଛନ୍ତି । ଏହି ପ୍ରକ୍ରିୟାରେ ପ୍ରଥମେ ଜଣେ ସାବାଳକ ଛେଳିର ନ୍ୟୁକ୍ଲିଅସକୁ ଗୋଟିଏ ନୂଆ ଏଗ୍ ସେଲ୍‌କୁ ଟ୍ରାନ୍ସଫର କରାଯାଇଥାଏ । ଏହାପରେ ଏହି ଏଗ୍ ସେଲ୍‌କୁ ଗୋଟିଏ ସରୋଗେଟ୍ ମଦର ଦେହରେ ଇମ୍ପ୍ଲାଣ୍ଟ କରାଯାଇଥାଏ । କ୍ଲୋନିଂ ପ୍ରକ୍ରିୟାର ସହାୟତାରେ ସମସ୍ତ ଜେନେଟିକ୍ ସୂଚନାକୁ ସମ୍ପୂର୍ଣ୍ଣଭାବେ କପି କରିହେବ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି । ଏହା ଆଗକୁ କ୍ଲୋନିଂ କ୍ଷେତ୍ରରେ ଖୁବ ସହାୟକ ହେବ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି ।

## ଛେଳିର କ୍ଲୋନିଂ



# ଚାଇଲ୍ଡ ଓବେସିଟି



ଆଜିକାଲି କେବଳ ଯେ ବଡ ଲୋକ ଓବେସିଟିର ଶିକାର ହେଉଛନ୍ତି ତାହା ନୁହେଁ, ଛୋଟ ପିଲା ମଧ୍ୟ ଏହାର ଶିକାର ହେବାରେ ଲାଗିଛନ୍ତି । କାରଣ ବର୍ତ୍ତମାନ ସେମାନଙ୍କ ଡାଏଟ୍‌ରେ ଜଙ୍କ ଫୁଡ୍ ସାମିଲ ହେବାରେ ଲାଗିଛି । ଏହି ଅଭ୍ୟାସ ଚାଇଲ୍ଡ ଓବେସିଟିର ପ୍ରଥମ କାରଣ ସାଜିଛି । ଯାହା ପିଲାଙ୍କ ଶରୀରରେ ଅନେକ ସମସ୍ୟା ଯେପରି ମଧୁମେହ, ହାର୍ଟ ଡିଜିଜ୍, ଉଚ୍ଚ ରକ୍ତଚାପ ଆଦିର କାରଣ ସାଜିଛି । ତେଣୁ ପିଲାଙ୍କୁ ଯେତେ ପାରୁଛନ୍ତି କମ ଜଙ୍କ ଫୁଡ୍ ଖାଇବାକୁ ଦିଅନ୍ତୁ । ସେଥିପାଇଁ କିଛି ଟ୍ରିକ୍ ଆପଣ ଆପଣାଇ ପାରିବେ, ଯାହାକୁ ବ୍ୟବହାର କରି ଜଙ୍କ୍‌ଫୁଡ୍ ଅଭ୍ୟାସକୁ ଆପଣ ଦୂରେଇ ପାରିବେ । ପିଲାମାନେ ନିଜ ବାପା ମା'ଙ୍କ ଠାରୁ ଖାଦ୍ୟ ଅଭ୍ୟାସ ବିଷୟରେ ଶିଖିଥାଆନ୍ତି । ତେଣୁ ସେମାନଙ୍କ ଆଗରେ କେବେ ହେଲେ ବି ଜଙ୍କ ଫୁଡ୍‌କୁ ପ୍ରୋତ୍ସାହନ ଦିଅନ୍ତୁ ନାହିଁ । ସବୁବେଳେ ନିଜେ ହେଲ୍‌ଦି ଖାଦ୍ୟ ଖାଇବା ସହିତ ତାଙ୍କୁ ମଧ୍ୟ ହେଲଦି ଖାଇବା ଦିଅନ୍ତୁ । ସବୁବେଳେ ପିଲାମାନେ ଖାଦ୍ୟ ପାଇଁ କିଭଳି ଆଗ୍ରହ ପ୍ରକାଶ କରିବେ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ସେମାନଙ୍କୁ ଗ୍ରୋସରି ଓ ପରିବା ଆଣିବାବେଳେ ମାସକୁ ଥରେ ସାଙ୍ଗରେ ନେଇ ପାରିବେ । ଆପଣ ରୋଷେଇ କରିବା ବେଳେ ତାଙ୍କୁ ସାଙ୍ଗରେ ରଖିପାରିବେ । ଏହାଦ୍ୱାରା ସେମାନଙ୍କର ଖାଦ୍ୟ ପ୍ରତି ଆଗ୍ରହ ବଢିବ । ସବୁଠାରୁ ବଡକଥା ସେମାନଙ୍କ ଶାରୀରିକ ପରିଶ୍ରମ ବଢାନ୍ତୁ । ସେମାନେ ଫିଜିକାଲି ଯେତେ ପରିମାଣରେ ଆକ୍ଟିଭ ରହିବେ ସେମାନଙ୍କ ଭୋକ ବଢିବ ଯାହାଫଳରେ ସେମାନଙ୍କର ଖାଦ୍ୟ ପ୍ରତି ମଧ୍ୟ ଆଗ୍ରହ ବଢିବ । ତେବେ ଯଦି ଆପଣଙ୍କ ପିଲା ଓବେସିଟିର ଶିକାର ହୋଇଛି ବୋଲି ସନ୍ଦେହ କରୁଛନ୍ତି, ତାହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

## ଇତିହାସ

୧୮୩୫– ଭାରତରେ ୟୁରୋପୀୟ ସାହିତ୍ୟ ଓ ବିଜ୍ଞାନର ପ୍ରଚାର ପ୍ରସାରକୁ ପ୍ରୋତ୍ସାହିତ କରିବା ଲାଗି ପ୍ରସ୍ତାବ ଅଣାଗଲା ।

୧୮୫୪– ଚାର୍ଲ୍ସ ମିଲର୍ ସିଲେଇ ମେସିନ୍ ପାଇଁ ପେଟେଣ୍ଟ ହାସଲ କଲେ ।

୧୮୭୫– ଆଲେକ୍‌ଜାଣ୍ଡାର ଗ୍ରାହାମ୍ ବେଲ୍ ଟେଲିଫୋନ୍‌ର ଆବିଷ୍କାର କଲେ ।

୧୯୦୬– ଫିନ୍‌ଲାଣ୍ଡରେ ମହିଳାମାନଙ୍କୁ ମତାଧିକାର ମିଳିଲା ।

୧୯୪୫– ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକୀୟ ସେନା ଜର୍ମାନୀର ରାଇନ୍ ନଦୀ ପାର୍ କଲେ ।

୧୯୫୨– ଭାରତୀୟ ଗୁରୁ ପରମହଂସ ଯୋଗାନନ୍ଦଙ୍କ ଦେହାନ୍ତ ।

୧୯୫୯– ଆମେରିକୀୟ ପାଇଲଟ୍ ମେଲ୍‌ବିନ୍ ସି ଗାର୍ଲୋବ ପ୍ରଥମ ପାଇଲଟ୍ ରୂପେ ଜେଟ୍ ବିମାନରେ ୧ ଲକ୍ଷ ମାଇଲ୍ ଦୂର ଉଡ଼ାଣ ଭରିଲେ ।

୧୯୮୫– ଏଡ୍ସର ପ୍ରଥମ ଆଣ୍ଟିବଡି ପରୀକ୍ଷଣ ଏଲିସା-ଟାଇପ୍ ଟେଷ୍ଟ ଆରମ୍ଭ କରାଗଲା ।

୨୦୦୮– ମଙ୍ଗଳ ଗ୍ରହରେ ମହାକାଶଚାରୀମାନେ ହ୍ରଦର ସନ୍ଧାନ କଲେ ।

## ସୋସିଆଲ କୋଟ୍ସ



ସୁଶାନ୍ତ ମେଣ୍ଟାଲି ଓ ଫିଜିକାଲି ବହୁତ ଷ୍ଟ୍ରଙ୍ଗ ଥିଲା । ହେଲେ କେଦାର ନାଥ ସୁଟିଂ ସମୟରେ ସେ ସମ୍ପୂର୍ଣ୍ଣ ଏକୁଟିଆ ହୋଇ ଯାଇଥିଲା । ସେ ସେତେବେଳେ ହେଲ୍ପଲେସ୍ ଫିଲ୍ କରୁଥିଲା ।

**ଅଭିଷେକ କପୁର, ନିର୍ଦ୍ଦେଶକ**



ପୂରା ଦେଓ୍ୱଲ ପରିବାର ପାଇଁ ଗତ ବର୍ଷ ଐତିହାସିକ ଥିଲା । ନିଜ ଉପରୁ ଭରସା ଉଠି ସାରିଥିଲା । ହେଲେ ଆନିମ୍ଲରେ ମିଳିଥିବା ଭଲପାଇବା ସବୁ ଫେରାଇ ଆଣିଛି । ଏତେ ମାତ୍ରାରେ ଭଲ ପାଇବା ମିଳିବ ବୋଲି କେବେ ବି ଭାବି ନଥିଲି ।

**ବବି ଦେଓ୍ୱଲ, ଅଭିନେତା**



ଫାଇଟର ଫିଲ୍ମ ପାଇଁ ଅନେକ ପରିଶ୍ରମ କରିଛି । ଏହି ଚରିତ୍ର ପାଇଁ ମୁଁ ଅନେକ ଦିନ ଚୁପ ହୋଇ ରହିଛି । ଲୋକଙ୍କୁ ମୋ କାମ ପସନ୍ଦ ଆସିଛି ଜାଣି ଖୁବ ଖୁସି ଲାଗୁଛି ।

**ରଷଭ ସାହାଣୀ, ଅଭିନେତା**

# ବୟସ ପାଇଁ ରେକର୍ଡ



ଶହେ ବର୍ଷରୁ ଅଧିକ ବର୍ଷ ଜୀବିତ ରହିବା କିଛି କମ୍ କଥା ନୁହେଁ । ହେଲେ ବର୍ତ୍ତମାନ ଜଣେ ବୃଦ୍ଧାଙ୍କ ବିଷୟରେ ଜଣାପଡ଼ିଛି, ଯାହାଙ୍କର ବୟସ ହେଉଛି ୧୧୭ ବର୍ଷ । ନିକଟରେ ସେ ତାଙ୍କର ୧୧୭ତମ ଜନ୍ମଦିବସ ପାଳନ କରି ଗିନିଜ୍ ବିଶ୍ୱ ରେକର୍ଡରେ ଥିବା ତାଙ୍କର ପୂର୍ବ ରେକର୍ଡକୁ ଭାଙ୍ଗିଛନ୍ତି । ମାରିଆ ବ୍ରାନ୍ୟାସ୍ ମୋରିଆ ନାମ୍ନୀ ଏହି ବୃଦ୍ଧାଜଣଙ୍କ ବିଶ୍ୱର ସବୁଠୁ ଅଧିକ ବୟସ୍କ ଜୀବିତ ବ୍ୟକ୍ତି ରୂପେ ଏହି ଉପଲବ୍ଧି ହାସଲ କରିଛନ୍ତି । ୧୯୦୭ ମସିହାରେ ଜନ୍ମିତ ମାରିଆ ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧର ପ୍ରତ୍ୟକ୍ଷଦର୍ଶୀ ସହିତ ସ୍ପାନିସ୍ ଫ୍ଲୁ ଓ କୋଭିଡ୍ ୧୯ ମହାମାରୀ ଆଦିକୁ ମଧ୍ୟ ଦେଖିଛନ୍ତି । ମାରିଆଙ୍କ ପୂର୍ବରୁ ଏହି ରେକର୍ଡ ଫ୍ରାନ୍ସର ୧୧୮ ବର୍ଷର ଲୁସାଇଲ୍ ର୍ୟାଣ୍ଡନ୍‌ଙ୍କ ନାଁରେ ଥିଲା । ହେଲେ ଗତବର୍ଷ ଜାନୁଆରୀରେ ଲୁସାଇଲ୍‌ଙ୍କ ଦେହାନ୍ତ ହେବା ପରେ ମାରିଆଙ୍କୁ ଏହି ଉପଲବ୍ଧି ମିଳିଥିଲା । ତେବେ ନିକଟରେ ମାରିଆ ତାଙ୍କର ୧୧୭ତମ ଜନ୍ମଦିବସ ପାଳନ କରିବା ପରେ ସେ ତାଙ୍କ ନିଜ ରେକର୍ଡକୁ ଭାଙ୍ଗି ପୁନଶ୍ଚ ନୂତନ ରେକର୍ଡ କରିଛନ୍ତି । ଏନେଇ ଗିନିଜ୍ ବିଶ୍ୱ ରେକର୍ଡ ପକ୍ଷରୁ ମାରିଆଙ୍କୁ ଶୁଭେଚ୍ଛା ଜଣାଯାଇଛି । ୧୯୦୭ ମସିହା ମାର୍ଚ୍ଚ ୭ରେ ଆମେରିକାର ସାନ୍ ଫ୍ରାନ୍‌ସିସ୍କୋରେ ଜନ୍ମିତ ମାରିଆ ୮ ବର୍ଷ ବୟସରେ ପରିବାର ସହିତ ସ୍ପେନ୍ ଆସି ସେଠାରେ ବସତି ସ୍ଥାପନ କରିଥିଲେ । ଏଠାରେ ହିଁ ସେ ବିଗତ ୨୩ ବର୍ଷ ହେବ ଗୋଟିଏ ନର୍ସିଂହୋମ୍‌ରେ ରହୁଛନ୍ତି ।

# ପନିର ବ୍ରେଡ୍ ରୋଲ୍

**ସାମଗ୍ରୀ–** ୨୫୦ଗ୍ରାମ ପନିର୍, ଅଧା କପ୍ କଟା ପିଆଜ, ଅଧା କପ୍ କ୍ୟାପସିକମ୍, ୨ ଚାମଚ ସେଜୱାନ୍ ସସ୍, ଏକ ଚାମଚ ଅଦାରସୁଣ ପେଷ୍ଟ, ୨ ଚାମଚ ସୋୟା ସସ୍, ଧନିଆ ପତ୍ର, ୫ରୁ ୬ ବ୍ରେଡ୍ ।

**ପ୍ରଣାଳୀ–** ପ୍ରଥମେ ବ୍ରେଡ୍ ରୋଲ ପାଇଁ ପୁର ପ୍ରସ୍ତୁତ କରନ୍ତୁ । ପ୍ୟାନ୍‌ରେ ଅଦା ରସୁଣ ପେଷ୍ଟକୁ ଅଳ୍ପ ସମୟ ପାଇଁ ଭାଜନ୍ତୁ । ଏହାପରେ ଏଥିରେ କଟା ପରିବା ପକାଇ ଭାଜନ୍ତୁ । ଏହାପରେ ଏହି ମିଶ୍ରଣରେ ସୋୟା ସସ୍, ସେଜୱାନ୍ ସସ୍ ଓ ଲୁଣ ପକାଇ ଅଳ୍ପ ସମୟ ପାଇଁ ମିଶାନ୍ତୁ । ଶେଷରେ ଧନିଆ ପତ୍ର ପକାଇ ଏହାକୁ ଅଲଗା ରଖନ୍ତୁ । ଏହାପରେ ବ୍ରେଡ୍ ସ୍ଲାଇସ୍‌ର ଦୁଇପଟକୁ କାଟି ନିଅନ୍ତୁ । ଏହାପରେ ବ୍ରେଡ୍‌ରେ ଗୋଟିଏ ଚାମଚ ପୁର ଦିଅନ୍ତୁ ଏବଂ ଉପରେ ଅନ୍ୟ ସ୍ଲାଇସ୍‌କୁ ରଖନ୍ତୁ । ଏହାପରେ ଅଳ୍ପ ପାଣି ହାତ କରି ବ୍ରେଡ୍‌ର କଡକୁ ବନ୍ଦ କରିଦିଅନ୍ତୁ । ଏହାପରେ ଧୀରେ ଧୀରେ ଏହାକୁ ତେଲରେ ଛାଣି ନିଅନ୍ତୁ । ପ୍ରସ୍ତୁତ ହୋଇଗଲା ପନିର୍ ସେଜୱାନ୍ ବ୍ରେଡ୍ ରୋଲ ।



# ଗ୍ଲାମରସ୍ ନୋରା



ରିଲିଜ୍ ହୋଇଛି 'ମଣ୍ଡଗାଓଁ ଏକ୍ସପ୍ରେସ୍'ର ଟ୍ରେଲର, ଯାହା ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି। ଏଥିରେ ନୋରା ଫତେହିଙ୍କୁ ଖୁବ ଗ୍ଲାମରସ ଅନ୍ଦାଜରେ ଦେଖିବାକୁ ମିଳିଛି। ଏହି ଫିଲ୍ମ ଜରିଆରେ କନାଲ୍ଲୁ ଖେମୁ ନିର୍ଦ୍ଦେଶକ ଭାବେ ଡେବ୍ୟୁ କରିଛନ୍ତି । କମେଡିରେ ଭରପୂର ରିଲିଜ୍ ହୋଇଥିବା ୨ ମିନିଟ୍‌ର ଏହି ଟ୍ରେଲରରେ ନୋରାଙ୍କ ଲୁକ୍‌କୁ ସମସ୍ତେ ବେଶ୍ ପସନ୍ଦ କରିଛନ୍ତି । ନୋରାଙ୍କ ଛଡା ଏଥିରେ ଦିବ୍ୟେନ୍ଦୁ ଶର୍ମା, ପ୍ରତୀକ ଗାନ୍ଧୀ ଓ ଅବିନାଶ ତିୱାରି ଆଦି ସାମିଲ ଅଛନ୍ତି । ଏହି ତିନିଜଣ ଗୋଆ ଟ୍ରିପ୍‌ରେ ଯାଉଥିବାର ଦେଖିବାକୁ ମିଳୁଛି । ତିନିଜଣ ସାଙ୍ଗ ସେମାନଙ୍କର ପିଲାଦିନର ଡ୍ରିମ୍ ପୂରଣ କରିବାକୁ ଗୋଆ ଟ୍ରିପ୍‌ରେ ଯାଇଥିବା ଟ୍ରେଲରରୁ ଜଣାପଡୁଛି। ଫିଲ୍ମରେ ବେଶ୍ ଅଧିକ ପରିମାଣରେ ଟୁଇଷ୍ଟ ରହିଛି ବୋଲି ଟ୍ରେଲରରୁ ଜଣାପଡୁଛି । ନୋରାଙ୍କ ଫ୍ୟାନଙ୍କୁ ଏହି ଟ୍ରେଲର ଖୁବ ପସନ୍ଦ ଆସିଛି । ନୋରାଙ୍କ ଡ୍ୟାନ୍ସର ଆଗରୁ ଦର୍ଶକ ଦିୱାନା ଅଛନ୍ତି । ବର୍ତ୍ତମାନ ତାଙ୍କ ଲୁକ୍‌ର ମଧ୍ୟ ଦିୱାନା ସାଜିଛନ୍ତି । ଫିଲ୍ମଟି ବକ୍ସ ଅଫିସ୍‌ରେ ସଫଳ ହେବ ବୋଲି ଟ୍ରେଲରକୁ ମିଳିଥିବା ରେସପନ୍ସରୁ ଜଣାପଡୁଛି ବୋଲି ସମୀକ୍ଷକ ମତ ଦେଇଛନ୍ତି ।

# ସୁରକ୍ଷା ଦେବ ହେରା



ଅଫିସ୍ ହେଉ କିମ୍ବା ଘର, ସାଧାରଣତଃ ଜଣେ ଜଗୁଆଳି ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଫାଟକ ନିକଟରେ ଜଗିଥାଆନ୍ତି । ହେଲେ ଏବେ ଏହି କାମକୁ ହେରା କରିବ । ହେରା ହେଉଛି ଗୋଟିଏ ମହିଳା ରୋବୋ, ଯାହାକୁ ରାଞ୍ଚିର ହମ୍‌ଜା ରେହମାନ ନାମ୍ନୀ ଜଣେ ଯୁବକ ବିକଶିତ କରିଛନ୍ତି । ଏହି ମାନବରୂପୀ ସୁରକ୍ଷା ରୋବୋ ଅଫିସ୍, ବ୍ୟାଙ୍କ, କାରଖାନା ସମେତ ଅନେକ ସଂସ୍ଥାରେ ସୁରକ୍ଷା ଗାର୍ଡ ଭୂମିକାରେ କାମ କରିବା ଲାଗି ସକ୍ଷମ ହେବ ବୋଲି ହମ୍‌ଜା ଦାବି କରିଛନ୍ତି । ଏହାର ଅର୍ଥ ହେଉଛି ଏହି ମହିଳା ରୋବୋକୁ ଗାର୍ଡ ବିକଳ୍ପ ରୂପେ ମଧ୍ୟ ବ୍ୟବହାର କରିହେବ । ଏହି ରୋବୋ ସମ୍ପୂର୍ଣ୍ଣ ରୂପେ ରିମୋଟ୍ ଦ୍ୱାରା ପରିଚାଳିତ ହେବ । ଏହି ରୋବୋକୁ ପ୍ରସ୍ତୁତ କରିବା ଲାଗି ତାଙ୍କୁ ୬ ମାସ ସମୟ ଲାଗିଥିବାବେଳେ ଏଥିରେ ସେନ୍ସର ଲାଗିଛି ଓ ସେନ୍ସର ଅନୁସାରେ ସେ କାର୍ଯ୍ୟ କରିବ । ଯଦି କୌଣସି ବ୍ୟକ୍ତି ମଦ୍ୟପାନ କରି ଅଫିସ୍ ମଧ୍ୟକୁ ପ୍ରବେଶ କରୁଛନ୍ତି ତେବେ ଏହି ରୋବୋ ତାଙ୍କୁ ପ୍ରବେଶ ପାଇଁ ଅନୁମତି ଦେବ ନାହିଁ । ସେହିପରି ରୋବୋଟି ଇଂରାଜୀ ଓ ହିନ୍ଦୀ ଭାଷାରେ କଥାବାର୍ତ୍ତା ହେବାରେ ମଧ୍ୟ ସକ୍ଷମ ହେବ ବୋଲି ହମ୍‌ଜା କହିଛନ୍ତି ।

# ଗାଧୋଇବାରୁ ଆଲର୍ଜି

ଖାଦ୍ୟ ହେଉ କିମ୍ବା କୌଣସି ସାମଗ୍ରୀ, କେତେକ ଲୋକଙ୍କୁ ଏସମସ୍ତ ଜିନିଷରୁ ଆଲର୍ଜି ହୋଇଥାଏ । ହେଲେ ଜଣେ ୨୨ ବର୍ଷର ଯୁବତୀଙ୍କୁ ଗାଧୋଇବା କାରଣରୁ ଆଲର୍ଜି ହେଉଥିବା ଜଣାପଡ଼ିଛି । ଏମିତିକି ତାଙ୍କ ଶରୀରରେ ଝାଳ ବାହାରିଲେ ବି ତାଙ୍କୁ ଆଲର୍ଜି ହୋଇଥାଏ । ଅଜବ ଲାଗିଲେ ବି ସାଉଥ୍ କ୍ୟାରୋଲିନାର ୨୨ ବର୍ଷୀୟା ଲରେନ୍ ମୋଣ୍ଟେଫୁସ୍କୋଙ୍କ ସହିତ ଏଭଳି ହୋଇଛି । ଗାଧୋଇବା କିମ୍ବା ପାଣି ପିଇବା ଦ୍ୱାରା ତାଙ୍କ ଶରୀରରେ ଖୁବ୍ ଜୋର୍‌ରେ କୁଣ୍ଡେଇ ହୋଇ ଫଳିଯାଏ । ପ୍ରତ୍ୟହ ତାଙ୍କ ସହିତ ଏମିତି ହୋଇଥାଏ ବୋଲି ଜଣାପଡ଼ିଛି । ରିପୋର୍ଟ ମୁତାବକ, ଲରେନ୍‌ଙ୍କୁ ଯେତେବେଳେ ୧୨ ବର୍ଷ ବୟସ ହୋଇଥିଲା ସେହି ସମୟରେ ତାଙ୍କ ଠାରେ ଆଲର୍ଜିର ଏଭଳି ଅଜବ ସମସ୍ୟା ଦେଖିବାକୁ ମିଳିଲା । ଧୀରେ ଧୀରେ ଏହା କମିଯିବ ବୋଲି ସେ ଭାବୁଥିଲେ । ହେଲେ ସମୟକ୍ରମେ ତାହା କମିବା ପରିବର୍ତ୍ତେ ବଢ଼ିଚାଲିଲା । ତାଙ୍କୁ ୧୫ ବର୍ଷ ବୟସ ହୋଇଥିବା ସମୟରେ ସେ ଏଭଳି ଅଜବ ସମସ୍ୟାକୁ ନେଇ ଡାକ୍ତରଙ୍କ ସହିତ ପରାମର୍ଶ କଲେ । ଏହାପରେ ବିଭିନ୍ନ ପରୀକ୍ଷା ନିରୀକ୍ଷାରୁ ଜଣାପଡ଼ିଲା ଯେ ଲରେନ୍‌ଙ୍କୁ ଆକ୍ୱାଜେନିକ୍ ଉର୍ଟିକାରିଆ ନାମକ ଏକ ବିରଳ ରୋଗ ହୋଇଛି । ଯାହାଫଳରେ ସେ ଆଦୌ ଗାଧୋଇଲେ ନାହିଁ । ଅଧିକାଂଶ ସମୟରେ ସେ ବଡି ୱାଇପ୍ସର ସାହାଯ୍ୟ ନେବା ସହିତ ଡ୍ରାଇ ସାମ୍ପୁର ବ୍ୟବହାର କଲେ । ହେଲେ ଯେବେବି ଗାଧୋଇଲେ ତାଙ୍କ ଠାରେ ପୁନଶ୍ଚ ଏହି ଆଲର୍ଜି ଦେଖିବାକୁ ମିଳିଲା । ଗାଧୋଇବା ପରେ ଥଣ୍ଡା ପବନ ମଧ୍ୟ ତାଙ୍କ ଆଲର୍ଜିକୁ ଦ୍ୱିଗୁଣ ବଢ଼ାଇଦେଲା । ଉପର ଚର୍ମ ପରିବର୍ତ୍ତେ ଚର୍ମର ବହୁ ଗଭୀର ଅଂଶରୁ ଏହି ଆଲର୍ଜି ହେଲା । ଯାହାଫଳରେ ବାହାରକୁ ଦେଖାନଗଲେ ବି ଭିତରୁ ଏହା ଖୁବ୍ କଷ୍ଟଦାୟକ ସାବ୍ୟସ୍ତ ହେଲା । ତେବେ ଆକ୍ୱାଜେନିକ୍ ଉର୍ଟିକାରିଆ ହେଉଛି ଏକ ବିରଳ ଚର୍ମରୋଗ । ଯେଉଁଥିରେ ରୋଗୀଙ୍କୁ ପୁଲ୍, ସାୱାର୍ ଓ ପାଣିସ୍ଥାନରେ ଅଧିକ କଷ୍ଟ ହୋଇଥାଏ । ଏହାବ୍ୟତୀତ ଝାଳରୁ ମଧ୍ୟ ଏହି ଆଲର୍ଜି ହୋଇଥାଏ ।



R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୫୩
ତିଥି : ଦ୍ୱାଦଶୀ
୦୭ ମାର୍ଚ୍ଚ ୨୦୨୪, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ
SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 153
07 March 2024, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore




ଦିନକରେ ଅଭିଯୋଗ ଶୁଣିଲେ, ପ୍ରକଳ୍ପ ଘୋଷଣା କଲେ

## ଲୋକଙ୍କର ସରକାର, ଲୋକ ଯାହା ଚାହିଁବେ ତାହାହିଁ ହେବ : ପାଣ୍ଡିଆନ

ଭୁବନେଶ୍ୱର, ୬।୩ (ସବ୍ୟୁ ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୫-ଟି ଓ ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଅନୁଗୁଳ ଓ ସମ୍ବଲପୁର ଜିଲ୍ଲାର ସାଧାରଣ ସଭାରେ ଲୋକଙ୍କ ସହିତ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ମତବିନିମୟ କରିଛନ୍ତି । ଗୋଟିଏ ଦିନରେ ଅଭିଯୋଗ ଶୁଣିବା ମାତ୍ରେ ସେହିଦିନ ହିଁ ପ୍ରକଳ୍ପ ମଞ୍ଜୁର କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହା ଏକ ଇତିହାସ ସୃଷ୍ଟି କରିଛି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି ।





ଅନୁଗୁଳ, ସମ୍ବଲପୁର ଜିଲ୍ଲାର ଅଭିଯୋଗ ଶୁଣିଲେ କାର୍ତ୍ତିକ
୬୯୧ ପ୍ରକଳ୍ପ ପାଇଁ ୨୩.୦୬କୋଟି ଟଙ୍କା ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

ଲୋକଙ୍କ ଅନୁରୋଧକ୍ରମେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁଗୁଳ ଜିଲ୍ଲା ପାଇଁ ୨୪୩ ପ୍ରକଳ୍ପ ଲାଗି ୧୦.୪୭କୋଟି ଓ ସମ୍ବଲପୁର ଜିଲ୍ଲାରେ ୪୦୮ ପ୍ରକଳ୍ପ ଲାଗି ୧୨.୫୯କୋଟି ଟଙ୍କା ଅନୁମୋଦନ କରିଛନ୍ତି । ଆପତ୍ତି ଅଭିଯୋଗ କରିଥିବା ବ୍ୟକ୍ତିମାନଙ୍କ ନିକଟକୁ ମୋବାଇଲ ଫୋନ୍ ମାଧ୍ୟମରେ ପ୍ରକଳ୍ପର କାର୍ଯ୍ୟାଦେଶ ପଠାଯାଇଛି । ଗତ ବର୍ଷ ଜୁଲାଇ ମାସରେ ଅନୁଗୁଳ ଓ ସମ୍ବଲପୁର ଜିଲ୍ଲା ଗସ୍ତ କରିଥିଲେ ଶ୍ରୀ ପାଣ୍ଡିଆନ । ଏହି ସମୟରେ ଲୋକଙ୍କ ଆପତ୍ତି ଅଭିଯୋଗକ୍ରମେ ୮୮୬କୋଟି ଟଙ୍କାର ପ୍ରକଳ୍ପ ଅନୁମୋଦନ କରାଯାଇ ସାରିଛି ।

ଶ୍ରୀ ପାଣ୍ଡିଆନ (୯ ପୃଷ୍ଠାରେ)

ବହୁ ଚର୍ଚ୍ଚିତ ରାମଚନ୍ଦ୍ର ବେହେରା ହତ୍ୟା ମାମଲା

## ୫ ହତ୍ୟାକାରୀଙ୍କୁ ଫାଶୀ ଦଣ୍ଡାଦେଶ

ଆନନ୍ଦପୁର, ୬।୩ (ସବ୍ୟୁ) : ଆନନ୍ଦପୁରର ବହୁଚର୍ଚ୍ଚିତ ରାମଚନ୍ଦ୍ର ବେହେରା ହତ୍ୟାକାଣ୍ଡର ବିଚାର କରି କେନ୍ଦୁଝର ଅତିରିକ୍ତ ଓ ଦୌରାଜଜ୍ ୫ ହତ୍ୟାକାରୀଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି । ବହୁଚର୍ଚ୍ଚିତ ଏହି ମାମଲାରେ ୫୩ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଅତିରିକ୍ତ ଜିଲ୍ଲା ଓ ଦୌରାଜଜ କୋର୍ଟରେ କେସ ନଂ ୪୨/୧୯ ଭାରତୀୟ ଦଣ୍ଡ ବିଧାନ ଆଇନର ଦଫା ୩୦୨, ୧୨୦ ବି, ୨୦୧ ଓ ଆର୍ମସ ଆକ୍ଟର ଧାରା ୨୫ ଓ ୨୭ ଅନୁଯାୟୀ ମାମଲା ବିଚାରଧୀନ ଥିବା ବେଳେ ୨୦୨୩ ନଭେମ୍ବର ୨୦ ତାରିଖରେ ଅଭିଯୁକ୍ତମାନଙ୍କର



ଜମାନବନ୍ଦୀ ଶେଷ ହୋଇଥିଲା । ଦୀର୍ଘ ୫ ବର୍ଷ ତଳେ ସାଧାରଣ ନିର୍ବାଚନ ପୂର୍ବରୁ ଏହି ହତ୍ୟାକାଣ୍ଡ ହୋଇଥିବା ବେଳେ ଏବେ ଏହାର ଶୁଣାଣିକୁ ନେଇ ଚାରିଆଡେ ଚର୍ଚ୍ଚା ଲାଗି ରହିଥିଲା । ଏହି ମାମଲାରେ ମେ' ମାସ ୨୨ ତାରିଖରେ ପୋଲିସ ଚାର୍ଜସିଟ ଦାଖଲ କରିଥିବା ବେଳେ ମୋଟ ୧୧ ଜଣ ମୁଦାଲାଙ୍କ ମଧ୍ୟରୁ ୬ ଜଣଙ୍କ ନାମରେ ଚାର୍ଜସିଟ ଦାଖଲ (୯ ପୃଷ୍ଠାରେ)



### ଭୁବନେଶ୍ୱର ଗୋଠପାଟଣାଠାରେ

# ପ୍ରଥମ 'ଆଦିବାସୀ ଭବନ'ର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ରାଜଧାନୀର ଗୋଠପାଟଣାଠାରେ ପ୍ରଥମ 'ଆଦିବାସୀ ଭବନ'ର ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟ ଅଟକଳରେ କରାଯାଉଥିବା ଏହି ଭବନ ଆଦିବାସୀ କଳା,

**ଖର୍ଚ୍ଚ ହେବ ୧୦୦ କୋଟି ଟଙ୍କା**

ସଂସ୍କୃତି ଓ ବିକାଶର ବିଚାରବିମର୍ଶ, ବୈଠକ, ସମ୍ମିଳନୀ ଓ ପ୍ରଦର୍ଶନ ପାଇଁ ଏକ ବହୁମୁଖୀ କେନ୍ଦ୍ର ଭାବେ ପରିଗଣିତ ହେବ । ରାଜ୍ୟର ଆଦିବାସୀ ଲୋକଙ୍କ ଉଦ୍ଦେଶ୍ୟରେ ସମର୍ପିତ ଏହି ଭବନ ନବୀନ ଓଡ଼ିଶା ସଶକ୍ତ ଓଡ଼ିଶାର ପରିକଳ୍ପନାକୁ ସାକାର କରିବା ଦିଗରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅନୁଯାୟୀ, ଏହି ପ୍ରସ୍ତାବିତ ଭବନର ଆବଶ୍ୟକତା ବିଷୟରେ ବିଭିନ୍ନ ଜନଜାତି ଗୋଷ୍ଠୀ ପକ୍ଷରୁ ୫-ଟି ଅଧିକ କାର୍ତ୍ତିକ ପାଣ୍ଡିଆନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହା କାର୍ଯ୍ୟକ୍ଷମ ହେଲେ ଆଦିମ ଜନଜାତି ସମେତ ୬୪ଟି ଅନୁସୂଚିତ



ଜନଜାତି ବର୍ଗର ଆଦିବାସୀ ଲୋକ ଉପକୃତ ହେବେ । ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଇଁ ରାଜ୍ୟସ୍ତରୀୟ ପ୍ରଶାସନର ଏକ ପ୍ରକଳ୍ପ ଭାବରେ ବିକଶିତ ହେବାକୁ ଥିବା ଏହି ବହୁମୁଖୀ ସୁବିଧା କେନ୍ଦ୍ର ଆଦିବାସୀଙ୍କ ଆବଶ୍ୟକତାକୁ ପୂରଣ କରିବାରେ ମଧ୍ୟ ସହାୟକ ହେବ । ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଆଦିବାସୀ ସମ୍ପ୍ରଦାୟର ସଦସ୍ୟମାନଙ୍କ ପାଇଁ ସୁବିଧାରେ ରହିବାର ବ୍ୟବସ୍ଥା କରିବ ଏହି 'ଆଦିବାସୀ ଭବନ' । ଏଥି ସହିତ ଅନୁସୂଚିତ ଜନଜାତି ସମୁଦାୟ ପ୍ରାୟତଃ ଭିନ୍ନ ଭିନ୍ନ ସାଂସ୍କୃତିକ ପ୍ରଥା, ଖାଦ୍ୟ ପସନ୍ଦ ଏବଂ ସାମାଜିକ ମାନଦଣ୍ଡ ବଜାୟ ରଖନ୍ତି । ଏହି ଭବନ ସେମାନଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ସହିତ ସେମାନଙ୍କ ସାଂସ୍କୃତିକ ସମ୍ବେଦନଶୀଳତାକୁ ମଧ୍ୟ ସମ୍ମାନ ଦେବ । ଏଠାରେ ସ୍ୱାସ୍ଥ୍ୟ ସେବା ସୁବିଧା, ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସୁବିଧା ସମ୍ପର୍କରେ ସୂଚନା ଓ ସହାୟତା ମିଳିପାରିବ । ଏଠାରେ ଆଦିବାସୀମାନଙ୍କ କଳାକୃତି ଏବଂ ପାରମ୍ପରିକ ବସ୍ତ୍ର ଉଭୟ ପ୍ରଦର୍ଶନ ଏବଂ ବିକ୍ରୟ ପାଇଁ ସୁଯୋଗ ରହିବ । କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ରୂପାରୋଶନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ରାଜ୍ୟ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା, ନିର୍ଦ୍ଦେଶକ ଅନୁସୂଚିତ ଜନଜାତି ଇନ୍ଦ୍ରମଣୀ ତ୍ରିପାଠୀ ଏବଂ ବିଭାଗୀୟ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

### ଦେବଗଡ଼ର ଶତାଧିକ ନେତାଙ୍କୁ ଦଳରେ ସ୍ୱାଗତ

# ଓଡ଼ିଶାରେ ବିଜେପି ପ୍ରତି ଆସ୍ଥା ପ୍ରତିଦିନ ବଢୁଛି: ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ଦେବଗଡ଼ ଜିଲ୍ଲା ସମେତ ସମଗ୍ର ଓଡ଼ିଶାରେ ଭାରତୀୟ ଜନତା ପାର୍ଟି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି ଆସ୍ଥା କ୍ରମାଗତ ଭାବରେ ବୃଦ୍ଧି ପାଉଛି ବୋଲି ବୁଧବାର ଭୁବନେଶ୍ୱର ଠାରେ ଆୟୋଜିତ ମିଶ୍ରଣ ପର୍ବରେ ଦେବଗଡ଼ ନିର୍ବାଚନମଣ୍ଡଳୀର ଶତାଧିକ ବିଜେଡ଼ି ଓ କଂଗ୍ରେସ ନେତା ଓ ଶତାଧିକ ସମର୍ଥକଙ୍କୁ ଦଳରେ ସ୍ୱାଗତ କରିବା ଅବସରରେ କହିଛନ୍ତି କେନ୍ଦ୍ର, ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।



ଶ୍ରୀ ପ୍ରଧାନ ଏହି ମିଶ୍ରଣ ପର୍ବରେ ଦେବଗଡ଼ର ବିଜେଡ଼ିର ପୂର୍ବତନ କାଉନସିଲର ସୁଜିତ କୁମାର ପ୍ରଧାନ(ଟିକନୁ), ଦେବଗଡ଼ ମ୍ୟୁନିସିପାଲଟିର ପୂର୍ବତନ ଅଧ୍ୟକ୍ଷ ପ୍ରଣବ କୁମାର ପ୍ରଧାନ(ବଡ), କଂଗ୍ରେସର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ସାହୁ, ଦେବଗଡ ନଗର ପୂର୍ବତନ ବିଜେଡି ସଭାପତି ଦିଲ୍ଲୀପ କୁମାର ପାତ୍ର, ଦେବଗଡ ମ୍ୟୁନିସିପାଲଟିର ପୂର୍ବତନ କାଉନସିଲର ନବୀନ କୁମାର ପାଣି, ସୁଦାମ ବୁଡ, କଂଗ୍ରେସର ପୂର୍ବତନ ସରପଞ୍ଚ କ୍ଷୀରସାଗର ପ୍ରଧାନଙ୍କ ସମେତ ଆଇନଜୀବୀ, ସମାଜସେବୀ, ଚାଷୀ, ଶିକ୍ଷାବିତ, ଯୁବଶକ୍ତି, ସାମାଜିକ ନେତୃତ୍ୱଙ୍କୁ ଦଳରେ ସ୍ୱାଗତ କରିଥିଲେ । ଉଲ୍ଲେଖନୀୟ ଯେ ଏହି ମିଶ୍ରଣ ପର୍ବରେ ଦେବଗଡ଼ ନିର୍ବାଚନମଣ୍ଡଳୀର ବଙ୍କିମ ପ୍ରଧାନ, ସନି ରାଉଳ, ସୁଜିତ କୁମାର ପ୍ରଧାନ, ମୀନକେତନ ପ୍ରଧାନ, ନବ ବେହେରା, ପପୁ ପ୍ରଧାନ, ସୁଦାମ ପ୍ରଧାନ, ତ୍ରିଲୋଚନ ପ୍ରଧାନ, ଟଙ୍କଧର ପ୍ରଧାନ ପ୍ରମୁଖଙ୍କ ସମେତ ଅନେକ ସମର୍ଥକ ଦଳରେ ଯୋଗଦେଇଥିଲେ ।

## ପୁରୁଲିଆରେ ଅତ୍ୟାଧୁନିକ ସମନ୍ୱିତ ଇସ୍ପାତ କାରଖାନା ପ୍ରତିଷ୍ଠା କଲା ଶାମ ଷ୍ଟିଲ

ଭୁବନେଶ୍ୱର, (ସବ୍ୟୁ): ପଶ୍ଚିମବଙ୍ଗର ମୁଖମନ୍ତ୍ରୀ ମମତା ବାନାର୍ଜୀଙ୍କ ଆଭାସୀରେ ଉପସ୍ଥିତିରେ ଶାମ ଷ୍ଟିଲ ପଶ୍ଚିମବଙ୍ଗର ପୁରୁଲିଆସ୍ଥିତ ଜେଏସକେ-୨୦ରେ ତାହାର ଚତୁର୍ଥ ସମନ୍ୱିତ ଇସ୍ପାତ କାରଖାନା ଉଦଘାଟନ କରିଛି । ୧୯୫୩ରେ ସ୍ଥାପିତ ଶାମ ଷ୍ଟିଲ ନିରନ୍ତର ଭାବରେ ଉତ୍କର୍ଷର ନିଦର୍ଶନ ଦେଖାଇ ଆସିଛି । ରଘୁନାଥପୁର ଷ୍ଟିଲ ପ୍ଲାଣ୍ଟ ୧୫୦୦ କୋଟି ଟଙ୍କାର ମୂଳଧନ ବିନିଯୋଗରେ ସ୍ଥାପନ କରାଯାଇଥିବା ବେଳେ ଏହା ନବସୃଜନ, ନିଯୁକ୍ତି ସୃଷ୍ଟି ଏବଂ ଦୀର୍ଘସ୍ଥାୟୀ ଅଭିବୃଦ୍ଧି ଦିଗରେ ଶାମ ଷ୍ଟିଲର ଦୃଢ ପ୍ରତିବଦ୍ଧତାର ଏକ ମଜଭୁତ ପ୍ରମାଣ ହୋଇଛି। ଏହାର ସମ୍ପ୍ରସାରଣର ପ୍ରଥମ ପର୍ଯ୍ୟାୟରେ କାରଖାନା ବାର୍ଷିକ ୧.୧୯ ନିୟୁତ ଟନ ଇସ୍ପାତ ଉତ୍ପାଦନ କ୍ଷମତା ହାସଲ କରିଛି। ଏହି ଅତ୍ୟାଧୁନିକ କାରଖାନାରେ ଡିଆରଆଇ ପ୍ଲାସ, ପାଓ୍ୱର ପ୍ଲାଣ୍ଟ, ଷ୍ଟିଲ ମେଲଟିଂ ସପ ଏ । ପୁରୁଷୋତ୍ତମ ବେରିଓ୍ୱାଲା, ଡାଇରେକ୍ଟର, ଶାମ ଷ୍ଟିଲ ଇଣ୍ଡଷ୍ଟ୍ରିଜ କହିଛନ୍ତି, 'ରଘୁନାଥପୁର ଷ୍ଟିଲ ପ୍ଲାଣ୍ଟ ଉଦଘାଟନ ଅଭିବୃଦ୍ଧି ଓ ନବସୃଜନ ଦିଗରେ ଆମର ନିରଳସ ଯାତ୍ରାରେ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହୋଇଛି। ଏହି ରଣକୌଶଳାତ୍ମକ ସମ୍ପ୍ରସାରଣ ଆମର ସାମର୍ଥ ବୃଦ୍ଧି କରିବା ଏବଂ ଆମର ବହୁମୂଲ୍ୟ ଗ୍ରାହକଙ୍କୁ ଉନ୍ନତର ସେବା ଯୋଗାଇଦେବାକୁ ରହିଥିବା ଲକ୍ଷ ସହିତ ଓତଃପ୍ରୋତ ଭାବରେ ଜଡିତ।

### ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହ ଦୁଇ ଏମଓୟୁ

# ସରକାରଙ୍କ 'ମିଶନ ଜିରୋ କାଜୁଆଲିଟି'କୁ ସହାୟକ ହେବ

ଭୁବନେଶ୍ୱର(ସବ୍ୟୁ): ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହିତ କେରଳର ଅମୃତା ବିଶ୍ୱ ବିଦ୍ୟାପୀଠମ୍ ଏବଂ ବ୍ୟାଙ୍କକ ମୁଖ୍ୟ କାର୍ଯ୍ୟାଳୟ ଥିବା ଆଞ୍ଚଳିକ ସମନ୍ୱିତ ବହୁମୁଖୀ-ବିପର୍ଯ୍ୟୟ ସଂପର୍କରେ ଆଗୁଆ ସତର୍କ ସୂଚନା ବ୍ୟବସ୍ଥା ଅନୁଷ୍ଠାନ (ରାଇମସ୍) ସହିତ ପୃଥକ୍ ଭାବେ ୨ଟି ବୁଝାମଣା ପତ୍ର(ଏମଓୟୁ) ବୁଧବାର ସ୍ୱାକ୍ଷରିତ ହୋଇଛି । ଏହି ସହଭାଗିତା ସରକାରଙ୍କର ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତିକୁ ସୁଦୃଢ କରିବା ସହ ଓଡ଼ିଶାର ଜନସାଧାରଣଙ୍କୁ ବିପର୍ଯ୍ୟୟର ପୂର୍ବାନୁମାନ ତଥା ପ୍ରାରମ୍ଭିକ ଚେତାବନୀ



**କେରଳର ଅମୃତା ବିଶ୍ୱ ବିଦ୍ୟାପୀଠମ୍ ସହିତ ଭୂସ୍ଖଳନ ବିପର୍ଯ୍ୟୟ ପରିଚାଳନା**

**ବ୍ୟାଙ୍କକର ରାଇମସ ଅନୁଷ୍ଠାନ ସହିତ ବହୁମୁଖୀ ପ୍ରଭାବ ଆଧାରିତ ବିପର୍ଯ୍ୟୟ ପୂର୍ବାନୁମାନ**

ଦର୍ଶାଇପାରିବ । ଓଡ଼ିଶାର ଜନସାଧାରଣଙ୍କୁ ବିପର୍ଯ୍ୟୟ ପ୍ରସ୍ତୁତିରେ ମୁଖ୍ୟସ୍ରୋତରେ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରି ସଶକ୍ତ ଓଡିଶା ଗଠନ କରିବାରେ ଏହା ସହାୟକ ହେବ । ବୁଝାମଣା ପତ୍ରଗୁଡ଼ିକ ସରକାରଙ୍କ 'ମିଶନ ଜିରୋ କାଜୁଆଲିଟି' ଏବଂ 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' ଉଦ୍ୟମକୁ ସଫଳ କରାଇବା ଦିଗରେ ସହାୟକ ହେବ ।

ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଓସଡମାର ପରିଚାଳନା ନିର୍ଦ୍ଦେଶକ ସତ୍ୟବ୍ରତ ସାହୁଙ୍କ ଉପସ୍ଥିତିରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି ।ଏହି ଅବସରରେ ମୁଖ୍ୟ ସଚିବ ଶ୍ରୀ ଜେନା କହିଥିଲେ ଯେ, ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ଶ୍ରେଷ୍ଠ ରାଜ୍ୟ ଭାବେ ପରିଚିତ ହୋଇଛି । ବିପର୍ଯ୍ୟୟ ପ୍ରାକ୍ ପ୍ରସ୍ତୁତି ହେଉ, ବିପର୍ଯ୍ୟୟ ସମୟରେ ପରିଚାଳନା ହେଉ, ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ ହେଉ କିମ୍ବା ବିପର୍ଯ୍ୟୟ ମୁକାବିଲା ରଣନୀତି ଆପଣାଇବା ହେଉ, ଆମେ ପ୍ରତ୍ୟେକ ଥର ଆମର ସର୍ବୋତ୍ତମ ପ୍ରଦର୍ଶନ କରିବାକୁ ଚେଷ୍ଟା କରୁଛୁ । ସ୍ୱାକ୍ଷରିତ ବୁଝାମଣା ପତ୍ର ବିପର୍ଯ୍ୟୟ ପ୍ରସ୍ତୁତି ଦିଗରେ ଯୁବପିଢ଼ିଙ୍କ ଦକ୍ଷତା ବୃଦ୍ଧିରେ ସହାୟକ ହେବ ବୋଲି ସେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସାହୁ କହିଥିଲେ ଯେ, ଓଡିଶା ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ଭାବେ ସୁନାମ ଅର୍ଜନ କରିଛି । ଆଜିର ସ୍ୱାକ୍ଷରିତ ଉଭୟ ବୁଝାମଣାପତ୍ର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଏହାର କାର୍ଯ୍ୟକାରିତା ପାଇଁ ସେ ସମସ୍ତ ଅଂଶୀଦାରମାନଙ୍କ ସହଯୋଗ କାମନା କରିଥିଲେ । ଏହି ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ଓସଡମାର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜ୍ଞାନଦାସ ଉପସ୍ଥିତ ଥିବା ବେଳେ ସାଧାରଣ ପରିଚାଳକ ସୁମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

### ଉତ୍ତର ପ୍ରଦେଶ ଅବଶିଷ୍ଟ ଲୋକସଭା ଆସନ

# ପ୍ରାର୍ଥୀ ଚୟନ ନେଇ ବୈଜୟନ୍ତ ପଣ୍ଡାଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର, (ସବ୍ୟୁ): ବରିଷ୍ଠ ବିଜେପି ନେତା ତଥା ରାଷ୍ଟ୍ରୀୟ ଉପସଭାପତି ଏବଂ ଉତ୍ତର ପ୍ରଦେଶ ନିର୍ବାଚନ ପ୍ରଭାରୀ ବୈଜୟନ୍ତ ପଣ୍ଡା ଉତ୍ତର ପ୍ରଦେଶର ଅବଶିଷ୍ଟ ୨୮ଟି ଲୋକସଭା ଆସନରେ ପ୍ରାର୍ଥୀ ତାଲିକା ଚୂଡାନ୍ତ କରିବା ପାଇଁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ ପି ନଡ୍ଡାଙ୍କ ନିର୍ଦ୍ଦେଶକ୍ରମେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେବା ପାଇଁ ଆଜି ଲକ୍ଷ୍ନୌ ଗସ୍ତ କରିଛନ୍ତି ।

ଆଗାମୀ ଲୋକସଭା ନିର୍ବାଚନରେ ଏନ୍‌ଡିଏ ୪୦୦ ପାର ଲକ୍ଷ୍ୟ ରଖିଥିବାବେଳେ, ବୈଜୟନ୍ତଙ୍କୁ ୧୦୧ ଲୋକସଭା ଆସନର ଗୁରୁଦାୟିତ୍ୱ କେନ୍ଦ୍ର ନେତୃବୃନ୍ଦ ଦେଇଛନ୍ତି । ଏହି ଲକ୍ଷ୍ୟ ପୂରଣ ଉଦ୍ଦେଶ୍ୟରେ ବୈଜୟନ୍ତ ମାରାଥନ ବୈଠକ କରି ପ୍ରାର୍ଥୀ ଚୟନ ଓ ନିର୍ବାଚନ ରଣନୀତି ପ୍ରସ୍ତୁତ କରୁଛନ୍ତି । ଆଜି ବୈଠକରେ ଉତ୍ତର ପ୍ରଦେଶରେ ଅବଶିଷ୍ଟ ୨୮ଟି ଆସନ ପାଇଁ ପ୍ରାର୍ଥୀ ତାଲିକା ଚୂଡାନ୍ତ ହେବା ସହ କେନ୍ଦ୍ର ନେତୃବୃନ୍ଦଙ୍କ ଅନୁମୋଦନ ପାଇଁ ପଠାଯାଇଛି । ଏହି ବୈଠକରେ ବୈଜୟନ୍ତଙ୍କ ସହ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ରାଜ୍ୟ ସଭାପତି ଭୂପେନ୍ଦ୍ର ଚୌଧୁରୀ, ଦୁଇ ଉପ-ମୁଖ୍ୟମନ୍ତ୍ରୀ ଓ ପ୍ରଦେଶ ସଂଗଠନ ମହାମନ୍ତ୍ରୀ ଉପସ୍ଥିତ ଥିଲେ ।

## ମହାନଦୀ ବିହାର ସ୍ନାତକ ମହାବିଦ୍ୟାଳୟରେ ନୂଆ-ଓ ଛାତ୍ରୀବୃତ୍ତି ମାନପତ୍ର ପ୍ରଦାନ



କଟକ,(ସବ୍ୟୁ): ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ସରକାରଂକ ଦ୍ୱାରା ଛାତ୍ରୀବୃତ୍ତି ପ୍ରଦାନ କରାଯାଇଥିବା ବେଳେ ଛାତ୍ରୀମାନଙ୍କୁ ଅନୁଦାନ ପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇସାରିଛି । ଏକ ନିରାଡ଼ମ୍ବର କାର୍ଯ୍ୟକ୍ରମ ସଭାରେ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଲକ୍ଷ୍ମଣ ସାହୁ ଛାତ୍ରୀମାନଙ୍କୁ ଛାତ୍ରୀବୃତ୍ତି ମାନପତ୍ର ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ମୋଟ ୨୦୪ ଜଣ ଛାତ୍ରୀ ଏଥିରେ ସାମିଲ ହୋଇଛନ୍ତି । ରାଜ୍ୟ ସରକାରଙ୍କ ଠାରୁ ପ୍ରଦତ୍ତ ଅର୍ଥ ରାଶି ନିଜ ନିଜ ବ୍ୟାଙ୍କ ଖାତାକୁ ଆସି ଯାଇଥିବାରୁ ସେମାନଙ୍କ ମନରେ ଅପାର ଆନନ୍ଦର ଲହରୀ ଖେଳିଯାଇଛି । ଶିକ୍ଷା କ୍ଷେତ୍ରରେ ସରକାରଙ୍କ ଏହି ଅନୁଦାନ ଛାତ୍ରୀବୃତ୍ତି ଅର୍ଥ ଯଥେଷ୍ଟ ସହାୟକ ହେବ ବୋଲି ଅଭିଭାବକମାନେ ମତ ପ୍ରକାଶ କରିବା ସହିତ ସରକାରଙ୍କ ଏତାଦୃଶ ସହୃଦୟତାର ଉଚ୍ଚ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ଅଧ୍ୟାପିକା ନିରୁପମା ପାତ୍ର ସୂଚାରୁରୂପେ ସଂପାଦନା କରିଥିବା ବେଳେ ଅଧ୍ୟାପିକା ପ୍ରଣୟ ମଞ୍ଜରୀ ମହାନ୍ତି ଓ ମଧୁସ୍ମିତା ପ୍ରଧାନ ସହଯୋଗ କରିଥିଲେ । କାର୍ଯ୍ୟକ୍ରମକୁ ଗୀତାଞ୍ଜଳି ସେଥ ତଦାରଖ କରିଥିଲେ ।

## କାଠଯୋଡ଼ି ସାହିତ୍ୟ ସଂସଦ ସପ୍ତମ ବାର୍ଷିକୋତ୍ସବ

କଟକ, (ସବ୍ୟୁ) : କଟକ ଖାନନଗର ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ କାଠଯୋଡ଼ି ସାହିତ୍ୟ ସଂସଦର ସପ୍ତମ ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି । ସାନ୍ତ୍ୱନା ମହାନ୍ତିଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ଗୀତିକବି ନନ୍ଦକିଶୋର ସିଂହ ଓ ଶିଶୁ ସାହିତ୍ୟିକ ଡକ୍ଟର ବସନ୍ତ କିଶୋର ସାହୁ ଉଦଘାଟନ କରିଥିଲେ । ବରେଣ୍ୟ ଅତିଥି ଭାବେ କଣ୍ଠଶିଳ୍ପୀ ଶେଖର ଘୋଷ, ଉତ୍କଳ ସାହିତ୍ୟ ସମାଜର ଉପସଭାପତି ମନୋଜ ପଟ୍ଟନାୟକ, ମୁଖ୍ୟବକ୍ତା ଗୀତିକବି ବିପିନ ମହାନ୍ତି ସମ୍ମାନିତ ଅତିଥି ଭାବେ ଆଇନ ଜୀବି ମହିଜା ଦଳବେହେରା, ପ୍ରମିଳା ପତି ଓ ପ୍ରମୋଦ ପ୍ରଧାନ ଯୋଗ ଦେଇଥିଲେ।

## ବିଜୁବାବୁଙ୍କ ଜୟନ୍ତୀ ଅବସରରେ ବାସନ୍ତୀଙ୍କ ବିଭିନ୍ନ କାର୍ଯ୍ୟକ୍ରମ



ଖୋର୍ଦ୍ଧା, (ସବ୍ୟୁ): ଉତ୍କଳ ଜନନୀର ସୁଯୋଗ୍ୟ ସନ୍ତାନ ଓଡ଼ିଶାର ବରପୁତ୍ର ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜନ୍ମ ଜୟନ୍ତୀ ଦିବସରେ ରାଜ୍ୟ ବିଜୁ ମହିଳା ଜନତା ଦଳର ବରିଷ୍ଠ ଉପସଭାପତି ବାସନ୍ତୀ ମହାପାତ୍ର ବିଭିନ୍ନ ସ୍ଥାନରେ ବିଜୁ ବାବୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ସହ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରଥମେ ଖୋରଧା ଜିଲ୍ଲା ଟାଙ୍ଗୀ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ଓ ଦୁଗ୍ଧ ବଣ୍ଟନ ସହ ବୃଦ୍ଧାଶ୍ରମ, ମଙ୍ଗଳାଯୋଡ଼ି, ମୋଟାସ୍ଥିତ, ପାଣିଛତ୍ର ଚମ୍ପାଝରସ୍ଥିତ ବରିଷ୍ଠ ନାଗରିକ ନିବାସ ପଦ୍ମପୁର ଖଜୁରୀପଡ଼ାରେ ଥିବା ଜରାନିବାସରେ ପହଞ୍ଚି ଅନ୍ତେବାସୀଙ୍କ ସହ ମିଶି ବିଜୁବାବୁଙ୍କ ଜୟନ୍ତୀ ପାଳନ କରିଥିଲେ। ଅନ୍ତେବାସୀଙ୍କୁ ବସ୍ତ୍ର, ଫଳ ଏବଂ ଦୁଗ୍ଧ ଏବଂ ଅନ୍ୟାନ୍ୟ ଆସବାବ ପତ୍ର ବଂଟନ କରି ବିଜୁବାବୁଙ୍କ ଗୁଣଗାନ କରିଥିଲେ। ଅନ୍ୟ ପଟେ ଖୋରଧା ଉପକଣ୍ଠରେ ଥିବା ବିଜୁପଟ୍ଟନାୟକ ପାର୍କରେ ବିଜେଡ଼ି କର୍ମକର୍ତ୍ତା ଗହଣରେ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପୂର୍ବକ ବିଜୁ ଜନତା ଦଳର ସମସ୍ତ ସଦସ୍ୟ ସସଦ୍ୟାଙ୍କୁ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ।

## ଇମ୍ଫା ପରିସରରେ ୫୩ତମ ଜାତୀୟ ସୁରକ୍ଷା ଦିବସ

କଟକ/ଚୌଦ୍ୱାର (ସବ୍ୟୁ): ଚୌଦ୍ୱାର ସ୍ଥିତ ଇମ୍ଫା କାରଖାନା ପରିସର ରେ ୫୩ତମ ଜାତୀୟ ସୁରକ୍ଷା ଦିବସ ପାଳିତ ହୋଇ ଯାଇଛି । ଏଥିରେ କଟକ ଜୋନ - ୧ ର ଆସିଷ୍ଟାଣ୍ଟ ଡାଇରେକ୍ଟର (କାରଖାନା ଓ ବାଷ୍ପୀତ୍ର ବିଭାଗ) ସୁଧାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ । ସେ ସମସ୍ତ ଶ୍ରମିକ ତଥା ପଦସ୍ଥ ଅଧିକାରୀ




ମାନଙ୍କୁ ସୁରକ୍ଷା ଶପଥ ପାଠ କରାଇବା ସଙ୍ଗେ ସଙ୍ଗେ, ନିଜ ଉଦବୋଧନରେ ସୁରକ୍ଷା,କାରଖାନାରେ କାର୍ଯ୍ୟରତ ଥିବା ଶ୍ରମିକ ମାନଙ୍କ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ସେ ବିଷୟରେ ଅବଗତ କରାଇଥିଲେ । ଶ୍ରୀ ସାହୁ ନିଜ ଭାଷଣରେ ସ୍ୱାସ୍ଥ୍ୟ ତଥା ପରିବେଶ ପ୍ରତି ସଚେତନ ରହିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ଇମ୍ଫାର ମୁଖ୍ୟ ବିନୟ ଅଗ୍ରୱାଲ ସମସ୍ତଙ୍କୁ ସୁରକ୍ଷାର ମାନ ତଥା ସଚେତନ ରହି କାର୍ଯ୍ୟ କରିବା ଦ୍ୱାରା ନିଜର, ନିଜ ପରିବାର ଓ କାରଖାନା ର ମାନ କିପରି ବୃଦ୍ଧି ହୁଏ ସେ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ସର୍ବ ଶେଷରେ ମାନବ ସମ୍ବଳ ମୁଖ୍ୟ ଜି.ଏସ ପ୍ରସାଦ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥଲେ ।ଉକ୍ତ କାର୍ଯ୍ୟକ୍ରମକୁ ଚୌଦ୍ୱାର ସୁରକ୍ଷା ମୁଖ୍ୟ ଶଶାଙ୍କ ଶେଖର ସୁବୁଦ୍ଧିରାୟ ଓ ତାଙ୍କ ବିଭାଗୀୟ କର୍ମୀ ମାନେ ସୂଚାରୁରୂପେ ତୁଲାଇଥିଲେ ।

### ଓଡ଼ିଶା ଲଳିତ କଳା ଏକାଡ଼େମୀ ଦ୍ୱାରା ରାଜ୍ୟସ୍ତରୀୟ ମହିଳା ଚିତ୍ରଶିଳ୍ପୀ ଶିବିର

# କ୍ୟାନଭାସରେ ଆଙ୍କିଲେ ନାରୀ ପ୍ରଗତିର ବାର୍ତ୍ତା



ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାଲଳିତ କଳା ଏକାଡ଼େମୀ , ଓଡିଆ ଭାଷା ,ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଭୁବନେଶ୍ୱର ପାନ୍ଥନିବାସଠାରେ ଉଦ୍ଘାଟିତ ହୋଇଯାଇଛି ରାଜ୍ୟସ୍ତରୀୟ ନାରୀ ଚିତ୍ରଶିଳ୍ପୀ ଶିବିର । ଚିତ୍ରଶିଳ୍ପୀ ଶିବିରକୁ ଏକାଡ଼େମୀର ସଭାପତି ଅନ୍ତର୍ଜାତୀୟବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଉପସ୍ଥିତିରେ ଓଡିଆ ଭାଷା ,ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକଦୀଲିପ କୁମାର ରାଉତରାଏ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍ଘାଟନ କରିଥିଲେ । ପ୍ରାରମ୍ଭରେ ଏକାଡ଼େମୀର ସଚିବ ପଞ୍ଚାନନ ସାମଲ ଶିବିର ଆଭିମୂଖ୍ୟ ସମ୍ପର୍କରେ କହିଥିଲେ। ଏହି ଶିବିରରେ ବିଭିନ୍ନ ଜିଲ୍ଲାରୁ ମୋଟ ୪୦ ଜଣ ନାରୀ ଚିତ୍ରଶିଳ୍ପୀ ଅଂଶ ଗ୍ରହଣ କରିଥିଲେ । ଶିଳ୍ପୀମାନେ କ୍ୟାନଭାସରେ ନାରୀ ମନୋସ୍ଥକୁ ପରିପ୍ରକାଶ କରିବା ସହ ସାମ୍ପ୍ରତିକ ଓଡ଼ିଶାର ପ୍ରଗତିରେ ନାରୀ ପ୍ରଗତିକୁ ସୃଜନଶୀଳ ଢଙ୍ଗରେ ଅଙ୍କନ କରିଥିଲେ ,ଅଂଶଗ୍ରହଣକାରୀ ଶିଳ୍ପୀସ୍ମୃତିପଟ୍ଟନାୟକ, ସୁଖଲତା ଦାସ, ବିଧିକା ଦାସ, ଶୁଚେତାପ୍ରିୟବାଦୀନି , ମୋନାଲିସା ବିଶ୍ୱାଳ, ସାହିସ୍ତାନାଜ, ଶୁଭଲକ୍ଷ୍ମୀ ପତ୍ରୀ ପ୍ରମୁଖ ବହୁ ଶିଳ୍ପୀ ନିଜ ମନର ଭାବକୁ କ୍ୟାନଭାସରେ ଚିତ୍ରଣ କରିଥିଲେ ।

### ୮ ମାର୍ଚ୍ଚରୁ ଓ୍ୱିଜନେୟର ୨୦୨୪

## ବାର୍ଷିକ ଟେକ୍ନୋ-ମ୍ୟାନେଜମେଣ୍ଟ ଏକ୍ସଟ୍ରାଭାଗାଞ୍ଜା ପାଇଁ ଆଇଆଇଟି ଭୁବନେଶ୍ୱର ପ୍ରସ୍ତୁତ

ଭୁବନେଶ୍ୱର, (ସବ୍ୟୁ): ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱର ଏହାର ବାର୍ଷିକ ଟେକ୍ନୋ-ମ୍ୟାନେଜମେଣ୍ଟ ଫେଷ୍ଟ, ଓ୍ୱିଜନେୟର ୨୦୨୪ ଆୟୋଜନ କରିବାକୁ ଯାଉଛି । ଓ୍ୱିଜନେୟର ଏ ପର୍ଯ୍ୟନ୍ତ ୧୩ ଟି ସଂସ୍କରଣକୁ ସଫଳତାର ସହ ସମାପ୍ତ କରିଛିଛ ଏହି ତିନି ଦିନିଆ ଏକ୍ସଟ୍ରାଭାଗାଞ୍ଜା ନୂତନତ୍ୱ, ବୁଦ୍ଧିମତା ଏବଂ ମନୋରଞ୍ଜନର ଏକ ପ୍ରକୃଷ୍ଟ ସମନ୍ୱୟର ପ୍ରତିଶ୍ରୁତି ଦେଇଥାଏ, ଯାହା କି ସମଗ୍ର ଦେଶରୁ ଛାତ୍ରଛାତ୍ରୀ, ବୃତ୍ତିଗତ କାର୍ଯ୍ୟରତ ବ୍ୟକ୍ତି ଏବଂ ଉତ୍ସାହୀ ଜନତାଙ୍କୁ ଆକୃଷ୍ଟ କରିଥାଏ । ଏହି ଉତ୍ସବ ୮ ମାର୍ଚ୍ଚ ୨୦୨୪ ରେ ଆରମ୍ଭ ହେବ । ଡିଆରଡିଓର ସେଣ୍ଟର ଫର୍ ହାଇ ଏନର୍ଜି ସିଷ୍ଟମ ଆଣ୍ଡ ସାଇନ୍ସ (ଚେସ୍) ର ନିର୍ଦ୍ଦେଶକ ଡକ୍ଟର ଜଗନ୍ନାଥ ନାୟକ ଏହି ଉତ୍ସବର ଉଦଘାଟନ କରିବେ । ପରବର୍ତ୍ତୀ ଦୁଇ ଦିନରେ, ଅଂଶଗ୍ରହଣକାରୀ ଏବଂ ଉପସ୍ଥିତ ବ୍ୟକ୍ତିମାନଙ୍କ ପାଇଁ ବିଭିନ୍ନ ଇଭେଣ୍ଟ ଏବଂ କାର୍ଯ୍ୟକଳାପର ଆୟୋଜନ କରାଯିବ । ୧୦ ମାର୍ଚ୍ଚରେ ଏକ ଷ୍ଟାର୍ ନାଇଟ୍ ସହିତ ଏହି ଉତ୍ସବ ଉଦଯାପିତ ହେବ । ଏହି କାର୍ଯ୍ୟକ୍ରମରେ ଲୋକପ୍ରିୟ ଗାୟକ ଧ୍ୱନି ଭାନୁଶାଲି ସଂଗୀତ ପରିବେଷଣ କରିବେ । ଏହି ଉତ୍ସବରେ ଅତ୍ୟାଧୁନିକ ପ୍ରଦର୍ଶନୀ, କର୍ମଶାଳା, ରୋବୋଟିକ୍ସ ଏବଂ ଡ୍ରୋନ୍ ପ୍ରତିଯୋଗିତା ପ୍ରଦର୍ଶିତ ହେବ, ଯାହାକି ବୈଷୟିକ ତଥା ପ୍ରଯୁକ୍ତିବିଦ୍ୟା ଉତ୍ସାହୀମାନଙ୍କ ପାଇଁ ସେମାନଙ୍କର ଦକ୍ଷତା ଏବଂ ବୁଦ୍ଧିମତା ପ୍ରଦର୍ଶନ ପାଇଁ ଏକ ମଂଚ ପ୍ରଦାନ କରିବ ।

### ଆଶାରାମଜୀ ବାପୁଙ୍କର ଅବସ୍ଥା ଗମ୍ଭୀର

# ଇଚ୍ଛାନୁରୂପ ଚିକିତ୍ସା ପାଇଁ ଦାବି ଜଣାଇଲେ ଯୋଗ ବେଦାନ୍ତ ସମିତି

ଭୁବନେଶ୍ୱର, (ସବ୍ୟୁ): ଶ୍ରୀ ଯୋଗ ବେଦାନ୍ତ ସମିତି ନିର୍ଦ୍ଦେଶ ସନ୍ଥ ଆଶାରାମଜୀ ବାପୁଙ୍କୁ ତାଙ୍କର ଇଚ୍ଛା ଅନୁସାରେ ଚିକିତ୍ସା ସୁବିଧା ଉପଲବ୍ଧ କରିବା ନିମନ୍ତେ ଏବଂ ଶୀଘ୍ର ମୁକ୍ତି ନିମନ୍ତେ ଜ୍ଞାପନ ପ୍ରଦାନ। ଏହି ସମ୍ବନ୍ଧରେ ଯୋଗ ବେଦାନ୍ତ ସେବା ସମିତିର ପ୍ରବକ୍ତା ଶୈଳେନ୍ଦ୍ର ନାରାୟଣ ସେନାପତି ଜଣାଇଛନ୍ତି କି ମିଥ୍ୟା ଆରୋପରେ ସନ୍ଥଙ୍କୁ ଯୋଧପୁର କାରାଗୃହରେ




ରଖାଯାଇଛି। ୮୬ ବର୍ଷର ସନ୍ଥ ଆଶାରାମଜୀ ବାପୁଙ୍କର ସ୍ୱାସ୍ଥ୍ୟର ସ୍ଥିତି ଅତ୍ୟନ୍ତ ଗମ୍ଭୀର ଅଟେ। ଏବେ ୮୬ ବର୍ଷରେ ଏହି ବୟୋବୃଦ୍ଧ ଅବସ୍ଥାରେ ତାଙ୍କୁ ହୃଦ୍‌ରୋଗ, ପୌରୁଷ ଗ୍ରନ୍ଥିର ବୃଦ୍ଧି, ସନ୍ଧିବାତ ଓ ରକ୍ତ ହୀନତା ଇତ୍ୟାଦି ନୂଆ ରୋଗମାନେ ଘେରି ନେଇଛନ୍ତି। ଏମ୍‌ସ୍ ର ରିପୋର୍ଟ ଅନୁସାରେ ତାଙ୍କର ହୃଦୟର ୩ ଗମ୍ଭୀର (୯୯%, ୯୦% ଓ ୭୫%) ବ୍ଲକେଜ୍ ଅଛି। ବାପୁଜୀଙ୍କର ସବୁବେଳେ ରକ୍ତସ୍ରାବ ହେଉଛି ଏଥିପାଇଁ ତାଙ୍କର ହେମୋଗ୍ଲୋବିନ୍‌ର ସ୍ତର ସବୁବେଳେ ନିମ୍ନଗାମୀ ହେଉଛି। ଶ୍ରୀ ଯୋଗବେଦାନ୍ତ ସେବା ସମିତି ଏବଂ ସମସ୍ତ ସାଧକ ପରିବାର, ନାରୀ ସଂଗଠନ ଏବଂ ଅନେକ ହିନ୍ଦୁ ସଂଗଠନଙ୍କ ଦ୍ୱାରା ଏହି ପ୍ରାର୍ଥନା କରାଯାଇଛି କି ବାପୁଜୀଙ୍କୁ ତାଙ୍କର ଇଚ୍ଛାନୁସାରେ ଯଥୋଚିତ ସ୍ଥାନରେ ଚିକିତ୍ସା-ପଦ୍ଧତି ଦ୍ୱାରା ଉପଚାର ନିମନ୍ତେ ଶୀଘ୍ର ସୁବିଧାସୁଯୋଗ ଦେବା ଉଚିତ୍।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୫୩
ତିଥି : ଦ୍ୱାଦଶୀ
୦୭ ମାର୍ଚ୍ଚ ୨୦୨୪, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 153
07 March 2024, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାପରିଷଦ ପ୍ରୟାସ ସମ୍ମିଳନୀ କକ୍ଷ ଠାରେ ମାର୍ଚ୍ଚ ୮ତାରିଖରେ ପାଳନ ହେବାକୁ ଥିବା ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଆଜିର କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଭୁତି ଭୂଷଣ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଆମ ଜୀବନ ପାଇଁ ଆମେ ସବୁବେଳେ ଜଣେ ମହିଳା ଅର୍ଥାତ ଆମ ମାଙ୍କ ପାଖରେ ଋଣୀ ବୋଲି କହିଥିଲେ ।

ମୁଖ୍ୟବକ୍ତା ଭାବେ ଯୋଗଦେଇ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ମା ଓ ଭଉଣୀମାନଙ୍କ ପାଖରେ ଯେଉଁ ପ୍ରତିଭା, ଦକ୍ଷତା ଓ ସାହସିକତା ରହିଛି ତାହାକୁ ଆଗକୁ ଆଣିବା ଏବଂ ସବୁ କ୍ଷେତ୍ରରେ ସେମାନଙ୍କୁ ପ୍ରୋତ୍ସାହନ ଦେବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ । ସମ୍ମାନିତ ଅତିଥି ତଥା ଆଇସିଡିଏସ, ଜିଲ୍ଲା ସଂଯୋଜକ ଅଞ୍ଜଳି ଦାସ କହିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ ଯୋଗଦେଇ ମହିଳାମାନେ ପୁରୁଷମାନଙ୍କ ଠାରୁ ଅଧିକ ଦାୟିତ୍ୱବାନ ଓ କର୍ତ୍ତବ୍ୟପରାୟଣ ହୋଇଥିବାବେଳେ ମହିଳାମାନେ ନିଜ ଅଧିକାର ପାଇଁ ସ୍ୱତଃ ପ୍ରବୃତ ଭାବେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ, ମିଶନଶକ୍ତି ଜିଲ୍ଲା ସଭାପତି ବିଷ୍ଣୁପ୍ରିୟା ଦାସ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କର ଯେଉଁ ଅବଦାନ ରହିଛି, ଯେଉଁ ସବୁ କ୍ଷେତ୍ରରେ ମହିଳାମାନେ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରିଛନ୍ତି ସେ ସବୁ ଉପରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ ।

ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରିଣୀ ଅନ୍ନପୂର୍ଣ୍ଣା ସିଙ୍କୁ ଏବଂ ଆମେରିକୀୟ ଭାରତୀୟ ଫାଉଣ୍ଡେସନ, ସଦସ୍ୟ ରାଜକିଶୋର ଶର୍ମା ଆଲୋକପାତ କରିଥିଲେ । ଏହି ପରିପ୍ରେକ୍ଷୀରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି, ଜିଲ୍ଲାରେ ମିଶନ ଶକ୍ତି ମହିଳା ଓ ସବାଇ ଘାସ ୟୁନିଟର ମହିଳା କର୍ମକର୍ତ୍ତା ମାନଙ୍କର ଉଲ୍ଲେଖନୀୟ କାର୍ଯ୍ୟ ଉପରେ ଆଧାରିତ ଭିଡିଓ ଓ ଏକ କ୍ଷୁଦ୍ର ଫିଲ୍ମ ପ୍ରଦର୍ଶନ କରାଇଥିଲେ ।

ଏହି ଅବସରରେ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀକୁ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସମ୍ମାନିତ କରାଯିବା ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ପରିଶେଷରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଅନ୍ନପୂର୍ଣ୍ଣା ସିଙ୍କୁ କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହିତ ସଭାରେ ଧନ୍ୟବାଦ ଅର୍ପଣ କରିଥିଲେ ।

### ଝରଣା ସାହି ମହିଳାଙ୍କ ହତ୍ୟା

## ହତ୍ୟାକାରୀ ଗିରଫ, ବଟାଳି ଜବତ

ଭୁବନେଶ୍ୱର, (ସବ୍ୟୁ) : କ୍ୟାପିଟାଲ ଥାନା ଅନ୍ତର୍ଗତ ଝରଣାସାହିରେ ରହୁଥିବା ଜଣେ ମହିଳାଙ୍କୁ ଗତମାସ ୨୭ ତାରିଖରେ ହତ୍ୟାକାରୀ ହତ୍ୟା କରିବା ଫେରାର ହୋଇଯାଇଥିଲା । ଫେରାର ହତ୍ୟାକାରୀ କାଲୁ ଓରଫ ନନ୍ଦ କିଶୋର ଓଝାକୁ ତା' ସାଙ୍ଗ କାରଖାନାରୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି ।

ବାଲେଶ୍ୱର ଜଳେଶ୍ୱରର ଦୀପିକା ରଞ୍ଜିତ ତାଙ୍କ ସ୍ୱାମୀଙ୍କ ଝରଣା ସାହିରେ ରୁହନ୍ତି । ବାପୁଜୀନଗରରେ ତାଙ୍କର ଏକ ମୋବାଇଲ ଦୋକାନ ଅଛି । ସେହି ମୋବାଇଲ ଦୋକାନର ଆଭ୍ୟନ୍ତରୀଣ ସାଜସଜ୍ଜା କାମ କରୁଥିଲା ନନ୍ଦ କିଶୋର । ନନ୍ଦ କିଶୋର ଦୋକାନରେ କାମ କରିବା ସହ ତାଙ୍କ ଘରେ ରହୁଥିଲା । ୨୦ ଦିନ କାମ କରିବା ସହ ଘରେ ରହିବା ପରେ ଦୀପିକା ସହ ସମ୍ପର୍କ ନିବିଡ଼ ହୋଇଥିଲା । ଦୀପିକାକୁ ଫେରାର ହୋଇଯିବାକୁ ବାରମ୍ବାର ନନ୍ଦକିଶୋର କହୁଥିଲେ ମଧ ସେଥିରେ ସେ ରାଜି ହୋଇ ନଥିଲା । ନନ୍ଦକିଶୋର କଥା ଦୀପିକା ନଶୁଣିବାରୁ ସେ ଉତ୍‌କ୍ଷିପ୍ତ ହୋଇ ଗତ ୨୭ ତାରିଖ ଦିନ ରହୁଥିବା ଘର ସାମ୍ନାରେ ତାଙ୍କୁ ବଟାଳି ମାଡ଼ କରିଥିଲା । ଦୀପିକା ଚିତ୍କାର କରି ପଡ଼ିଶା ଘରକୁ ପଶିଯିବା ସହ ତାଙ୍କୁ ନନ୍ଦ କିଶୋର ଛୁରାମାଡ଼ କରିଥିବା କହିଥିଲେ । ଏହି ଖବର ପାଇବା ପରେ ସ୍ୱାମୀ ଘରେ ପହଞ୍ଚି ଆହତ ପତ୍ନୀଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ । ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

କ୍ୟାପିଟାଲ ଥାନାରେ ମହିଳାଙ୍କ ସ୍ୱାମୀ ଏତଲା କରିବା ପରେ ପୋଲିସ ଛାନ୍‌ଭିନ୍ କରି ନନ୍ଦ କିଶୋରକୁ ତା' ସାଙ୍ଗ କାରଖାନାରୁ ଗିରଫ କରିଛି । ଗିରଫ କରିବା ପରେ ନନ୍ଦକିଶୋର ଡଷ୍ଟବିନ୍‌କୁ ଫୋପାଡ଼ିଥିବା ବଟାଳି ଜବତ କରାଯାଇଛି । ଏଥିସହ ସେ କିପରି ହତ୍ୟା କରିଥିଲା ଘଟଣାସ୍ଥଳରେ ସିନ୍ ରି କ୍ରିଏସନ କରି ପୋଲିସକୁ ଦେଖାଇବା ପରେ ବୁଧବାର ତାକୁ କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଜେଲ ହାଜତ ପଠାଇ ଦିଆଯାଇଛି ।

### ଖୋର୍ଦ୍ଧା ବ୍ଲକରେ ବିଏସକେୱାଇ ନବୀନ କାର୍ଡ ବିତରଣ

## ୨୧୦୩ ହିତାଧିକାରୀ ହେଲେ ଉପକୃତ



ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧାରେ ଶୁଭାରମ୍ଭ ହୋଇଛି ବିଏସକେୱାଇ ନବୀନ କାର୍ଡ। ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭସି ମାଧ୍ୟମରେ ଏହି କାର୍ଡ ର ଶୁଭାରମ୍ଭ କରିଥିଲେ । ଖୋର୍ଦ୍ଧା ଜିଲ୍ଲାର ୧୦ଟି ବ୍ଲକ ରେ କାର୍ଡ ବଂଟନ କରାଯାଇଥିଲା । ଜିଲ୍ଲାରେ ମୋଟ ଜିଲ୍ଲାରେ ୨୧୦୧୮ ଟି ହିତାଧିକାରୀ ଏହି ନୂଆ କାର୍ଡ ପାଇ ଖୁସି ବ୍ୟକ୍ତ କରିଥିଲେ ।

ତେବେ ଖୋର୍ଦ୍ଧା ବ୍ଲକ ନିମନ୍ତେ ସ୍ଥାନୀୟ ହାବେଳୀ ପଡିଆଠାରେ ଆୟୋଜିତ ସଭାରେ ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଜିଲ୍ଲାପରିଷଦ ଅଧକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ଜିଲ୍ଲାପାଳ ଚଞ୍ଚଳ ରାଣା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଡଃ ବାଦଲ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ତେବେ ଜିଲ୍ଲାପରିଷଦ ଅଧକ୍ଷା ଶ୍ରୀମତୀ ଗୁମାନସିଂହ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀଙ୍କର ଏତାଦୃଶ ସାସ୍ଥ୍ୟ କଲ୍ୟାଣ ଯୋଜନାକୁ ଖୋର୍ଦ୍ଧା ଜିଲା ତରଫରୁ କୃତଜ୍ଞତା ଜ୍ଞାପନ କରିଥିଲେ । ଏଠାରେ ଖୋର୍ଦ୍ଧା ବ୍ଲକର ୨୧୦୩ ହିତାଧିକାରୀଙ୍କୁ କାର୍ଡ ଦିଆଯାଇଛି । ତନ୍ମଧରେ ଗୋଳବାଇ ଶାସନ ପଞ୍ଚାୟତ ୯୦, କେରଙ୍ଗ ପଞ୍ଚାୟତ ୮୧, ବରସାହି ପଞ୍ଚାୟତ ୮୪, ମଲିପୁର ପଞ୍ଚାୟତ ୨୧୩, ଓରବରସିଂହ ପଞ୍ଚାୟତ ୧୮, ହଳଦିଆ ପଞ୍ଚାୟତ ୧୬୯, ପଲ୍ଲାତୋଟାପଡା ପଞ୍ଚାୟତ ୫୦, ଗୋଡିପଡା ପଞ୍ଚାୟତ ୬୪, ନରଣଗଡ ପଞ୍ଚାୟତ ୫୧, ବଙ୍ଗିଦା ପଞ୍ଚାୟତ ୪୭, ବ୍ରଜମୋହନପୁର ପଞ୍ଚାୟତ ୧୮, ବାଜପୁର ପଞ୍ଚାୟତ ୭୯, ପୁରୁସାହି ପଞ୍ଚାୟତ ୧୫୩, ଧଉଳିମୁହଁ ପଞ୍ଚାୟତ ୯୧, ଟାଙ୍ଗିଆପଡା ପଞ୍ଚାୟତ ୧୩୫, ନନ୍ଦପୁର ପଞ୍ଚାୟତ ୫୬, କୁରାଡମଲ୍ଲ ପଞ୍ଚାୟତ ୭୧, ନିଜିଗଡ ଟାପଙ୍ଗ ପଞ୍ଚାୟତ ୧୦୮, ନାଳିପଡା ଅର୍ଜୁନପୁର ପଞ୍ଚାୟତ ୧୬୧, ଜଙ୍କିଆ ପଞ୍ଚାୟତ ୮୬, କାଇପଦର ପଞ୍ଚାୟତ ୧୯୩ ଏବଂ କଂପୁର ପଞ୍ଚାୟତର ୮୫ ହିତାଧିକାରୀ ଉପକୃତ ହେବେ ।

ଏଠାରେ ଅନ୍ୟମାନଙ୍କ ମଧରେ ଖୋର୍ଦ୍ଧା ପଞ୍ଚାୟତସମିତି ଅଧକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ଉପାଧକ୍ଷ ପ୍ରକାଶ ସାମନ୍ତରାୟ, ବିଡିଓ କ୍ଷୀରାବ୍ଧୀତନୟା ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ, ସିଡିପିଓ ପ୍ରମୁଖଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ସଭା ସ୍ଥଳରେ ଉପସ୍ଥିତଥିଲେ । ୨୨ଟି ପଞ୍ଚାୟତର ଅଧିକାଂଶ ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ୱାର୍ଡମେମ୍ବର, ସୟଂସହାୟକ ଗୋଷ୍ଠୀ, ମିଶନଶକ୍ତି ମହିଳାମାନେ ଉପସ୍ଥିତ ଥିଲେ ।

## ରବିରାୟଙ୍କ ପୁଣ୍ୟତିଥିରେ 'ସୁଲଭ ଚିକିତ୍ସା-ଏକ ଜନ୍ମଜାତ ଅଧିକାର ଶୀର୍ଷକ' ଆଲୋଚନାଚକ୍ର

କଟକ ,(ସବ୍ୟୁ): ବିଶ୍ୱର ଉତ୍କୃଷ୍ଟ ସମ୍ବିଧାନ ଭାରତର ସମ୍ବିଧାନ ନାଗରିକଙ୍କୁ ସମ୍ମାନର ସହ ବଞ୍ଚିବାର ଅଧିକାର ପ୍ରଦାନ କରିଛି । ଏହା ୨୧ ଧାରା ଅନୁସାରେ ଏକ ଜନ୍ମଜାତ ମୌଳିକ ଅଧିକାର । ସୁଲଭ ସ୍ୱାସ୍ଥ୍ୟସେବା ଓ ଚିକିତ୍ସାର ସୁବିଧା ଏହାର ଅଂଶ । ତେଣୁ ଏହାର ବେପାର କରିବା ସମ୍ବିଧାନ ବିରୋଧି କାର୍ଯ୍ୟ । ରବିରାୟ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଭାବେ ସ୍ୱାସ୍ଥ୍ୟସେବାକୁ ସୁଲଭ ଓ ସାର୍ବଜନୀନ କରିଥିଲେ ବୋଲି ତାଙ୍କର ସ୍ମରଣ ସଭାରେ ବିଶିଷ୍ଟ ବକ୍ତା ମତ ପ୍ରକାଶ କରିଥିଲେ । ସମାଜବାଦୀ ଜନନାୟକ ତଥା ପୂର୍ବତନ ଲୋକସଭାର ବାଚସ୍ପତି ରବିରାୟଙ୍କ ୮ମ ପୁଣ୍ୟତିଥି ଅବସରରେ ' ସୁଲଭ ଚିକିତ୍ସା-ଏକ ଜନ୍ମଜାତ ଅଧିକାର ' ଶିଷକ ଆଲୋଚନା ସଭା ଚିତ୍ତରଞ୍ଜନ ମହାନ୍ତିଙ୍କ ଅଧକ୍ଷ ତାରେ ଅନୁଷ୍ଠିତ ହୋଇଥିଲା । ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟ ଓ ଚିକିତ୍ସାର ସୁବିଧା ଦେବା ସରକାରଙ୍କ ଅନୁକମ୍ପା ନୁହେଁ ଲୋକଙ୍କ ଅଧିକାର ବୋଲି ମୁଖ୍ୟ ଆଲୋଚକ ବିଶିଷ୍ଟ ଆଇନଜ୍ଞ ସୁକାନ୍ତ ନାୟକ ସମ୍ବିଧାନ ଓ ଆଇନର ତର୍ଜମା କରି ସ୍ପଷ୍ଟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଶିକ୍ଷାବିତ ହେମେନ୍ଦ୍ର ଦାସ, ପ୍ରତାପ ଶତପଥୀ, ପ୍ରଶାନ୍ତ ଦାସ, ଖଗେଶ୍ୱର ସେଠୀ, ଆଇନଜୀବୀ ଶିଶିର ଦାସ, ସୁକାନ୍ତ ନାୟକ,ଡାକ୍ତର ବ୍ରହ୍ମାନନ୍ଦ ଦାସ, ଦିଗମ୍ବର ମହାପାତ୍ର,ଏନାମୁଲ ହକ୍, ସ୍ମିତା ମୁଳିଆ, କପିଳେନ୍ଦ୍ର ନାୟକ,ଡକ୍ଟର ଜ୍ଞାନଗୁରୁ ଦାସ ସ୍ମୃତିରଞ୍ଜନ ଦାସ,ପ୍ରକାଶ ରାୟ, ମିଳନ ବଡୁ,ଏକ୍ରାମ ହୁସେନ,ରଂଜନ ମିତ୍ର, କିଶୋର ପାତ୍ର, ଦିଲିପ କୁମାର ପ୍ରଧାନ, ପ୍ରଶନ୍ନ କୁମାର ମହାପାତ୍ର, କିଶୋର ବେହେରା ପ୍ରମୁଖ ସୁଲଭ ଚିକିତ୍ସା ମୌଳିକ ଅଧିକାର ଓ ସେଥିରେ ବେପାର ନିନ୍ଦାର କଥା ବୋଲି କ୍ଷୋଭ ପ୍ରକାଶ କରିଥିଲେ । ରବିରାୟଙ୍କ ଅନୁଗାମୀ ବିଶିଷ୍ଟ ଡାକ୍ତର ସତ୍ୟବ୍ରତ ମହାପାତ୍ରଙ୍କ ବିୟୋଗରେ ସଭାରେ ଶୋକ ବ୍ୟକ୍ତ କରାଯାଇଥିଲାଛରବିରାୟ ଏକାଡେମୀ ପକ୍ଷରୁ କ୍ଷିରୋଦ ମହାପାତ୍ର ସଭାର ଆୟୋଜନ ଓ ସଂଚାଳନ କରିଥିଲେ,ନୀରୋଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ୬ଷ୍ଠ ଦିନରେ ପାକ୍ସ ଓ ଲ୍ୟାମ୍ପସ୍ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଭଣ୍ଡାରିପୋଖରୀ, (ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକର ସମସ୍ତ ପ୍ରାଥମିକ କୃଷି ସମବାୟ ସମିତିର କର୍ମଚାରୀମାନେ ଶୁକ୍ରବାର ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନରେ ଯୋଗଦେଇ ଧାରଣା ଦେଇଥିବା ଜଣାଯାଇଛି । ନଗୁଆଁ, ସରସଦା, ତେସିଙ୍ଗା, ନାରାୟଣପୁର, ନେରଡା, ନାଆମୀ, ରହଣିଆ, ବାଲିପୋଖରୀ, ମାଳଦା, କୁରିଗାଁ, ସାନଶାସନ ଆଦି ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ଓ ସହଯୋଗୀ ଆଦି ୬୦ ଜଣ କର୍ମଚାରୀ ସମିତିଗୁଡିକରେ ତାଲା ପକାଇ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଭଣ୍ଡାରିପୋଖରୀ ଶାଖା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି । କୃଷି ଓ କୃଷକର ବିକାଶ ପାଇଁ ନିଷ୍ଠାପର ଭାବେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପ୍ରତି ସରକାର ବୈମାତୃକ ମନୋଭାବ ପ୍ରଦର୍ଶନ କରୁଛନ୍ତି । ପଞ୍ଚାୟତରାଜ ଓ ଗ୍ରାମୀଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ସରକାର ଉନ୍ନତ ବେତନ ଓ ଚାକିରି ସୁବିଧା ଯୋଗାଇ ଦେଇଥିବା ବେଳେ ସମବାୟ କର୍ମଚାରୀଙ୍କୁ ଅଣଦେଖା କରୁଛନ୍ତି ବୋଲି ଆରୋପ କରାଯାଇଛି । ସମସ୍ତ ପାକ୍ସ ଓ ଲ୍ୟାମ୍ପସ କର୍ମଚାରୀଙ୍କୁ କ୍ୟାଡରଭୁକ୍ତ କରି ବଦଳି କରିବା, ଷଷ୍ଠ ବେତନ କମିଶନ ହାରରେ ଦରମା ପାଉଥିବା କର୍ମଚାରୀଙ୍କ ଡି.ଏ. ୧୬୪ ପ୍ରତିଶଦ ରୁ ୨୩୦ ପ୍ରତିଶଦ ପର୍ଯ୍ୟନ୍ତ ବୃଦ୍ଧି କରିବା, ଏହି କର୍ମଚାରୀଙ୍କ ସପ୍ତମ ବେତନ କମିଶନ ହାରରେ ଦରମା ପ୍ରଦାନ କରିବା ଆଦି ୩ ଦଫା ଦାବି ପୂରଣ ପାଇଁ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଓ ଧାରଣା ଚାଲୁ ରହିଛି । ଇତି ମଧରେ ୨ଥର ଆଲୋଚନା ସରିଥିଲେ ମଧ ତାହାର କୌଣସି ସୁଫଳ ମିଳିନଥିବାରୁ ଆନ୍ଦେଳନ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଜଣାଯାଇଛି।

## ଚୌଦ୍ୱାର ମହାବିଦ୍ୟାଳୟରେ ଆତ୍ମସୁରକ୍ଷା କାର୍ଯ୍ୟକ୍ରମ

ଟାଙ୍ଗୀ-ଚୌଦ୍ୱାର, (ସବ୍ୟୁ.) : ଚୌଦ୍ୱାର ମହାବିଦ୍ୟାଳୟ ପକ୍ଷରୁ ଯୁକ୍ତ ଦୁଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷର କଳା, ବାଣିଜ୍ୟ ଏବଂ ବିଜ୍ଞାନର ଛାତ୍ରୀମାନଙ୍କୁ ନେଇ ଆତ୍ମସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧାପିକା ପ୍ରଭାବତୀ ପଢ଼ିହାରୀଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ଡଃ ଉମେଶ ଚନ୍ଦ୍ର ଦେବତା ଯୋଗ ଦେଇ ଶୁଭ ଉଦ୍ଘାଟନ କରିଥିଲେ । ମାର୍ଚ୍ଚ ୫ ରୁ ୧୩ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବା ସହ ଏଥିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଛାତ୍ରୀମାନେ ନିଜର କିଭଳି ଆତ୍ମସୁରକ୍ଷା କରିପାରିବେ ସେ ସମ୍ପର୍କରେ ତାଲିମ୍ ପ୍ରଦାନ କରାଯିବ ।

## ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ



ପୁରୀ, (ସବ୍ୟୁ): ମହିଳାମାନେ ସମାଜର ପ୍ରଗତିର କର୍ଣ୍ଣଧାର । ଆଜିର ସମୟରେ ସାମାଜିକ, ଦେଶର ସୁରକ୍ଷା ଓ ଅର୍ଥନୈତିକ କ୍ଷେତ୍ରରେ ମହିଳା ମାନଙ୍କ ଅବଦାନ ଓ ଯୋଗ ଦାନ ଉତ୍ସାହ ଜନକ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା । ମଙ୍ଗଳବାର ପୂର୍ବାହ୍ନରେ ସଂସ୍କୃତି ଭବନ ପରିସରରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଥିଲା ।

ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ମହିଳା ମାନେ ଦୁର୍ବଳ ବା ଅସହାୟ ନୁହନ୍ତି । ଆଜିର ସମୟରେ ମହିଳା ମାନେ ଦେଶ ଶାସନ ଠାରୁ ଆରମ୍ଭ କରି ଦେଶ ସୁରକ୍ଷା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟରେ ପାରଦର୍ଶିତା ଦେଖାଇଛନ୍ତି । ଆମ ଓଡିଶା ମାଟିର ଝିଅ ରାଷ୍ଟ୍ରପତି ହେବା ଏହାର ଗୌରବକୁ ବୃଦ୍ଧି କରିଛି । ଆଜିର ମା ମାନେ ସେମାନଙ୍କ ଦକ୍ଷତାର ଉପଯୋଗ କରି ଦେଶର ସମ୍ବଳ ଭାବେ ଉଭା ହୋଇଛନ୍ତି ବୋଲି କହିବା ସହ ପ୍ରତିଟି ଦିବସ ମହିଳା ଦିବସ ବୋଲି ଶ୍ରୀ ବେହେରା କହିଥିଲେ । ଏଡିଏମ ଓ ଡା ଚନ୍ଦ୍ର କାନ୍ତି ଆଚାର୍ଯ୍ୟ, ଡେପୁଟି କଲେକ୍ଟର ପ୍ରିୟଦର୍ଶନୀ ମଲ୍ଲିକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମମତା ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଡିପିଏଚସିଓ ରବିନ୍ଦ୍ର କୁମାର ପ୍ରଧାନ ପ୍ରଧାନ ପ୍ରମୁଖ ଯୋଗ ଦେଇ ମହିଳାଙ୍କ ବିନା ପରିବାରର ସ୍ଥିତି ଦୁର୍ବଳ ହୋଇଥାଏ । ସମାଜରେ ମହିଳା ମାନଙ୍କୁ ଉପଯୁକ୍ତ ସମ୍ମାନ ନ ଦେଲେ ଓ ସେମାନଙ୍କ ପ୍ରତିଭାର ବିକାଶ ନ ଘଟିଲେ ସମାଜ ଦୁର୍ବଳ ହୋଇଯିବ । ଆଜି ସବୁ କ୍ଷେତ୍ରରେ ମହିଳା ମାନେ ଅଗ୍ରଗତି କରିଛନ୍ତି । ସେମାନଙ୍କ ସାମଗ୍ରିକ ବିକାଶ ଆଜିର ଦିବସର ସଂକଳ୍ପ ବୋଲି ସେମାନେ ମତବ୍ୟକ୍ତ କରିଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ ଏଥିରେ ସଭାପତିତ୍ୱ କରିବା ସହ ଜିଲ୍ଲାରେ ମହିଳା ମାନଙ୍କ ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅନୁଷ୍ଠାନ, ବ୍ୟକ୍ତି ବିଶେଷ, ସିଡ଼ିପିଓ ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ ଓ ସହାୟକଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।ଶେଷରେ ପ୍ରୋଗ୍ରାମ ଅଫିସର ଶର୍ମିଷ୍ଠା ହୋତା ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପୋଷଣ ଜିଲ୍ଲା ସଂଯୋଜିକା ସସ୍ମିତା କର୍ମକାର ଓ ଡିପିସି ମମତା ସହଯୋଗ କରିଥିଲେ ।

## ଚମ୍ପାଝର ଆଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ

ଠାକୁରମୁଣ୍ଡା, (ସବ୍ୟୁ): ଠାକୁରମୁଣ୍ଡା ବ୍ଲକ ଚମ୍ପାଝର ସ୍ଥିତ ଚମ୍ପାଝର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ଡ଼ିଏଫଓ ଯୋଗଦେଇ ଉଦବୋଧନ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ପଦ୍ମଲୋଚନ ନନ୍ଦ, ମଧୁସୂଦନ ନନ୍ଦ, ହାତୀଗଡା ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଭିରାମ ନାଏକ, ରେଞ୍ଜ ଅଫିସର କିଶୋର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ପ୍ରଧାନ ଶିକ୍ଷକ ସାର୍ଦ୍ଧିକ ପଣ୍ଡା ବିବରଣୀ ପାଠ କରିବା ସହିତ ସଭା କାର୍ଯ୍ୟ ପରିଚାଳନା କରିଥିଲେ ।




## ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର

# ଏକତା ହିଁ ଅଞ୍ଚଳର ବିକାଶ କରିବ : ସମରେନ୍ଦ୍ର



ବଲାଙ୍ଗିର,(ସବ୍ୟୁ): ଆମର ଲକ୍ଷ୍ୟ ଏକ ହେଲେ ଆମ ଭିତରେ ଏକତା ଆସିବ ଏବଂ ଆମର ଏକତା ହିଂ ଆମ ଅଞ୍ଚଳର ବିକାଶର ରାସ୍ତା ଦେଖେଇବ ବୋଲି ପୌରାଂଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୮,୯,୧୦, ୩,୪,୨୧ ର ବିଭିନ୍ନ ଅଂଚଳରେ ପଥପ୍ରାନ୍ତ ସଭାରେ ବିଧାୟକ ନରସିଂହ ମିଶ୍ର ଓ ଯୁବନେତା ସମରେନ୍ଦ୍ର ମିଶ୍ର ନିଜ ବକ୍ତବ୍ୟରେ କହିଛନ୍ତି । ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଧାୟକ ଶ୍ରୀ ମିଶ୍ର ଯୋଗଦାନ କରିଥିଲେ । ବିଧାୟକ ଶ୍ରୀ ମିଶ୍ରଙ୍କ କରକମଳରେ ନିଜ ବିଧାୟକ ପାଣ୍ଠି ଏବଂ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ କେନ୍ଦ୍ର, ମଣ୍ଡପ, ଗୋଷ୍ଠୀ କେନ୍ଦ୍ର ଗୁଡିକର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ଜିଲ୍ଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ଦଳିତ ନେତା ଓମ୍ ପ୍ରକାଶ କୁମ୍ଭାର, ହିମାଂଶୁ ନାୟକ, ଅନ୍ତ ମଛଖଣ୍ଡ, ବ୍ରଜ କିଶୋର ସେଠି, ଜ୍ୟୋତିଷ ମୁଗ୍ରୀ, ସମୀର କୁମ୍ଭାର ପ୍ରମୁଖ କାର୍ଯ୍ୟକ୍ରମର ସକ୍ରିୟ ପରିଚାଳନା କରିଥିଲେ ।

# ସମସ୍ୟାର ସମାଧାନ ନହେଲେ ଭୋଟ୍ ବର୍ଜନ କରିବେ ଖଦିବାହାଲବାସୀ



ରେଢାଖୋଲ, (ସବ୍ୟୁ) : ଦେଶ ସ୍ୱାଧୀନତାର ୭ଦଶନ୍ଧି ବିତି ଯାଇଥିଲେ ମଧ୍ୟ ଲୋକେ ଏବେ ବି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି । ସରକାର ଗ୍ରାମର ବିକାଶ ପାଇଁ ଡିଣ୍ଡିମ ପିଟୁଥିବା ବେଳେ ଅନେକରେ ଗାଁ ଚାଲିବା ପାଇଁ ଭଲ ରାସ୍ତାଟିଏ ମଧ୍ୟ ନାହିଁ । ଫଳରେ ଲୋକଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି । ନାକଟିଦେଉଳ ବ୍ଲକ୍ ଅନ୍ତର୍ଗତ କିସିଣ୍ଡା ପଞ୍ଚାୟତ ଖଦିବାହାଲ ଗ୍ରାମ । ଗ୍ରାମବାସୀ ସରକାରୀ ବ୍ୟବସ୍ଥାକୁ ଘୋର ବିରୋଧ କରୁଛନ୍ତି । ଏହି ଗ୍ରାମରେ ଅବସ୍ଥାନ କରୁଥିବା ଗ୍ରାମବାସୀ ସରକାରଙ୍କ ପାଖରେ ସେମାନଙ୍କର ଦାବିକୁ ବାରମ୍ବାର ଉପସ୍ଥାପନା କରିଥିଲେ ମଧ୍ୟ କିସିଣ୍ଡା ଠାରୁ ଖଦିବାହାଲ୍ ରାସ୍ତା ନିର୍ମିତ ହୋଇ ନଥିବାରୁ ଓ ଉକ୍ତ ଗ୍ରାମ ପ୍ରତି ବାରମ୍ବାର ଅବହେଳା କରାଯାଉଥିବାରୁ ଚଳିତ ସାଧାରଣ ନିର୍ବାଚନରେ ଭୋଟ୍ ବର୍ଜନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଆଜି ପର୍ଯ୍ୟନ୍ତ କିଛି ସମାଧାନ ହୋଇ ନଥିବାରୁ ଗ୍ରାମବାସୀ ରାସ୍ତା ଉପରେ ଧାରଣା ଦେଇ ପ୍ରତିବାଦ କରିଛନ୍ତି । ଏହି ଧାରଣା ଓ ପ୍ରତିବାଦ ସଭାରେ ଖଦିବାହାଲ, ଭାଲୁଖୋଲ, ଉପରପଡା ଓ ମୁଖାକନୀ ଗ୍ରାମର ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ । କିସିଣ୍ଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଖଦିବାହାଲ ଗ୍ରାମକୁ ସବୁଦିନିଆ ରାସ୍ତା ଟିଏ ନାହିଁ । ଏଥିପାଇଁ ସ୍ଥାନୀୟ ପ୍ରଶାସନ, ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ଓ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ସ୍ଥାନୀୟ ବିଧାୟକ ମଧ୍ୟ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ । ୫-ଟି ଅଧକ୍ଷଙ୍କୁ ମଧ୍ୟ ଗ୍ରାମବାସୀ ଲିଖିତାକାରରେ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କିଛି ସମାଧାନ ହୋଇପାରିନାହିଁ । ଖଦିବାହାଲ୍ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ୫ମ ଶ୍ରେଣୀ ଥିଲେ ମଧ୍ୟ ଗୋଟିଏ ଶ୍ରେଣୀ ଗୃହ ରହିଛି । ଏଥିପାଇଁ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହେଉଛି । ବିଦ୍ୟାଳୟର ପାଚେରୀ ଭଗ୍ନ ଅବସ୍ଥାରେ ଅଛି । ଖଦିବାହାଲ ଗ୍ରାମର ଯଜ୍ଞ ମଣ୍ଡପ ଜରାଜୀର୍ଣ ଅବସ୍ଥାରେ ରହିଛି । ଏତଦ୍ ବ୍ୟତୀତ ମାଳତୀ ଜୋର ଠାରେ ସମସ୍ତଙ୍କ ପାଇଁ ଗାଧୁଆ ଘର ଏବଂ ପାହାଚ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ସରକାର ଏହି ସବୁ ସମସ୍ୟାର ସମାଧାନ ନ କଲେ ଆଗାମୀ ଦିନରେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

# ଇଲେକଟ୍ରିକ ଲୋକୋ ପିରିଓଡିକାଲ ଓଭରହଲିଙ୍ଗ କାରଖାନାର ଶିଳାନ୍ୟାସ

ନର୍ଲା, (ସବ୍ୟୁ) : ମଙ୍ଗଳ ବାର ଅପରାହ୍ନରେ ନର୍ଲା ପ୍ଲାଟଫର୍ମରେ ଆୟୋଜିତ ସମାରୋହରେ ଆଭାସି ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶିଳାନ୍ୟାସ କରିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା,ସମ୍ମାନିତ ଅତିଥି ପଦ୍ମଶ୍ରୀ ପଟ୍ଟାୟତ ସାହୁ,ରେଳ ବିଭାଗର ଏଡିଆରଏମ୍ ଆନନ୍ଦ କୁମାର ସିଂ,ଚିଫ୍ ଇଞ୍ଜିନିୟର କନଷ୍ଟ୍ରକସନ ଜବଦଲପୁର କେଡି ରାଓ,ଡିଇଏମ୍ ସାଉଥ୍ ନବୀନ ରାଜୁ ପ୍ରମୁଖ ମଞ୍ଚାସୀନ ଥିଲେ । ଶିଳାନ୍ୟାସ ସମାରୋହରେ ବିଭିନ୍ନ ବର୍ଗର ଜନସାଧାରଣ ,ମହିଳା ମାନେ ଯୋଗଦାନ କରିଥିଲେ । ସମ୍ବଲପୁର ଡିଭିଜନରେ ଏହି କାରଖାନା ପ୍ରକଳ୍ପର ନିର୍ମାଣ ପ୍ରଥମ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏହି କାରଖାନା ପ୍ରତିଷ୍ଠା ହେବାପରେ ଆର୍ଥିକ ଅଭିବୃଦ୍ଧି, ବ୍ୟବସାୟିକ ବିକାଶ,ନିଯୁକ୍ତି ତଥା ସ୍ଥାନୀୟ ଅଞ୍ଚଳର ବିକାଶରେ ଯଥେଷ୍ଟ ସହାୟକ ହେବ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ । ସାଂସଦ ବସନ୍ତ କୁମାର ପଣ୍ଡାଙ୍କ ସହିତ ଆଲୋଚନା ପର୍ଯ୍ୟାଲୋଚନା କରି ରେଳ ବିଭାଗ ଦ୍ୱାରା ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅତର୍କିତ ଭାବେ ନର୍ଲାରେ ରେଳ କରଖାନା ପ୍ରତିଷ୍ଠା ଭେବାର ଘୋଷଣା ସାଂଗକୁ ଆଜି ଏହାର ଶିଳାନ୍ୟାସକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ କୃତ୍ୟକୃତ୍ୟ ଅନୁଭବ କରି ବହୁ ଦିନର ସ୍ୱପ୍ନକୁ ପ୍ରଧାନମନ୍ତ୍ରୀ ସାକାର କଲେ ବୋଲି କହୁଥିବା ବେଳେ ବିରୋଧୀ ଏହାକୁ ସହ୍ୟ କରିପାରୁନାହାନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ବିଜେପି କଳାହାଣ୍ଡି ଜିଲ୍ଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର,ଭାରତ ଦେଓ,ମନ୍ମୟ ଚାନ୍ଦ,କୁମରମଣି ଶବର ଓ ଅନ୍ୟ ନେତୃ ବୃନ୍ଦ ମାନେ ଯୋଗଦାନ କରି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଅପରାହ୍ନ ୩ଟା ସମୟରେ ଯାଜପୁର ଜିଲ୍ଲା ଚଣ୍ଡିଖୋଲରୁ ପ୍ରଧାନମନ୍ତ୍ରୀ ଆଭାସି ମାଧମରେ ଏହି କାରଖାନାର ଶିଳାନ୍ୟାସ କରିଥିଲେ ।

# କୋକସରା ବ୍ଲକରେ ବିଏସକେୱାଇ ନବୀନ କାର୍ଡ ବିତରଣ ଉତ୍ସବ



କୋକସରା,(ସବ୍ୟୁ) : ଓଡିଶାରେ ରାଶନ କାର୍ଡ ହିତାଧିକାରୀଙ୍କ ପାଇଁ ପ୍ରଥମ ପର୍ଯ୍ୟାୟରେ ବିଏସକେୱାଇ କାର୍ଡ ୨୦୨୧ ରେ ଆରମ୍ଭ କରିଥିଲେ ରାଜ୍ୟ ସରକାର ।ବ୍ୟୟ ବହୁଳ ଚିକିତ୍ସା ଅଭାବରୁ ଅକାଳରେ ଅନେକ ରୋଗୀ ମୃତ୍ୟୁ ମୁଖରେ ପଡୁଥିଲେ । ବିଏସକେୱାଇ କାର୍ଡ ମିଳିବା ପରେ ରୋଗୀଙ୍କ ପାଇଁ ସଞ୍ଜିବନି ପାଲଟିଥିଲା କାର୍ଡ। ଏହି କାର୍ଡରେ ଓଡିଶାର ହଜାର ହଜାର ରୋଗୀ ବିଭିନ୍ନ ସରକାରୀ ବେସରକାରୀ ହସ୍ପିଟାଲରେ ବ୍ୟୟ ବହୁଳ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ସହ ଜଟିଳ ଅସ୍ତ୍ରୋପଚାର ସୁବିଧା ପାଉଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ କେବଳ ଗରିବ ଶ୍ରେଣୀରେ ସୀମିତ ନରଖି ମଧ୍ୟବିତ୍ତ ପରିବାର ବର୍ଗଙ୍କୁ ମଧ୍ୟ ଦୃଷ୍ଟିରେ ରଖି ବିଏସକେୱାଇ ନବୀନ କାର୍ଡରେ ସାମିଲ କରି ପୁଣି ସ୍ୱାସ୍ଥ୍ୟ ସେବାରେ ଏକ ଉଲ୍ଲେଖନୀୟ ଉପହାର ଓଡ଼ିଶାବାସୀଙ୍କୁ ଦେଇଛନ୍ତି। ବୁଧବାର ରାଜ୍ୟରେ ନବୀନ ବିଏସକେୱାଇ କାର୍ଡ ଲୋକାର୍ପଣ ହୋଇଛି। କୋକସରା ବ୍ଲକ କାର୍ଯ୍ୟାଳୟ ପରିସରରେ ବିଏସକେୱାଇ ନବୀନ କାର୍ଡ ବିତରଣ ଉତ୍ସରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ମୌଷଧି ବାଗ, ସମ୍ମାନିତ ଅତିଥି ଭାବେ ଆମପାଣି ସରପଞ୍ଚ ରୁକ୍ମଣୀ ବାଣୁଆ, କାଶିବାହାଲ ସରପଞ୍ଚ ପୁଷ୍ପାଞ୍ଜଳି ନାଏକ, ସମିତି ସଭ୍ୟ ଗଜାନନ ନିଆଲ ଉପସ୍ଥିତ ରହି ବିଏସକେୱାଇ ନବୀନ କାର୍ଡ ବଣ୍ଟନର ଶୁଭାରମ୍ଭ କରିଥିଲେ ଓ ଏହି ସ୍ୱାସ୍ଥ୍ୟ କାର୍ଡ ରାଜ୍ୟ ବାସୀଙ୍କ ପାଇଁ ଚିକିତ୍ସା ସେବା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହୋଇଛି ବୋଲି କହିଛନ୍ତି। କୋକସରା ବ୍ଲକର ୨୨ ପଞ୍ଚାୟତରେ ପ୍ରଥମ ପର୍ଯ୍ୟାୟରେ ୪୫୪ କାର୍ଡ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଛି। ମଞ୍ଚ ସଂଯୋଜନା ବ୍ଲକ ବିଏସଏସଓ ଦୀପକ କୁମାର ବେହେରା କରିଥିବା ବେଳେ କାର୍ଯ୍ୟକ୍ରମକୁ ବ୍ଲକ ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ ଓ ଯୋଗାଣ ସହାୟକ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ନବୀନ କାର୍ଡ ପାଇବା ପରେ ହିତାଧିକାରୀ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଡିକି ଭାଙ୍ଗି ୫୦ ହଜାର ଟଙ୍କା ଲୁଟ୍

ଖପ୍ରାଖୋଲ, (ସବ୍ୟୁ) : ବେଲପଡା ଥାନା ଡୁମେରମୁଣ୍ଡା ଗାଁର ପରକ୍ଷିତ ବନଛୋର ଓ ତାଙ୍କ ପତ୍ନୀ ପିଏମ ଆବାସ ଟଙ୍କା ଉଠାଇବା ପାଇଁ ଷ୍ଟେଟ ବ୍ୟାଙ୍କକୁ ଆସିଥିଲେ। ବ୍ୟାଙ୍କରୁ ପିଏମ ଆବାସ ଟଙ୍କା ଉଠାଇ ଘରକୁ ଫେରୁଥିଲେ । ବାଟରେ ଗାଡ଼ି ରଖି ଫଳ କିଣୁଥିବା ସମୟରେ ଡିକି ଭାଙ୍ଗି ୫୦ହଜାର ଟଙ୍କା ନେଇଗଲେ ଲୁଟେରା । ଘଟଣା ଘଟିଛି ବଲାଙ୍ଗିର ଜିଲ୍ଲା ବେଲପଡା ସହରରେ । ପରେ ଡିକିରେ ଟଙ୍କା ନଥିବା ଦେଖିବାକୁ ପାଇଥିଲେ। କେହି ଦୁର୍ବୃତ୍ତ ଆସି ବାଇକ୍ ଡିକି ଭାଙ୍ଗି ୫୦ ହଜାର ଟଙ୍କା ନେଇଯାଇଥିବା ପରକ୍ଷିତ ଅଭିଯୋଗ କରିଛନ୍ତି । ଏନେଇ ସେ ବେଲପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଦୋକାନରେ ଲାଗିଥିବା ସିସିଟିଭିକୁ ଆଧାର କରି ଘଟଣାର ତଦନ୍ତ କରୁଛି ।

# ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର

ଭବାନୀପାଟଣା,(ସବ୍ୟୁ): ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କ ଅଧକ୍ଷତାରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଏସପି ଆନନ୍ଦ ବର୍ଦ୍ଧନ ଗୁରୁଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ମୋଟ ୧୬୨ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୩୬ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୯ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୨୧ଟି ଅଭିଯୋଗର ସମାଧାନ ତତକ୍ଷଣାତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୭ଜଣଙ୍କୁ ସନ୍ତାନଙ୍କ ପାଠପଢ଼ା, ଚିକିତ୍ସା, ଅକ୍ଷମତା ଚିକିତ୍ସା ଓ ଅନ୍ୟାନ୍ୟ ବାବଦରେ ଆର୍ଥିକ ସହାୟତା ମଞ୍ଜୁର କରାଯାଇଥିଲା। ବିନିତା ପ୍ରଧାନଙ୍କୁ ୫ହଜାର ଟଙ୍କା, ଭବାନୀ ମହାନନ୍ଦଙ୍କୁ ୨ହଜାର ଟଙ୍କା,ଜ୍ୟୋତି ଶଙ୍କର ଦାସଙ୍କୁ ୩୦ହଜାର ଟଙ୍କା,କୁନ୍ତଳା ତାଣ୍ଡିଙ୍କୁ ୧ହଜାର ଟଙ୍କା, ଦମୟନ୍ତୀ ସରାଫଙ୍କୁ ୨ହଜାର ଟଙ୍କା, ରାମ ନାଗ ଙ୍କୁ ୧ହଜାର ଟଙ୍କା, ଜ୍ୟୋସ୍ନା ବାଗଙ୍କୁ ୨ହଜାର ଟଙ୍କା ମଞ୍ଜୁର କରାଯାଇଥିଲା।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ଅନିୟମିତତା

# ଜମି ଉନ୍ନତି କାମ କରି ହିତାଧିକାରୀଙ୍କୁ ମିଳିନି ପାଉଣା



ଖପ୍ରାଖୋଲ,(ସବ୍ୟୁ): ସରକାର ଗ୍ରାମାଞ୍ଚଳର ଶ୍ରମିକ ମାନଙ୍କୁ କାମ ଯୋଗାଇବା ସହ ଭିତ୍ତିଭୂମିର ବିକାଶ ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟକାରୀ କରାଉଛନ୍ତି। ଏହି ଯୋଜନା ମାଧ୍ୟମରେ ଅନେକ କାମ ହେଉଥିଲେ ବି ଗରିବ ଚାଷୀ ନିଜ ଜମିରେ ମାଟିକାମ କରିବା ପାଇଁ ଜମି ଉନ୍ନତି କାମ ମାନ ହେଉଛି। ଏହି କାମପ୍ରତି ହିତାଧିକାରୀଙ୍କୁ ୫୦ ହଜାର ଟଙ୍କାର କାମ ଦେବାକୁ ବ୍ୟବସ୍ଥା ରହିଛି। ହେଲେ ଜମି ଉନ୍ନତି କାମ କରି ବି ବର୍ଷ ବର୍ଷ ଧରି ହିତାଧିକାରୀଙ୍କୁ ପାଉଣା ମିଳୁନଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଆସିଛି ଦାଦନ ପ୍ରବଣ ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ମାଟିଆଭଟା ପଞ୍ଚାୟତ ପୁତୁଲାମହୁଲ ଗାଁ ରୁ । ଅଭିଯୋଗ ଅନୁସାରେ ଗାଁର ଚାଷୀମାନେ ୨୦୨୨-୨୩ ଆର୍ଥିକ ବର୍ଷରେ ଚାଷ ଜମିର ଉନ୍ନତି ପାଇଁ କାର୍ଯ୍ୟାଦେଶ ପଞ୍ଚାୟତ ତରଫରୁ ପାଇଥିଲେ। ହେଲେ କାମ ସାରିବାର ୨ ବର୍ଷ ପରେ ଚାଷୀ ପାଉଣା ପାଇନଥିବା ଅଭିଯୋଗ କରିବା ସହିତ ବୁଧବାର ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ଅଭିଯୋଗ କରିଛନ୍ତି। ଏନେଇ ଗାଁ ସନ୍ତୋଷ ସାହୁ ଓ ଅନ୍ୟ ୧୧ ଜଣଙ୍କ ଚାଷ ଜମିର ଉନ୍ନତି କରଣ ବାବଦରେ ଏଲ ଡି /୧୦୬୯୪୩୦୦ ରେ ଏକ କୋଡ ହୋଇଥିବା ବେଳେ ଟିକୁନୁ ବାଗ, ନୃପ ସାହୁ, ଅଶ୍ୱିନୀ ସାହୁ, ଭାଗ୍ୟବାନ ସାହୁ, ତ୍ରିଲୋଚନ ବାଗ, ଶ୍ୟାମ ସୁନ୍ଦର ସାହୁ, ଲୋକନାଥ ସାହୁ, ଧନମତି ପଟେଲ, ଚୈତନ୍ୟ ସାହୁ, ସୁମିତ୍ରା ସାହୁ, ହାଡୁ ସାହୁ ପ୍ରମୁଖଙ୍କ ନାମ ରହିବା ର କାର୍ଯ୍ୟାଦେଶ ହିତାଧିକାରୀଙ୍କୁ ମିଳିଥିବା ଅଭିଯୋଗ କରିଛନ୍ତି। ଏନେଇ ବିଡ଼ିଓ ଶ୍ରୀ ଷଡ଼ଙ୍ଗୀଙ୍କୁ ପଚାରିବାରୁ ଘଟଣା କଣ ହୋଇଛି ତଦନ୍ତ ପରେ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ବାରବନ୍ଧ ଗ୍ରାମରେ ମୋବାଇଲ୍ ନେଟୱର୍କ ସମସ୍ୟା

# ଭୋଟ ବର୍ଜନ ଚେତାବନୀରେ ବିଡିଓଙ୍କୁ ଦାବିପତ୍ର

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗୁଡିଘାଟ ପଞ୍ଚାୟତର ମୁଖ୍ୟ ରାଜସ୍ୱ ଗ୍ରାମ ବାରବନ୍ଧ ସହ ସୁକୁନିପଦର, ରାଣୀସିଲେଟ,ବେହେରାଖାଇ ଓ କୁଟନିଝରନ । ଏହି ଗ୍ରାମଗୁଡିକରେ ମୋବାଇଲ୍ ନେଟୱର୍କ ସମସ୍ୟା ଯୋଗୁଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୧୬ ଶହ ଜନସଂଖ୍ୟା ତଥା ୯ଶହ ଭୋଟର ବିଶିଷ୍ଟ ଏହି ଅଞ୍ଚଳରେ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ମୋବାଇଲ ଟାୱାର ବସାଇ ନେଟୱର୍କ ସମସ୍ୟା ନ ସୁଧୁରିଲେ ବାଧ ହୋଇ ସାଧାରଣ ଲୋକେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି । ଗ୍ରାମବାସୀଙ୍କ ଦାବି ମୁତାବକ ସ୍ୱାଧୀନତାର ୭୭ବର୍ଷ ପରେ ଜିଲ୍ଲା ତଥା ମୁରିବାହାଲ ବ୍ଲକ ମୁଖ୍ୟାଳୟକୁ ୪ଜି ରୁ ୫ଜି ନେଟୱର୍କ ପର୍ଯ୍ୟନ୍ତ ପହଞ୍ଚି ସାରିଥିବା ବେଳେ ବ୍ଲକ ମୁଖ୍ୟାଳୟରୁ ମାତ୍ର ୫କିମି ଦୂରରେ ଥିବା ବାରବନ୍ଧ ଅଞ୍ଚଳକୁ ଆଜି ପର୍ଯ୍ୟନ୍ତ ସାମାନ୍ୟ ମୋବାଇଲ୍ ନେଟୱର୍କ ନାହିଁ । ଫଳରେ ଗ୍ରାମବାସୀଙ୍କ ଗର୍ଭବତୀଙ୍କ ପ୍ରସବ ଯନ୍ତ୍ରଣା ହେଉକି କାହାର କେଉଁଠି ଦୁର୍ଘଟଣା ହେଲେ ଖବର ଦେବାକୁ ଗଛ କିମ୍ବା ପାଣିଟାଙ୍କି ଉପରକୁ ଚଢ଼ିବାକୁ ପଡ଼ିଥାଏ । ବେଳେବେଳେ ନିଜର କେହି ଆତ୍ମୀୟ ଲୋକଙ୍କ ମୃତ୍ୟୁ ହେଲେ କିଛିଦିନ ପରେ ଖବର ଜାଣିବାକୁ ପାଇଥାନ୍ତି। ବିଶେଷତଃ ଛାତ୍ରଛାତ୍ରୀମାନେ ମହାମାରୀ କରୋନା ସମୟରେ ଅନଲାଇନ ପାଠପଢାରୁ ବଞ୍ଚିତ ହୋଇଥିବା ବେଳେ ଏବେବି ସେମାନେ ନେଟୱର୍କ ସମସ୍ୟା ସହ ଉନ୍ନତମାନର ପ୍ରଯୁକ୍ତିବିଦ୍ୟା ଓ ଉନ୍ନତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ପୂର୍ବରୁ ବହୁଥର ସ୍ଥାନୀୟ ଜନପ୍ରତିନିଧି,ବିଡ଼ିଓ, ଉପଜିଲ୍ଲାପାଳ, ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ତଥା ୫-ଟି ଅଧ୍ୟକ୍ଷଙ୍କ ଗସ୍ତ ବେଳେ ଲିଖିତ ଦାବିପତ୍ର ଦେଇଥିଲେ । ଆଜି ପର୍ଯ୍ୟନ୍ତ ଏହାର ସୁଫଳ ମିଳି ପାରିନାହିଁ । ଏଣୁ ଆଗାମୀ ୨୦୨୪ସାଧାରଣ ନିର୍ବାଚନ ପୂର୍ବରୁ ବାରବନ୍ଧ ଅଞ୍ଚଳରେ ମୋବାଇଲ ନେଟୱର୍କ ସମସ୍ୟା ନ ସୁଧୁରିଲେ ବାଧ ହୋଇ ସାଧାରଣ ନିର୍ବାଚନକୁ ୯ଶହ ଭୋଟର ସମ୍ପୂର୍ଣ୍ଣ ରୂପେ ବର୍ଜନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ଗ୍ରାମବାସୀଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଦାବିପତ୍ରକୁ ବିଡିଓଙ୍କ ଅନୁପସ୍ଥିତିରେ ବ୍ଲକ ସେକ୍ସନ ଅଫିସର ରାଜେନ୍ଦ୍ର ନାୟକ ଗ୍ରହଣ କରିଥିଲେ ।

# ଗୋହିପିଟା ଓ ବଘିଆବାହାଲ ପାଇଲେ ଶ୍ରେଷ୍ଠ ଅଙ୍ଗନୱାଡି ପୁରସ୍କାର



କନ୍ଧମାଳ,(ସବ୍ୟୁ): ବୌଦ୍ଧ ଜିଲ୍ଲାସ୍ତରୀୟ ପୋଷଣ କାର୍ଯ୍ୟକ୍ରମରେ ଉତ୍ତମ କାର୍ଯ୍ୟ କରିଥିବାରୁ ଜିଲ୍ଲା ସ୍ତରୀୟ ପଞ୍ଚାୟତରାଜ ଦିବସ ଓ ଲୋକସେବା ଦିବସ ଅବସରରେ ଆୟୋଜିତ ଜିଲ୍ଲାସ୍ତରୀୟ ଉତ୍ସବରେ କନ୍ଧମାଳ ବ୍ଲକର ଗୋହିପିଟା ଓ ବଘିଆବାହାଲ ଅଙ୍ଗନବାଡି କେନ୍ଦ୍ରକୁ ଜିଲ୍ଲାର ଶ୍ରେଷ୍ଠ ଦ୍ୱିତୀୟ ଓ ତୃତୀୟ ଅଙ୍ଗନବାଡି କେନ୍ଦ୍ର ଭାବେ ପୁରସ୍କୃତ କରାଯାଇଛି । ଏନେଇ ଜିଲ୍ଲା ସଦଭାବନା ଗୃହ ଠାରେ ଜିଲ୍ଲାପାଳ ଜେ. ସୋନାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଜିଲ୍ଲାପରିଷଦ ଅଧକ୍ଷା ପ୍ରଭାସିନୀ ଦାଶ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ବିଜ୍ଞାପିତ ପରିଷଦର ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର,ଏଡିଏମ ଦାରିଦ୍ର ଭଂଜନ ମଦନମୋହନ ପାତ୍ର, ସିଡ଼ିଏମଓ ଜୟକୃଷ୍ଣ ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ମମତାର ଡିପିସି ଆଶିଷ ମହାନ୍ତି,ପୋଷଣର ଡିସି ରତୁଞ୍ଜୟ ଛତ୍ର,କନ୍ଧମାଲ ସିଡିପିଓ ଶ୍ରମତୀ ପାଢ଼ୀ ପ୍ରମୁଖ ଯୋଗଦେଇ କନ୍ଧମାଳ ବ୍ଲକ ବଘିଆବାହାଲ ଅଙ୍ଗନୱାଡି କର୍ମୀ ମଞ୍ଜୁଲତା ପ୍ରଧାନ ଓ ଗୋହିପିଟା ଅଙ୍ଗନୱାଡି କର୍ମୀଙ୍କୁ ମାନପତ୍ର ଓ ଉପଢୌକନ ସହ ଯଥାକ୍ରମେ ୧୦ହଜାର ଓ ୧୫ହଜାର ଟଙ୍କାର ନଗଦ ପୁରସ୍କାର ରାଶି ଦେଇ ସମ୍ବର୍ଦ୍ଧିତ କରିଥିଲେ । ଉତ୍ସବରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଜିଲ୍ଲାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ସଇଁନ୍ତଳାରେ କଂଗ୍ରେସର ଜିଲ୍ଲାସ୍ତରୀୟ ବୈଠକ

ସଇଁନ୍ତଳା,(ସବ୍ୟୁ): ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ବୁଧବାର ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ସଇଁତଲା କଲ୍ୟାଣ ମଣ୍ଡପରେ ଜିଲ୍ଲା କଂଗ୍ରେସ କମିଟିର କର୍ମୀ ତଥା ଆଶାୟୀ ପ୍ରାର୍ଥୀ ମାନଙ୍କୁ ନେଇ ଏକ ଦଳୀୟ ସମାବେଶ ଅନୁଷ୍ଠିତ ହୋଇଥିଲା । ଏହି ସମାବେଶରେ କଂଗ୍ରେସ ସାଧାରଣ ସମ୍ପାଦକ ସେହେନାଜ ହୁସେନ ଚୌଧୁରୀ ଯୋଗଦେଇ ସମସ୍ତ କର୍ମୀଙ୍କୁ ନିର୍ବାଚନ ପାଇଁ ସଜାଗ ରହିବା ସହ ବୁଥ ସ୍ତରରେ ପହଂଚିବାକୁ ଆହ୍ୱାନ ଦେଇଛନ୍ତି । ବିଜେଡି ଏବଂ ବିଜେପି ଭାଇ ଭାଇ ବୋଲି ଅଭିହିତ କରିବା ସହ ଉଭୟ ଗୋଟିଏ ମୁଦ୍ରାର ଉଭୟ ପାର୍ଶ୍ୱ ବୋଲି କହିଛନ୍ତି । ରାଜ୍ୟରେ ଦୁର୍ନୀତି, ଭ୍ରଷ୍ଟାଚାର, ନାରୀ ନିର୍ଯାତନା, ଆଦିବାସୀ, ଦଳିତ ମାନଙ୍କୁ ଶୋଷଣ କରୁଥିବା ବିଜେଡି ସରକାର ବିରୋଧରେ ଏଥର ରାଜ୍ୟବାସୀ ଉଚିତ ଶିକ୍ଷା ଦେବା ସହ ରାଜ୍ୟରେ କଂଗ୍ରେସ ସରକାର ଏବଂ ଦେଶରେ ମଧ କଂଗ୍ରେସ ସରକାର ଗଠନ କରିବ ବୋଲି ସାଧାରଣ ସମ୍ପାଦକ ଚୌଧୁରୀ କହିଛନ୍ତି । ଆଗାମୀ ସାଧାରଣ ନିର୍ବାଚନରେ ରାଜ୍ୟରେ ୯ ରୁ ୯୦ ଆସନର ଡାକରା ଦେଇଥିବା ପ୍ରଦେଶ କଂଗ୍ରେସ ସଭାପତିଙ୍କ ନିର୍ଦ୍ଦେଶକୁ କଂଗ୍ରେସ କର୍ମୀ ମାନେ ତୃଣମୂଳ ସ୍ତରରୁ କାର୍ଯ୍ୟକାରୀ କରିବା ପାଇଁ ସାଧାରଣ ସମ୍ପାଦକ ସେହେନାଜ ହୁସେନ ଚୌଧୁରୀ କର୍ମୀ ମାନଙ୍କୁ ମନ୍ତ୍ର ଦେଇଛନ୍ତି। ଜିଲ୍ଲା କମିଟି ସଭାପତି ସୁରେନ୍ଦ୍ର ସିଂ ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଏଆଇସିସି ସଦସ୍ୟ ବିଧୁଭୂଷଣ ତ୍ରିପାଠୀ, ଏଆଇସିସି ସଭ୍ୟ ସମରେନ୍ଦ୍ର ମିଶ୍ର, ଅଭିଷେକ ମହାନନ୍ଦ, ଟୁନୁ ମହାପାତ୍ର, ପିସିସି ସଦସ୍ୟ ଡମ୍ବରୁଧର ଛତ୍ରିଆ, ଏମଡି ଆକବର ଖାନ, ମିଲନି ସାହୁ, ଗଣେଶ ସାହୁ, ସାନନ୍ଦ ମିଶ୍ର, ମୟ ପ୍ରଧାନୀ, ଓମପ୍ରକାଶ କୁମ୍ଭାର, ମନିଷ ମିଶ୍ର ଓ ଗୁଣସାଗର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସୁବ୍ରତ ବେହେରା ମଞ୍ଚ ପରିଚାଳନା କରିଥିଲେ।

# ଫାଇଲ ତଳେ ହୀରାକୁଦ-ବୁର୍ଲା ସଂଯୋଗୀକରଣ ସେତୁ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲାର ଉଭୟ ସହର ହୀରାକୁଦ-ବୁର୍ଲାକୁ ଯୋଡିବାକୁ ଯୋଜନା କରାଯାଇଛି । ମାତ୍ର ଦୀର୍ଘ ବର୍ଷ ପରେ ମଧ୍ୟ ମହାନଦୀ ଉପରେ ଏକ ସେତୁ ନିର୍ମାଣ ହୋଇପାରିନାହିଁ। ଫଳରେ ଲୋକେ ପ୍ରାୟ ୨୦କିଲୋମିଟର ବୁଲି କରି ଯାତାୟତ କରିଥାନ୍ତି । ପ୍ରସ୍ତାବିତ ସେତୁ ନିର୍ମାଣ ହେଲେ ଦୂରତା କମିବ । ଏଥିସହ ପର୍ଯ୍ୟଟନ କ୍ଷେତ୍ରର ବିକାଶ ସହ ପର୍ଯ୍ୟଟକଙ୍କୁ ଏହା ବେଶ ଆକୃଷ୍ଟ କରିବ ।

ହୀରାକୁଦ ଡ୍ୟାମର ଉଭୟ ପାର୍ଶ୍ୱରେ ହୀରାକୁଦ ଓ ବୁର୍ଲା ସହର ରହିଛି । ଉଭୟ ସହରକୁ ଯୋଡ଼ିବା ପାଇଁ ମହାନଦୀ ଉପରେ ଏକ ସେତୁ ନିର୍ମାଣ କରାଯିବ । ଏଥିପାଇଁ ୨୦୧୭-୧୮ରେ ପୂର୍ତ୍ତ ବିଭାଗ ପକ୍ଷରୁ ଏନେଇ ଏକ ବିସ୍ତୃତ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିଲା । ଜିଲ୍ଲା ପ୍ରଶାସନ ଓ ଜଳ ସମ୍ପଦ ବିଭାଗ ପକ୍ଷରୁ ଏହି ସେତୁ ପ୍ରକଳ୍ପ ପାଇଁ ପରିକଳ୍ପନା ମଧ୍ୟ କରାଯାଇଥିଲା। ହୀରାକୁଦର ଆଇଟିଆଇ ନିକଟରୁ ସେତୁ ଆରମ୍ଭ ହୋଇ ବୁର୍ଲାର ଏନଏସି କଲେଜ ରାସ୍ତାକୁ ସଂଯୋଗ କରିବ ବୋଲି ପ୍ରକଳ୍ପରେ ଦର୍ଶାଯାଇଥିଲା । ନିରୂପିତ ସ୍ଥାନଟି ନଦୀବନ୍ଧର କିଛି କିଲୋମିଟର ନିମ୍ନ ଭାଗରେ ରହିଛି । ମୋଟ ୧୨ ଶହ ମିଟର ଲମ୍ବ ବିଶିଷ୍ଟ ଏହି ସେତୁ ନିର୍ମାଣ ପାଇଁ ୧୮୧ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା । ସେତୁକୁ ସାଧାରଣ ଯୋଗାଯୋଗ ବ୍ୟତିତ ଆଧୁନିକ ଏବଂ ଭବ୍ୟ ରୂପ ସହିତ ଆକର୍ଷଣୀୟ ଭାବେ ନିର୍ମାଣ କରାଯିବାକୁ ପ୍ରସ୍ତାବରେ ସ୍ଥିର ହୋଇଥିଲା । ତେବେ ଏହି ବହୁ ଆକାଂକ୍ଷିତ ପ୍ରକଳ୍ପରେ କୌଣସି ଅଗ୍ରଗତି ହୋଇ ପାରିନାହିଁ। ଏହା ଫାଇଲ ତଳେ ଚାପି ହୋଇ ପଡିଛି ।

ଏହି ସେତୁ ନିର୍ମାଣ ହେଲେ ହୀରାକୁଦ ଓ ବୁର୍ଲା ମଧ୍ୟରେ ୧୫ କିଲୋମିଟର ପର୍ଯ୍ୟନ୍ତ ହ୍ରାସ ପାଇବ । ଏହାଦ୍ୱାରା ସମୟ ମଧ୍ୟ ଯଥେଷ୍ଟ କମିବ । ହୀରାକୁଦ ଡ୍ୟାମ ଏକ ସୁଦୀର୍ଘ ପ୍ରକଳ୍ପ ଅଟେ । ଏହାର ଉଭୟ ପାର୍ଶ୍ୱରେ ହୀରାକୁଦ ଓ ବୁର୍ଲା ସହର ରହିଛି । ମଝିରେ ମହାନଦୀ ପ୍ରବାହିତ ହେଉଛି । ଡ୍ୟାମ ଉପରେ ଯାତାୟତ ସାଧାରଣ ଲୋକଙ୍କ ପାଇଁ ନିଷିଦ୍ଧ ଅଟେ । ତେଣୁ ଏହି ଦୁଇ ସହର ମଧ୍ୟରେ ଜାତୀୟ ରାଜପଥ ଦେଇ ଲୋକେ ଯାତାୟତ କରିଥାନ୍ତି । ଦୂରତା ଓ ଭାରୀଯାନ ଯାତାୟତ ଯୋଗୁଁ ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ବିଶେଷକରି ହୀରାକୁଦ ଆସୁଥିବା ପର୍ଯ୍ୟଟକ ମାନେ ବେଶ ଦ୍ୱନ୍ଦର ସମ୍ମୁଖୀନ ହୋଇଥାଆନ୍ତି । ଏପରିକି ବୁର୍ଲା ପଟରେ ହୀରାକୁଦ ରେଳ ଷ୍ଟେସନ ରହିଛି । ଏହା ଫଳରେ ଯାତ୍ରୀ ମାନଙ୍କୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡିଥାଏ । ଏହି ସବୁ ସମସ୍ୟାର ପ୍ରତିକାର ପାଇଁ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ସିଡ଼ିପି ବା ସମନ୍ୱିତ ପ୍ରକଳ୍ପ ରିପୋର୍ଟରେ ସୁପାରିଶ କରାଯାଇଥିବା ଯୋଜନା ଗୁଡିକ ମଧ୍ୟରେ ଉକ୍ତ ସେତୁ ବାବଦରେ ଉଲ୍ଲେଖ ରହିଛି । ଏହି ସେତୁ ନିର୍ମିତ ହେଲେ ଖାସ୍ମୁଗୁଡ଼ା ପଟରୁ ବୁର୍ଲାକୁ ବିକଳ୍ପ ରାସ୍ତା ଖୋଲିବା ସହିତ ଜାତୀୟ ରାଜପଥ ଉପରେ ଚାପ ହ୍ରାସ ପାଇବ । ବୁର୍ଲା ଓ ବରଗଡ଼ ପଟରୁ ମଧ୍ୟ ଅପରପାର୍ଶ୍ୱକୁ ଦୂରତା ହ୍ରାସ ପାଇବ ବୋଲି ଜଣାପଡିଛି । ଆଗକୁ ସାଧାରଣ ନିର୍ବାଚନ ଆସୁଥିବା ବେଳେ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାକୁ ସାଧାରଣରେ ଦାବି ହେଉଛି ।

# ଶିକ୍ଷକ ୱିନସନ ତ୍ରିପାଠୀଙ୍କ ପରଲୋକରେ ଶୋକ



ବଲାଙ୍ଗିର,(ସବ୍ୟୁ): ସ୍ଥାନୀୟ ଆନନ୍ଦ ନଗର ନିବାସୀ ସାଧୁଚରଣ ତ୍ରିପାଠୀଙ୍କ ବଡପୁଅ ତଥା ଟିଆରଡବ୍ଲୁର ବିଜ୍ଞାନ ଶିକ୍ଷକ ୱିନସନ ତ୍ରିପାଠୀ (୫୭) ଗତ ଶୁକ୍ରବାର ମଧ୍ୟରାତ୍ରରେ ନିଜ କୋରାପୁଟ ଜିଲ୍ଲା ପାଇକ ସାହି ବାସଭବନରେ ଦୀର୍ଘ ଅସୁସ୍ଥତା ପରେ ଆଖି ବୁଜିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ ମାଧବୀ ମହାପାତ୍ର, ସାନଭାଇ ୱିଲସନ ପ୍ରମୁଖ ସପରିବାର ଉପସ୍ଥିତ ଥିଲେ। ବଲାଙ୍ଗିର ନବଜୀବନ ବିଦ୍ୟାପୀଠର ମେଧାବୀ ଛାତ୍ର ୱିନସନ ଜଣେ ଭଲ ଗଣିତ ଶିକ୍ଷକ ଭାବେ ଖ୍ୟାତି ଅର୍ଜନ କରିଥିଲେ। ଜୀବନ ପ୍ରତି ଭିନ୍ନ ଦୃଷ୍ଟିଭଙ୍ଗୀର ମଣିଷ ୱିନସନ ରାଜେନ୍ଦ୍ର କଲେଜରେ ପ୍ରଥମ ବର୍ଷ ବିଜ୍ଞାନ ଛାତ୍ର ଭାବେ ସିଧା ଛାତ୍ରସଂସଦ ସଭାପତି ଭାବେ ନିର୍ବାଚନ ଲଢିବା ଆରମ୍ଭ କରି ରସାୟନ ବିଜ୍ଞାନରେ ଉପାଧିଉତ୍ତର ପଢିବା ଯାଏ ବାରମ୍ବାର ହାରିବା ସତ୍ତ୍ୱେ ପ୍ରତିବର୍ଷ ସଭାପତି ଭାବେ ଲଢି ଚର୍ଚ୍ଚାକୁ ଆସିଥିଲେ। ତାଙ୍କ ବିୟୋଗରେ ବଲାଙ୍ଗିର କଲେଜ ଛକ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ବାଗ, ସ୍ୱର୍ଗତ ତ୍ରିପାଠୀଙ୍କ ଶିକ୍ଷକ ଯୋନାଥନ ଶ୍ରୀଚୌହାନ, ସହପାଠୀ ଅରବିନ୍ଦ ଦାସ, ସୁରଞ୍ଜନ ବାଗ, ଲୋକନାଥ ସୁରଦେଓ, ଶ୍ୟାମାପ୍ରସାଦ ଗରିଆ, ସ୍କୁଲର ପୁରାତନ ଛାତ୍ରଛାତ୍ରୀ ଭଞ୍ଜକିଶୋର ନାଗ, ଶୋଭନ ଦାସ, ଅଜିତ ପାଲ, ଯଶସ୍ୱିନୀ ଶ୍ରୀଚୌହାନ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

(ଶ୍ରୀମଦ୍‌ଭଗବଦ୍ ଗୀତା ୪/୧୯)
–ଜ୍ଞାନଯୋଗଃ–
(ଶ୍ରୀଭଗବାନୁବାଚ)

**ଯସ୍ୟ ସର୍ବେ ସମାରମ୍ଭାଃ କାମସଙ୍କଳ୍ପବର୍ଜିତାଃ**
**ଜ୍ଞାନାଗ୍ନିଦଗ୍ଧକର୍ମ୍ମାଣଂ ତମାହୁଃ ପଣ୍ଡିତଂ ବୁଧାଃ ।।୧୯।।**

ଯାହାଙ୍କର ସମୁଦାୟ କର୍ମଫଳ କାମନାଶୂନ୍ୟ, ଜ୍ଞାନୀମାନେ ତାହାଙ୍କୁ ପଣ୍ଡିତ ବୋଲି କହନ୍ତି, କାରଣ ଏହି କର୍ମାନୁଷ୍ଠାନଜାତ ଜ୍ଞାନ ରୂପ ଅଗ୍ନିରେ ତାହାଙ୍କର ସମୁଦାୟ କର୍ମ ଦଗ୍ଧ ହୋଇଯାଏ ।।୧୯।।

# ସମ୍ପାଦକୀୟ

## କୃଷକ ଆନ୍ଦୋଳନ

ବେଶ କିଛି ଦିନ ଧରି କୃଷକ ଆନ୍ଦୋଳନ ସରକାରଙ୍କୁ ଚିନ୍ତାରେ ପକାଇଛି । କୃଷି ଏବଂ କୃଷକଙ୍କ ସମସ୍ୟା ଦେଶର ମୁଖ୍ୟ ସମସ୍ୟା ଭାବରେ ଉଭା ହେଇଛି । କୃଷକ ସଂଗଠନଗୁଡିକ ନିଜର ଦାବି ନେଇ ବାରମ୍ବାର ସରକାରଙ୍କ ଦ୍ୱାରସ୍ଥ ହେଉଛନ୍ତି । ଏବେବି ଦେଶର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରନ୍ତି । କିନ୍ତୁ ପ୍ରାକୃତିକ ବିପର୍ଯ୍ୟୟ, ଜମିର ସ୍ୱାସ୍ଥ୍ୟଗତ ସମସ୍ୟା, ଜଳସେଚନ ସମସ୍ୟା ଏବଂ ଚାଷ ପାଇଁ ଅର୍ଥାଭାବ କୃଷିକୁ ପ୍ରଭାବିତ କରିଚାଲିଛି ଏବଂ କୃଷକମାନଙ୍କର ଆର୍ଥିକ ଅବସ୍ଥା ଅନେକ ପରିମାଣରେ ଦୁର୍ବଳ ହେବାରେ ଲାଗିଛି । ସରକାର ମଧ୍ୟ କୃଷକଙ୍କ ସମସ୍ୟା ଦୂର କରିବା ପାଇଁ ଅନେକ ଯୋଜନା କରୁଛନ୍ତି, କିନ୍ତୁ ଏ ସବୁ କୃଷକମାନଙ୍କୁ ସନ୍ତୁଷ୍ଟ କରିପାରୁନାହିଁ । ସେମାନେ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଉଛନ୍ତି ଏବଂ ସରକାରଙ୍କ ପାଖରେ ନିଜର ଦାବି ଉପସ୍ଥାପିତ କରିବାରେ ଲାଗିଛନ୍ତି ଯାହା ସରକାରଙ୍କ ପାଇଁ ଗୋଟିଏ ବଡ ଆହ୍ୱାନ ଭାବରେ ଉଭା ହେଇଛି । ସରକାରଙ୍କ ଆଗରେ ଦୁଇଟି ବଡ ସମସ୍ୟା ହେଉଛି– ଗରିବ ଜନସାଧାରଣଙ୍କୁ ସୁଲଭ ଖାଦ୍ୟ ଯୋଗାଇବା ଏବଂ କୃଷକଙ୍କ କଲ୍ୟାଣ । ଏହି ଦୁଇଟି ସମସ୍ୟା ମଧ୍ୟରେ ସରକାରଙ୍କୁ ସନ୍ତୁଳନ ରକ୍ଷା କରିବାକୁ ପଡିବ ଯାହା ବାସ୍ତବିକ ଗୋଟିଏ ବଡ ଆହ୍ୱାନ । ୮୦୦ ନିୟୁତରୁ ଅଧିକ ଲୋକଙ୍କ ପାଇଁ ମାଗଣା ଖାଦ୍ୟ ଶସ୍ୟ ଉପରେ ବାର୍ଷିକ ବ୍ୟୟ ହେଉଛି ଖାଦ୍ୟ ନିରାପତ୍ତା ପ୍ରତି ସରକାରଙ୍କ ପ୍ରତିବଦ୍ଧତାର ପ୍ରମାଣ । ଏହା ସରକାରଙ୍କୁ କୃଷକମାନଙ୍କ ସହ ଯୋଡ଼ିବାରେ ସହାୟକ ହେଇଛି ଏବଂ ସରକାର କୃଷି ଉତ୍ପାଦର ବଡ ଗ୍ରାହକ ଭାବରେ ସାମ୍ନାକୁ ଆସିଛନ୍ତି । କେତେକ କୃଷି ଉତ୍ପାଦ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରିଛନ୍ତି । କିନ୍ତୁ ଏହା ଚାଷୀଙ୍କୁ ସନ୍ତୁଷ୍ଟ କରିପାରିନାହିଁ । ସମସ୍ତ ଉତ୍ପାଦ ପାଇଁ ଅଧିକ ସୁନିଶ୍ଚିତ ମୂଲ୍ୟ, ସର୍ବନିମ୍ନ ମଜୁରୀ ବୃଦ୍ଧି ଏବଂ ପେନସନ ପରି କେତେକ ଦାବି ସହ ୨୦୨୧ ଆନ୍ଦୋଳନ ପରେ ସମାଧାନ ହୋଇନଥିବା ପ୍ରସଙ୍ଗ ଗୁଡିକୁ ନେଇ ଗତ ମାସରେ ପୁଣି ଚାଷୀ ଆନ୍ଦୋଳନ ମୁଣ୍ଡଟେକିଥିଲା । ଏଥର ସରକାର କିନ୍ତୁ ଆରମ୍ଭରୁ ଆନ୍ଦୋଳନକୁ ନିୟନ୍ତ୍ରଣରେ ରଖିପାରିଥିଲେ । ପୂର୍ବଥର ଭଳି ଆଉ ବିଶୃଙ୍ଖଳା ଦେଖିବାକୁ ମିଳି ନ ଥିଲା । ତେବେ ଚାଷୀଙ୍କ ମଧ୍ୟରେ ଯେ' ଅସନ୍ତୋଷ ରହିଛି ଏ କଥା ଅସ୍ୱୀକାର କରାଯାଇ ପାରିବ ନାହିଁ । କୃଷକ ସଂଗଠନଗୁଡିକ ମଧ୍ୟରେ ଏକତାର ଅଭାବ ଏବଂ ୨୦୨୧ ଆନ୍ଦୋଳନ ଆୟୋଜନ କରିଥିବା ଗୋଷ୍ଠୀର ଅନୁପସ୍ଥିତି, ସରକାରଙ୍କ ପାଇଁ ଅସ୍ଥାୟୀ ରିଲିଫ୍ ଦେଇଥାଇପାରେ କିନ୍ତୁ ଚାଷୀ ଅସନ୍ତୋଷକୁ ସମାଧାନ କରିବାରେ ସରକାର ଏ ପର୍ଯ୍ୟନ୍ତ ସଫଳ ହେଇପାରିନାହାନ୍ତି, ଏ କଥା ସ୍ପଷ୍ଟ । ଏକ ବିସ୍ତୃତ ସମାଧାନ ବିନା କୃଷକଙ୍କ ଆନ୍ଦୋଳନ ସରକାରଙ୍କ ପାଇଁ ଗୋଟିଏ ବଡ ଆହ୍ୱାନ ଭାବରେ ଉଭା ହେବ । କୃଷକ ସଂଗଠନ ଏବଂ ସରକାରଙ୍କ ମଧ୍ୟରେ ବାରମ୍ବାର ଆଲୋଚନା ବିଫଳ ହେବାରେ ଲାଗିଛି ଏବଂ ଆନ୍ଦୋଳନ ନେଇ କୃଷକ ସଂଗଠନ ନେତାମାନେ ନିଜ ଜିଦ୍‌ରେ ଅଟଳ ଅଛନ୍ତି । ଆନ୍ଦୋଳନ ଜାରି ରଖିବା ପାଇଁ ଅଣ୍ଟା ଭିଡୁଛନ୍ତି । ଏବେ ନିର୍ବାଚନର ସମୟ ଏବଂ ଏହି ସମୟରେ ଆନ୍ଦୋଳନ ଜାରି ରହିଲେ, ସରକାରୀ ଦଳର ଭୋଟ ବ୍ୟାଙ୍କ କେତେକ ସ୍ଥାନରେ ପ୍ରଭାବିତ ହେଇପାରେ । ଅନ୍ୟପକ୍ଷରେ କୃଷି ଓ କୃଷକ ହେଉଛନ୍ତି, ଆମ ଅର୍ଥନୀତିର ଗୋଟିଏ ପ୍ରମୁଖ ଅଙ୍ଗ । ବେରୋଜଗାରୀ ସମସ୍ୟା ସମାଧାନ ଠାରୁ ଆରମ୍ଭକରି ଅର୍ଥନୀତିକୁ ମଜଭୁତ କରିବାରେ କୃଷିର ଭୂମିକା ସବୁବେଳେ ରହିଛି । ତେଣୁ କୃଷକଙ୍କ ସମସ୍ୟା ସମାଧାନ ଦିଗରେ ସରକାର ଯଥେଷ୍ଟ ଧ୍ୟାନ ଦେବା ଆବଶ୍ୟକ ।

## ପାକିସ୍ତାନ ସରକାର

ଶେହବାଜ ସରିଫ ଦ୍ୱିତୀୟ ଥର ପାଇଁ ପାକିସ୍ତାନର ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲେ । ନିର୍ବାଚନରେ ଇମ୍ରାନ ଖାନଙ୍କ ପାକିସ୍ତାନ ତେହେରିକ–ଇ–ଇନସାଫ (ପିଟିଆଇ) ଦ୍ୱାରା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀମାନେ ସମସ୍ତ ପ୍ରତିକୂଳ ପରିସ୍ଥିତି ଏବଂ ପାକିସ୍ତାନ ସେନାର ପରୋକ୍ଷରେ ବିରୋଧ ସତ୍ତ୍ୱେ ୯୩ ଟି ଆସନରେ ଜିତିଥିଲେ । ଦଳର ନିର୍ବାଚନ ଚିହ୍ନ ମଧ୍ୟ ବ୍ୟବହାର କରିବା ନେଇ ତାଙ୍କୁ ବାରଣ କରାଯାଇଥିଲା । ଅର୍ଥାତ୍ ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନ ଲଢ଼ି ପିଟିଆଇ ସର୍ବାଧିକ ଆସନରେ ବିଜୟୀ ହେଇଥିଲା । କିନ୍ତୁ ଏହି ସଂଖ୍ୟା ସରକାର ଗଠନ ପାଇଁ ପର୍ଯ୍ୟାପ୍ତ ନ ଥିଲା । ନୱାଜ ସରିଫଙ୍କ ପାକିସ୍ତାନୀ ମୁସଲିମ ଲିଗ–ନୱାଜ (ପିଏମଏଲ–ଏନ) ୭୫ ଟି ଆସନରେ ଜିତିଥିବା ବେଳେ ବିଲାୱାଲ ଭୁଟ୍ଟୋ ଜରଦାରୀଙ୍କ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ୫୪ ଟି ଆସନରେ ବିଜୟୀ ହେଇଥିଲେ । ପରବର୍ତ୍ତୀ ଅବସ୍ଥାରେ, ଭୋଟ ଦାନ ପ୍ରକ୍ରିୟା ଓ ଗଣତିକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ରାସ୍ତାଘାଟରେ ନାରାବାଜି କରିଥିଲେ ପିଟିଆଇ ସମର୍ଥକମାନେ । ତେବେ ଏହି ଫଳାଫଳ ଯୋଗୁଁ କେଉଁ ଦଳ ନେତୃତ୍ୱ ନେବ ସେ ନେଇ ବେଶ କିଛି ଦିନ ଧରି ଅନିଶ୍ଚିତତା ଲାଗିରହିବା ପରେ ପାକିସ୍ତାନୀ ମୁସଲିମ ଲିଗ–ନୱାଜ ନେତୃତ୍ୱରେ ମିଳିତ ସରକାର ଗଠନ ହେବାନେଇ ବାଟ ଫିଟିଲା ଏବଂ ସରିଫ ପ୍ରଧାନମନ୍ତ୍ରୀ ଭାବରେ ଶପଥ ନେଲେ । କିନ୍ତୁ ନିର୍ବାଚନଠୁ ଜନ ଅସନ୍ତୋଷ ରହିଛି ଏବଂ ପାକିସ୍ତାନ ରାଜନୀତି ଉଗ୍ର ହେବାରେ ଲାଗିଛି । ଶେହବାଜ ସରିଫ ତାଙ୍କ ଭାଷଣରେ ତାଙ୍କ ବଡ଼ ଭାଇ ନୱାଜଙ୍କୁ ଧନ୍ୟବାଦ ଜଣାଇ ତାଙ୍କୁ 'ପାକିସ୍ତାନ ନିର୍ମାଣ କରିଥିବା ବ୍ୟକ୍ତି' ବୋଲି ବର୍ଣ୍ଣନା କରିଥିବାବେଳେ ଇମ୍ରାନ ଖାନଙ୍କ ସମର୍ଥକମାନେ ନୂତନ ମିଳିତ ସରକାରକୁ 'ହାରିଥିବା ବ୍ୟକ୍ତିଙ୍କ ମିଳିତ ମଞ୍ଚ' ବୋଲି କହିଛନ୍ତି । ସାମ୍ପ୍ରତିକ ନିର୍ବାଚନରେ ପିଟିଆଇ ସମର୍ଥିତ ପ୍ରାର୍ଥୀଙ୍କ ସଫଳତା ଏବଂ ନିର୍ବାଚନ ପରିଚାଳନାରେ ପାକିସ୍ତାନୀ ସେନାର ଅସମର୍ଥତା, ମଞ୍ଚର ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଇଛି । ପିଟିଆଇକୁ ଅଟକାଇବାରେ ପାକିସ୍ତାନୀ ସେନା ସଫଳ ହେଇନାହାନ୍ତି ଏବଂ ବ୍ୟାପକ ରାଗିଂ ସତ୍ତ୍ୱେ ପିଟିଆଇ ସମର୍ଥିତ ପ୍ରାର୍ଥୀମାନେ ଭଲ ଫଳାଫଳ କରିଛନ୍ତି । ଇମ୍ରାନ ଖାନଙ୍କୁ ନିର୍ବାଚନ ପ୍ରକ୍ରିୟାରୁ ଦୂରେଇ ରଖିବା ନେଇ ଚେଷ୍ଟା ସଫଳ ହେଇନାହିଁ । ଏହି ଫଳାଫଳ ସ୍ପଷ୍ଟ କରୁଛି ଯେ' ଜନତା ସାମରିକ ପ୍ରତିଷ୍ଠାନର ଉପରେ ସନ୍ତୁଷ୍ଟ ନୁହନ୍ତି ଏବଂ ଅନ୍ୟପକ୍ଷରେ ଖାନଙ୍କ ଲୋକପ୍ରିୟତା ଏବେବି ଅତୁଟ ରହିଛି । ଦଳର ବ୍ୟାନରରେ ନିର୍ବାଚନ ଲଢ଼ିଥିଲେ ପିଟିଆଇ ନିଶ୍ଚୟ କ୍ଷମତାକୁ ଅସିଥାନ୍ତା ବୋଲି ଅନେକ ବିଶ୍ୱାସ କରନ୍ତି । ଜନତାଙ୍କ ମଧ୍ୟରେ ଥିବା ଏହି ଭାବନା ବର୍ତ୍ତମାନର ମିଳିତ ମଞ୍ଚ ପାଇଁ ଗୋଟିଏ ବଡ ଆହ୍ୱାନ । ଇମ୍ରାନ ଖାନଙ୍କୁ ବନ୍ଦୀ କରାଯିବା ଦ୍ୱାରା ତାଙ୍କ ପ୍ରତି ଲୋକଙ୍କ ସମର୍ଥନ ବଢିଚାଲିଛି । ବର୍ତ୍ତମାନ କ୍ଷମତାରେ ଥିବା ଏକ ଅସ୍ଥିର ମିଳିତ ମଞ୍ଚକୁ ଖାନ ଏବଂ ପିଟିଆଇ ସଦସ୍ୟମାନେ ସଂସଦରେ ବିଭିନ୍ନ ଇସ୍ୟୁ ନେଇ ନିଶ୍ଚୟ ଆକ୍ରମଣ କରିବେ ଯାହାଦ୍ୱାରା ମନଇଚ୍ଛା ଶାସନ କରିବା ସମ୍ଭବ ହେବନାହିଁ, ବରଂ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ପ୍ରଭାବିତ ହେବ । ଏକାଧିକ ସଙ୍କଟ ମଧ୍ୟରେ ଗତି କରୁଥିବା ଦେଶ ପାଇଁ ଏହା ହେଉଛି ସବୁଠାରୁ ଖରାପ ଫଳାଫଳ ଏବଂ ସମୟ । ପାକିସ୍ତାନକୁ ଏହି ଅବସ୍ଥାରୁ ମୁକୁଳେଇବା ପାଇଁ ବିଭିନ୍ନ କ୍ଷେତ୍ରରେ ଅନେକଗୁଡିଏ ସଂସ୍କାର ଧର୍ମୀ କାର୍ଯ୍ୟକ୍ରମ ହାତକୁ ନେବା ଦରକାର । ବୈଦେଶିକ ନୀତିରେ ସୁଧାର ଅଣାଯିବା ଦରକାର । ଉଚ୍ଚ ମୁଦ୍ରାସ୍ଫୀତି ଏବଂ ଦେବାଳିଆ ଅର୍ଥନୈତିକ ଅବସ୍ଥା ବର୍ତ୍ତମାନ ସମୟର ସବୁଠାରୁ ବଡ ଆହ୍ୱାନ । ଜନତାଙ୍କ ମୌଳିକ ଆବଶ୍ୟକତା ପୂରଣ ଉପରେ ସରକାର ଧ୍ୟାନ ନିବେଶ କରିବା ଦରକାର । ମିଳିତ ସରକାର ଏ ଦିଗରେ ସଫଳ ହେବାରେ କଷ୍ଟ ହେଇପାରେ, କାରଣ ମଞ୍ଚ ସଶକ୍ତ ନୁହେଁ । ଖାନ ଏବଂ ତାଙ୍କ ସମର୍ଥକମାନେ ସେମାନଙ୍କର ଉଲ୍ଲେଖନୀୟ ନିର୍ବାଚନୀ ପ୍ରଦର୍ଶନ ଦ୍ୱାରା ଉତ୍ସାହିତ ଅଛନ୍ତି ଏବଂ ସେମାନେ ସରକାରଙ୍କୁ ଅଡୁଆରେ ପକାଇବା ପାଇଁ ନିଶ୍ଚୟ ଚେଷ୍ଟା କରିବେ ଯାହା ପାକିସ୍ତାନ ସରକାରଙ୍କ ପାଇଁ ବାରମ୍ବାର ଆହ୍ୱାନ ସୃଷ୍ଟି କରିବ ଏବଂ ଦେଶରେ ଅସ୍ଥିରତା କମିବ ନାହିଁ, ବରଂ ବଢିବ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

## ଆଇଡ଼ରଡାଉନ୍



ଅସିତ ମହାନ୍ତି

ଆଇଡ଼ରଡାଉନ୍, ଯାହା କେବଳ ଧନୀ ଲୋକମାନେ କିଣି ପାରିବେ, ଏହା ଏପରି ଏକ ଜିନିଷ ଯେ ଯଦି ଏହା ପାଣିରେ ବୁଡିଯାଏ ତେବେ ଏହା ଓଦା ହୁଏ ନାହିଁ । ଏହାର ବିଶେଷ କଥା ହେଉଛି ଏହା ସୁନା ରୂପା ଅପେକ୍ଷା ମହଙ୍ଗା, କାରଣ ଏହାର ଉତ୍ପାଦନ ବର୍ଷରେ ମାତ୍ର ୫୦ କିଲୋଗ୍ରାମ ହୋଇପାରେ ।

ଏହାକୁ ପାଇବା ପାଇଁ, ଆଇସଲ୍ୟାଣ୍ଡକୁ ଯାଇ ବତକ ବସା ଖୋଜିବାକୁ ପଡିବ । ବାସ୍ତବରେ, ନିଜ ପିଲାମାନଙ୍କୁ ଗରମ ରଖିବା ପାଇଁ, ଏହି ବତକ ଶରୀରର ଭିତର ଅଂଶରୁ ନରମ ପକ୍ଷୀକୁ ବସାରେ ରଖେ, ଯାହାକୁ ଆଇଡ଼ରଡାଉନ୍ କୁହାଯାଏ । ଏହା ହେଉଛି ଦୁନିଆର ହାଲୁକା ଫାଇବର । ଏଥିରୁ ନିର୍ମିତ ତକିଆ ଏବଂ ରେଜେଇ ଲକ୍ଷାଧିକ ଟଙ୍କାରେ ବିକ୍ରୟ ହୋଇଥାଏ ବିଶ୍ୱ ବ୍ୟାପୀ ପ୍ରାୟ ୭୫ ପ୍ରତିଶତ ଆଇଡ଼ରଡାଉନ୍ ଆଇସଲ୍ୟାଣ୍ଡରୁ ଆସିଥାଏ ଏବଂ ଆଇସଲ୍ୟାଣ୍ଡର ଆଇଡ଼ରଡାଉନ୍ ସର୍ବୋଚ୍ଚ ଗୁଣ ବୋଲି ବିବେଚନା କରାଯାଏ । ମଣିଷକୁ ଜଣାଶୁଣା ହାଲୁକା ସାମଗ୍ରୀ ମଧ୍ୟରୁ ଗୋଟିଏ ସତ୍ତ୍ୱ ଆଇଡ଼ରଡାଉନ୍‌ର ଅନନ୍ୟ ଗୁଣ ଅଛି ଯାହା ଏହାକୁ ଏକ ଶକ୍ତିଶାଳୀ ଇନସୁଲେସନ୍ ଇଫେକ୍ଟ ଦେଇଥାଏ । ଏହାର ଅନନ୍ୟ ଗୁଣ ଯୋଗୁଁ, ଏହା ସର୍ବୋତ୍ତମ ଇନସୁଲେସନ୍ ସାମଗ୍ରୀ ଭାବରେ ବିବେଚନା କରାଯାଏ ଯାହା, ଆରାମଦାୟକ ରେଜେଇ ଏବଂ ଟକିଆ ତିଆରି କରିବାରେ ବ୍ୟବହୃତ ହୋଇପାରେ ।

ଆଇଡ଼ରଡାଉନ୍ ହେଉଛି ଏକପ୍ରକାର ଡାଉନ ପକ୍ଷୀ (ବତକ) ଅଟେ, ଯାହା ପକ୍ଷୀର କଠିନ ବାହ୍ୟ ପକ୍ଷୀ ତଳେ ଅବସ୍ଥିତ ଏକ ନରମ ଏବଂ ସୂକ୍ଷ୍ମ ସ୍ତର ମହିଳା ଆଇଡ଼ର ଡକ୍ ତା'ର ଅଣ୍ଡା ଏବଂ ଛୁଆମାନଙ୍କୁ ନିଜ ବସାରେ ରଖେ ଏବଂ ଗରମ ରଖିବା ପାଇଁ ଛାତିରୁ ପକ୍ଷୀ ବାହାର କରି ନିଜ ବସାରେ ରଖେ । ଆଇସଲ୍ୟାଣ୍ଡରେ ଏପରି କିଛି ସ୍ଥାନ ଅଛି ଯେଉଁଠାରେ ଗ୍ରୀଷ୍ମ ସମୟରେ ଅଣ୍ଡା ଦେବା ପାଇଁ ଇଡର୍ ବତକ ଏକାଠି ହୁଅନ୍ତି । ଏହି କ୍ଷେତଗୁଡିକର ମାଲିକ ଥିବା କୃଷକମାନେ ବତକମାନଙ୍କ ପାଇଁ ଅଭୟାରଣ୍ୟ ଯୋଗାନ୍ତ । ନିରାପଦରେ ଅଣ୍ଡା ଦେବାରେ ସାହାଯ୍ୟ କରିବା ପାଇଁ ସେମାନେ ବତକମାନଙ୍କ ପାଇଁ ସଂରଚନା ଏବଂ ବାସସ୍ଥାନ ମଧ୍ୟ ନିର୍ମାଣ କରନ୍ତି । ସେମାନେ ପକ୍ଷୀମାନଙ୍କୁ ଇଗଲ, ମିଙ୍କ୍ ଏବଂ ଶିଆଳ ଭଳି ଶିକାରକାରୀଙ୍କଠାରୁ ମଧ୍ୟ ରକ୍ଷା କରନ୍ତି । ଯେତେବେଳେ ପକ୍ଷୀ ଓ ଛୁଆମାନେ ଗ୍ରୀଷ୍ମ ଶେଷରେ ବସା ଛାଡିଥାନ୍ତି, କୃଷକ ଅବଶିଷ୍ଟ ଆଇଡ଼ରଡାଉନ୍ ନେଇଥାଏ । ଏହିପରି, ଅମଳ ସମୟରେ କୌଣସି ପକ୍ଷୀଙ୍କର କ୍ଷତି ହୁଏ ନାହିଁ । ପକ୍ଷୀମାନେ ସମ୍ପୂର୍ଣ୍ଣ ଜଙ୍ଗଲୀ ଏବଂ ମୁକ୍ତ, ଗ୍ରୀଷ୍ମ ପ୍ରାରମ୍ଭରେ ପହଞ୍ଚି ଜୁନ୍ ଶେଷ ସୁଦ୍ଧା ଚାଲିଯାଆନ୍ତି । ମାନବଙ୍କ ସାହାଯ୍ୟ ବିନା ଅନେକ ଅଣ୍ଡା ବୋଧହୁଏ କେବେ ବି ଫୁଟିବ ନାହିଁ । କାରଣ ସେମାନଙ୍କୁ ଆଇସଲ୍ୟାଣ୍ଡର ପ୍ରାକୃତିକ ଶିକାରକାରୀମାନେ ଖାଇବେ । ବାସ୍ତବରେ, ଯଦି ଆଇଡ଼ର ଚାଷୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅଭୟାରଣ୍ୟ ପାଇଁ ନଥାନ୍ତା, ତେବେ ଆଇଡ଼ର ବତକ ବିଲୁପ୍ତ ହେବାର ଆଶଙ୍କା ଅଧିକ ଥାଏ । ଏହି ପକ୍ଷୀକୁ କୃଷକମାନଙ୍କର ଉପସ୍ଥିତି ପସନ୍ଦ ହୋଇଥାଏ, କାରଣ ଶିକାରୀଙ୍କ ଠାରୁ କୃଷକମାନେ ତାର ଅଣ୍ଡାକୁ ବଞ୍ଚାଇଥାନ୍ତି । ସେମାନେ କୌଣସି ଅସୁବିଧା ବିନା କ୍ଷେତରେ ଚାଲିପାରନ୍ତି ଏବଂ ପକ୍ଷୀମାନଙ୍କୁ ମଧ୍ୟ ଛୁଇଁ ପାରନ୍ତି । ପ୍ରତ୍ୟେକ ପକ୍ଷୀର ବସା ବର୍ଷକୁ ପ୍ରାୟ ୧୫–୧୭ ଗ୍ରାମ ଆଇଡ଼ରଡାଉନ୍ ଉତ୍ପାଦନ କରିଥାଏ, କିମ୍ବା ପ୍ରାୟ ୦.୫–୦.୬ ଆଉନ୍ସ ଇଡର୍ଡାଉନ୍‌ର ଅନନ୍ୟ ବୈଶିଷ୍ଟ୍ୟ ଅଛି । ଆଇଡ଼ରଡାଉନ୍ ଏତେ ମୂଲ୍ୟବାନ ଏବଂ ଏହାକୁ ଏକ ଉଚ୍ଚ–ବିଳାସପୂର୍ଣ୍ଣ ଉତ୍ପାଦ ଭାବରେ ବିବେଚନା କରାଯିବାର କାରଣ ଅଛି ।

ଏହାର କାରଣ ହେଉଛି ଏହାର ଅନେକ ଅନନ୍ୟ ବୈଶିଷ୍ଟ୍ୟ ଅଛି: ଫାଇବର ଗଠନ: ନିମ୍ନରେ ଥିବା ତନ୍ତୁଗୁଡ଼ିକ ଏକ ନିଆରା ଢଙ୍ଗରେ ଗୁଡ଼ାଇ ହୋଇ ରହିଥାନ୍ତି । ଇଡର୍ଡାଉନ୍ ଅବିଶ୍ୱସନୀୟ ଭାବରେ ନରମ, ଏତେ ନରମ ଯେ ଏହା ଏକ ମେଘକୁ ସ୍ପର୍ଶ କରୁଥିବା ପରି ଲାଗେ । ଏହାର ଶକ୍ତିଶାଳୀ ଇନସୁଲେସନ୍ ଏବଂ ତାପମାତ୍ରା–ନିୟନ୍ତ୍ରିତ ଗୁଣ ଅଛି । ଆଇଡ଼ରଡାଉନ୍ ବହୁତ ହାଲୁକା । ଏହା ପ୍ରାକୃତିକ ଭାବରେ ବିସ୍ତାର ହୁଏ ଏବଂ ଶକ୍ତିଶାଳୀ ଇନସୁଲେସନ୍ ପ୍ରଦାନ କରୁଥିବାବେଳେ ପ୍ରଚୁର ବାୟୁ ଧାରଣ କରେ । ଏହା ସଙ୍କୋଚନ ପାଇଁ ଅତ୍ୟନ୍ତ ପ୍ରତିରୋଧୀ, ଏହା ନିଶ୍ଚିତ କରେ ଯେ ଏଥିରୁ ନିର୍ମିତ ଡୁଭେଟ୍ଗୁଡ଼ିକ ଫ୍ଲଫି ହୋଇ ରହିବ । ଏହାକୁ ଧରି ରଖିବା ଏବଂ ଛୁଇଁବା ପ୍ରକୃତରେ ଏକ ଅବିଶ୍ୱସନୀୟ ଅନୁଭୂତି, ଏହା ଅନ୍ୟ ଏକ ଜଗତରୁ କିଛି ପରି ଅନୁଭବ କରେ ।

ଏହା ସମ୍ଭବତଃ ଆମ ଗ୍ରହର ସବୁଠାରୁ ହାଲୁକା, ନରମ, ସବୁଠାରୁ ଗରମ ଏବଂ ଆରାମଦାୟକ ପ୍ରାକୃତିକ ସାମଗ୍ରୀ ଅଟେ । ଆଇଡ଼ରଡାଉନ୍‌ରୁ ତିଆରି ଉତ୍ପାଦ – ବିଭିନ୍ନ ହାଇ–ଏଣ୍ଡ ବିଳାସପୂର୍ଣ୍ଣ ଦ୍ରବ୍ୟରେ ଇଡର୍ଡାଉନ୍ ବ୍ୟବହୃତ ହୁଏ, ଯାହାକି ଶକ୍ତିଶାଳୀ ଇନସୁଲେସନ୍ ଗୁଣ ଆବଶ୍ୟକ କରେ । ଯେପରିକି ଡୁଭେଟ୍(ରେଜେଇ) ଏବଂ ତକିଆ ଏହା ସାଧାରଣତଃ ହାଇ–ଏଣ୍ଡ୍ ଡୁଭେଟ୍ରେ ଏକ ଫିଲର୍ ଏବଂ ଇନସୁଲେସନ୍ ସାମଗ୍ରୀ ଭାବରେ ବ୍ୟବହୃତ ହୁଏ, ଯାହା ଅନନ୍ୟ ଗୁଣ ଯୋଗୁଁ ତଳକୁ ତିଆରି ହୋଇଥାଏ ।

ଆଇଡ଼ରଡାଉନ୍‌ର, ଏହି ଡୁଭେଟଗୁଡିକର ଚାହିଦା ଯୋଗାଣଠାରୁ ବହୁ ଅଧିକ ଅଟେ । କାରଣ ବିଶ୍ୱ ବ୍ୟାପୀ ଆଇଡ଼ରଡାଉନ୍ ଉତ୍ପାଦନ ବର୍ଷକୁ ମାତ୍ର ୪ ଟନ୍ ଅଟେ । ଯଦି ଏହା ସଂପୂର୍ଣ୍ଣ ଭାବେ ଡୁଭେଟ୍ ତିଆରି ପାଇଁ ବ୍ୟବହୃତ ହୁଏ, ତେବେ ଏହା କେବଳ ବର୍ଷକୁ ୫୦୦୦–୬୦୦୦ ଡୁଭେଟ୍ ହେବ । ଏହି କାରଣରୁ, ଇଇଡର୍ଡାଉନ୍ ଡୁଭେଟ୍(ରେଜେଇ) ଗୁଡିକ ବିରଳ ଏବଂ ସ୍ୱଳ୍ପ ଯୋଗାଣରେ ବିବେଚନା କରାଯାଏ । ଆକାର ଏବଂ ଅନ୍ୟାନ୍ୟ କାରଣ ଉପରେ ନିର୍ଭର କରି ଏକ ଡୁଭେଟର ମୂଲ୍ୟ ୫–୧୫ ହଜାର ଆମେରିକୀୟ ଡଲାର ପର୍ଯ୍ୟନ୍ତ ହୋଇପାରେ । ଯେହେତୁ ଇଡର୍ଡାଉନ୍ ଡୁଭେଟ୍‌ଗୁଡିକ ଅବିଶ୍ୱସନୀୟ ଭାବରେ ହାଲୁକା ଏବଂ ନରମ,ନିଦ ପାଇଁ ଆରାମ ପ୍ରଦାନ କରନ୍ତି । ସେମାନେ ଆପଣଙ୍କ ଚାରିପାଖରେ ଥିବା ତାପମାତ୍ରାକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରନ୍ତି । ଯେତେବେଳେ ଗରମ ହୁଏ ସେତେବେଳେ ଏହା ଥଣ୍ଡା ରଖେ ଏବଂ ଥଣ୍ଡା ହେଲେ ଆପଣଙ୍କୁ ଗରମ ରଖେ । ଅବିଶ୍ୱାସନୀୟ ଆରାମ ଆପଣଙ୍କୁ ରାତିସାରା ଅଧିକ ଶୋଇବାରେ ସାହାଯ୍ୟ କରେ । ଲୋକମାନେ ସେମାନଙ୍କ ଜୀବନର ପ୍ରାୟ ଏକ ତୃତୀୟାଂଶ ଭାଗ ଶୋଇବାରେ ବିତାନ୍ତି ଏବଂ ଭଲ ନିଦ ହେଉଛି ସ୍ୱାସ୍ଥ୍ୟ ଏବଂ ଦୀର୍ଘାୟୁ ହେବାରେ ସାହାଯ୍ୟ କରେ ।

ଏହି କାରଣରୁ, ଆଇଡ଼ରଡାଉନ୍ ଡୁଭେଟ୍ସର ଅଧିକ ମୂଲ୍ୟ ଯଥାର୍ଥ ହୋଇପାରିବ । ସେମାନେ ତୁମର ନିଦକୁ ଯଥେଷ୍ଟ ଉନ୍ନତ କରନ୍ତି, ଯାହାଦ୍ୱାରା ଉନ୍ନତ ସ୍ୱାସ୍ଥ୍ୟ ଏବଂ ଏକ ଉନ୍ନତ ମାନର ଜୀବନଯାପନ ହୁଏ । ଧ୍ୟାନ ଦିଅନ୍ତୁ ଯେ ଲୋକମାନେ ପ୍ରତ୍ୟେକ ଦିନ ଏକ ଘଣ୍ଟାରୁ କମ୍ ଗାଡି ଚଳାଇବା ସତ୍ତ୍ୱେ, ଲୋକମାନେ ନିଜ କାରରେ କେତେ ଟଙ୍କା ଖର୍ଚ୍ଚ କରନ୍ତି । ଏହି ସମୟରେ, ଲୋକମାନେ ରାତିରେ ପ୍ରାୟ ୭–୯ ଘଣ୍ଟା ଶୋଇଥାନ୍ତି । ଏଥିସହ ଏକ ନୂତନ ଗୁଣବତ୍ତା ଅପେକ୍ଷା ଏକ ଉଚ୍ଚମାନର ଡୁଭେଟ୍ ଅଧିକ ସମୟ ରହିଥାଏ । ଶହ ଶହ ବର୍ଷ ଧରି ଆଇଡ଼ରଡାଉନ୍ ବ୍ୟବହୃତ ହେଉଛି । ଇତିହାସ ମଧ୍ୟରେ ଏହା ସାଧାରଣତଃ ରାଜା ରାଜୁଡା ଘରେ ଏବଂ ଅତ୍ୟଧିକ ଧନୀ ବ୍ୟକ୍ତିଙ୍କ ଦ୍ୱାରା ବ୍ୟବହୃତ ହେଉଥିଲା । ୧୯୧୨ ମସିହାରେ ବୁଡ଼ି ଯାଇଥିବା ଟାଇଟାନିକରେ ୮୦୦ ଟି ଇଡେରଡାଉନ୍ ଡୁଭେଟ୍ (ରେଜେଇ) ଥିଲା । ବିଶ୍ୱର ପ୍ରାୟ ୭୫ ପ୍ରତିଶତ ଉତ୍ପାଦନ ଆଇସଲ୍ୟାଣ୍ଡରେ ଉତ୍ପାଦିତ ହୁଏ । ଅମଳ ସମୟରେ କୌଣସି ପକ୍ଷୀଙ୍କର କ୍ଷତି ହୁଏ ନାହିଁ । ବାସ୍ତବରେ, ସେମାନେ କୃଷକମାନଙ୍କ ଦ୍ୱାରା ସୁରକ୍ଷିତ । ଆଇସଲ୍ୟାଣ୍ଡ୍ ଆଇଡ଼ରଡାଉନ୍ ପଶୁ–ଅନୁକୂଳ ଏବଂ ପରିବେଶ ଅନୁକୂଳ ଅଟେ ।

**ସୁଜନପୁର , ଯାଜପୁର**
**ମୋ–୯୩୪୮୭୬୮୮୧୨**

## କିମ୍ବଦନ୍ତୀରେ ସାନ୍ତାଳ ବାହାପାରାବ୍



ଦଶରଥ ହେମ୍ବ୍ରମ୍

ଶୀତଋତୁ ଗଲା ପରେ ପରେ ଋତୁରାଜ ବସନ୍ତର ଆଗମନ ହେଉ ହେଉ ସାନ୍ତାଳ ଗ୍ରାମଗୁଡ଼ିକରେ ବାହା ପାରାବ୍/ବଙ୍ଗା ଚଳଚଞ୍ଚଳ ହୋଇଉଠେ । ଏପଟେ ପ୍ରକୃତିରାଣୀ ଅପୂର୍ବ ସୌନ୍ଦର୍ଯ୍ୟରେ ସଜେଇ ସତେଜତା ଓ ଆତ୍ମପ୍ରଣୟ ଅନୁଭବ ଆରମ୍ଭ କରିଦେଇଥାଏ । ପ୍ରାକୃତିକ ପରିବେଶ ଭିତରେ ସବୁକିଛି ନୂଆ ନୂଆ ଲାଗିବା ସହିତ ଚାରିଆଡ଼େ ନୂତନ ବାସ୍ନାରେ ମହକି ଉଠେ । ପ୍ରକୃତି ଓ ମଣିଷ ମଧ୍ୟରେ ଭଲ ପାଇବା ଡୋରିରେ ପରସ୍ପର ବାନ୍ଧି ହେଇଯାଏ । ବନ୍ୟଜନ୍ତୁ ଓ ପକ୍ଷୀମାନେ ବସନ୍ତର ବାସ୍ନାରେ ବିଭୋର ହୋଇ ନାଚଗୀତରେ ମାତି ଯାଆନ୍ତି । କ୍ଷେତରେ ସୋରିଷ ଫୁଲ ମୃଦୁମଳୟର ସ୍ପର୍ଶରେ ମନକୁ ଆନ୍ଦୋଳିତ କରି ଶରୀରକୁ ପୁଲକିତ କରିଦିଏ । ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ କେତେବେଳେ ହଳଦିଆ ରଙ୍ଗରେ ରଙ୍ଗେଇ ଦିଏ, ତାହା ଜଣା ପଡ଼େନାହିଁ । ଏମିତିକି ମହୁଲ ଫୁଲର ବାସ୍ନାରେ ମନରେ ଥିବା ଦୁଃଖ, କଷ୍ଟ ଓ ଯନ୍ତ୍ରଣାକୁ କେତେବେଳେ ଯେ ଦୂରକରି ଅପୂର୍ବ ଖୁସି ଆଣିଦେଇଥାଏ, ତାହା ମଧ୍ୟ ଜାଣିହୁଏ ନାହିଁ । ତେଣୁ ଯେଉଁଠି ବସନ୍ତ ଅଛି, ସେଠି ଦୁଃଖର ସ୍ଥାନ ନାହିଁ କହିଲେ ନିର୍ଭୁଲ ହେବ ।

ଋତୁଚକ୍ରରେ ବସନ୍ତର ଫଗୁଣ ମାସରେ ବୃକ୍ଷରାଜି ପଲ୍ଲବିତ ହୋଇ ନବ କୁସୁମରେ ପରିପୂର୍ଣ୍ଣ ହୁଏ । ଫଳନ୍ତି ବୃକ୍ଷମାନଙ୍କର ନାନାଜାତିର ଫୁଲଫଳକୁ ଖାଇବାର ପ୍ରକ୍ରିୟା ମଣିଷ ଆରମ୍ଭ କରିଦେଇଥାଏ । ସାନ୍ତାଳ ବିଧି ଅନୁସାରେ ବାହା ପୂଜା ନ ହେବା ପର୍ଯ୍ୟନ୍ତ କେହି ଫୁଲ ତୋଳନ୍ତି ନାହିଁ କିମ୍ବା ଖାଇବାଯୋଗ୍ୟ ଜଙ୍ଗଲି ଫୁଲକୁ ମଧ୍ୟ କେହି ଖାଆନ୍ତି ନାହିଁ । ପ୍ରକୃତିମାତାର ଏହି ଉପହାରକୁ ବଙ୍ଗାମାନଙ୍କୁ (ଠାକୁର ଗୋସାଇଁ) ଅର୍ପଣକରିସାରିଲା ପରେହିଁ ସେମାନେ ବ୍ୟବହାର କରିଥାନ୍ତି । ତେବେ ଏହି ମାସରେ ବାହାଘର କରିବା ଅତ୍ୟନ୍ତ ଶୁଭଦାୟକ ହୋଇଥିବାରୁ ଘରର ପିତାମାତା ଓ ଅନ୍ୟାନ୍ୟ ଗୁରୁଜନମାନେ ପୁଅଘର ଏବଂ ଝିଅଘରକୁ ଯାଇ ଶୁଭଲଗ୍ନ ଦେଖି ପୁଅ–ଝିଅଙ୍କୁ ବିବାହ ବନ୍ଧନରେ ବାନ୍ଧି ଦେଇଥାନ୍ତି । ତେଣୁ ଫଗୁଣ ମାସର ଶୁକ୍ଳପକ୍ଷ (ମୁଲୁଗ୍‌ମଣେମାହା)ରେ ବାହା ପାରାବ୍/ବଙ୍ଗା ଆୟୋଜନ କରାଯାଏ । ବାହା ପାରାବ୍ ସାନ୍ତାଳମାନଙ୍କ ଏକ ପ୍ରମୁଖ 'ପୂଜା ପର୍ବ', ଏହାକୁ ଓଡ଼ିଆରେ 'ଫୁଲ ପର୍ବ' ମଧ୍ୟ କୁହାଯାଏ । ଫୁଲ ପାଇଁ ଯେଉଁ ପର୍ବ ପାଳନ କରାଯାଏ, ତାହାକୁ ବାହା ପାରାବ୍ କୁହାଯାଏ । ଏହା ସାନ୍ତାଳମାନଙ୍କ ଦ୍ୱିତୀୟ ମୁଖ୍ୟ ପର୍ବ । ତେବେ ପ୍ରତି ସାନ୍ତାଳ ଗ୍ରାମରେ ବିଧି ଓ ତିଥି ଅନୁସାରେ ଏହି ପର୍ବ ଫଗୁଣମାସର ଶୁକ୍ଳପକ୍ଷଠାରୁ ଆରମ୍ଭ କରି ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ପାଳିତ ହୋଇଥାଏ । ବାହା ପର୍ବ/ବଙ୍ଗା ଆରମ୍ଭ ହୁଏ ଉମ୍‌ବା ସ୍ନାନ, ଯାହାକୁ ବାହାବଙ୍ଗାର ପ୍ରଥମ ଦିନ ବୋଲି ବିବେଚନା କରାଯାଏ । ଏହାକୁ ଦେବସ୍ନାନ ମଧ୍ୟ କୁହାଯାଏ । ଗ୍ରାମବାସୀମାନେ ମିଶି ଜାହିରା ପୀଠରେ ଥିବା ଶାଳଗଛ ମୂଳରେ ଏକପାଖିଆ ଚାଳିଆ ପ୍ରସ୍ତୁତ କରିଥାନ୍ତି । ଏଥିରେ ତିନିଠାକୁର ରହନ୍ତି । ଅନ୍ୟ ଚାଳିଆଟି ମହୁଲ ଗଛ ମୂଳରେ ପ୍ରସ୍ତୁତ କରାଯାଏ । ସେଥିରେ ଗୋସାଇଁ ଏରା ପୂଜା ପାଆନ୍ତି । ପାଖାପାଖି ଅନ୍ୟାନ୍ୟ ବୃକ୍ଷ ମୂଳରେ ସୀମା ଶାଳେବଙ୍ଗା ବାସ କରନ୍ତି । ସେଠାରେ ମଧ୍ୟ ଗ୍ରାମବାସୀମାନେ ଚାଳିଆ ତିଆରି କରିଥାନ୍ତି । ତେବେ ଚାଳିଆ ତିଆରି କରିବା ପାଇଁ ଗ୍ରାମବାସୀମାନେ ରୀତିନୀତି ଓ ବିଧି ଅନୁସାରେ ନିଷ୍ଠାପର ରହିବାକୁ ପଡିଥାଏ । ଚାଳିଆ ନିର୍ମାଣ ସରିଲା ପରେଗାଁର ପୁରୋହିତ ଚଟାଣକୁ ଗୋବରରେ ଲିପି ସଫା କରନ୍ତି । ତା'ପରେ ଗ୍ରାମ ପୁରୋହିତ ଦେବତାମାନଙ୍କୁସ୍ନାନ କରିବା ସହିତ ବ୍ୟବହୃତ ଅସ୍ତ୍ରଶସ୍ତ୍ର ଯଥା– ତ୍ରିଶୂଳ, ଧନୁତୀର, ଟାଙ୍ଗୀ, କେନ୍ଦ୍ରା, ସିଙ୍ଘଶଙ୍ଖ, ବଇଁଶି ଆଦି ପାଣିରେ ଧୋଇ ସଫା କରିଥାନ୍ତି ।

ଗ୍ରାମବାସୀମାନେ ଏହି କାର୍ଯ୍ୟରେ ପୁରୋହିତଙ୍କୁ ସାହାଯ୍ୟ କରିଥାନ୍ତି । ପୁରୋହିତଙ୍କ ସମେତ ଚାଳିଆ ପ୍ରସ୍ତୁତ କରିଥିବା ଗ୍ରାମବାସୀମାନେ ଦିନସାରା ଉପବାସରେ ରହିଥାନ୍ତି । ବାହାବଙ୍ଗାର ଦ୍ୱିତୀୟ ଦିନରେ ଭୋରରୁ ପୁରୋହିତ ଏବଂ ଉପପୁରୋହିତ ସ୍ନାନାଦି କାର୍ଯ୍ୟ ସମାପନ କରନ୍ତି । ଏହି ଅବସରରେ ଉପପୁରୋହିତ ପୂଜା ପାଇଁ ଘଟ ଆଣନ୍ତି ଏବଂ ପୁରୋହିତ ନୂଆ କୁଲାରେ ସମସ୍ତ ପୂଜା ସରଞ୍ଜାମ ସଜାଇ ଜାହିରା ପୀଠକୁ ଯାଆନ୍ତି। ପରେ ପରେ ଗ୍ରାମର ଅନ୍ୟମାନେ ପୁରୋହିତଙ୍କ ପଛେ ପଛେ ଜାହିରା ପୀଠକୁ ଯାଆନ୍ତି । ସେଠାରେ ଚାଳିଆ ତଳେ ପୂଜାପାଇଁ ଅରୁଆ ଚାଉଳ ତିଆରି ଚୂନାରେ ପୁରୋହିତ 'ଖଣ୍ଡ୍' ପ୍ରସ୍ତୁତକରନ୍ତି । ତା'ପରେ ଗ୍ରାମରମୁଖ୍ୟ ଦେବତା ମାରାଂବୁରୁ, ଜାହେର୍ ଆୟୋ / ଜାହେର୍‌ଏରା, ମଣେକ–ତୁରୁୟକ, ଲିଟାଗୋସାଇଁ, ଶିକାରୀ ଦେବଦେବୀ, ରଙ୍ଗବୁଢ଼ୀ, କୃଷିଦେବୀ ଆଦିଙ୍କୁ ପୂଜା ଅର୍ପଣ କରାଯାଏ । ଗ୍ରାମର ପୁରୋହିତଶାଳ, ମହୁଲ, ଚିଙ୍ଗୁଡ଼ି, ପଳାଶ ଫୁଲସହିତ ଆମ୍ବକଷି, ଆମ୍ବଡ଼ା ଓ ଅନ୍ୟାନ୍ୟ ଜଙ୍ଗଲଜାତ ଫୁଲଫଳକୁ ଜାହିରା ଠାକୁରଙ୍କ ଉଦ୍ଦେଶ୍ୟରେ ଅର୍ପଣ କରନ୍ତି । ତତ୍ ସଙ୍ଗେ ସଙ୍ଗେ ବଳି ପ୍ରଦାନ କରି ଗୁହାରୀ କରିଥାନ୍ତି, 'ଜୁହାର୍ ଗୋସାଇଁ, ମା' ତବେ, ନଃଅୟ ବାହାବଙ୍ଗା ଝୁତୁମ୍‌ତେ ଏମାମ୍ କାନ୍ଟାଲାମ୍ କାନାଲେ, କୁସିତେ ରାସ୍କାତେ ଆତାଙ୍ଗ୍‌କାଃ ତେଲାକାଃ ତାଲେମେ । ଦେ ଏନ୍ତ୍ର ନାଆଁବାହା, ନାଆଁ ଯଅ ଜମାଲେହାବ୍ ଆଲେ, ଲାଜ୍‌ହସୁବହଃହାସୁକ ଆଲାମ୍‌ଶିରଜାଅ ଅଚୟ ସାଉଂରୋଗ୍ ବେମାର୍, ବାଦୀ–ବାୟରି ଲାଗାଗିଡ଼ିକାକ ମୋ କୁଳିକଲାଗିଦ୍ ହଁ ଦିଶମ୍‌ପେଳାକ ଆୟୁର୍ ଆଗୁସୁତୁଃ ଆଗୁକମୋକଳାକହଁ ଯାହାଁ କାମିଲା ଗିଦ୍‌କ ସେନଃହର୍‌ତାକ ସାର୍‌କାଃ ସାଗୁନ୍‌କାଃମେ ।' ଅର୍ଥାତ୍, 'ଜୁହାର ଗୋସାଇଁ, ଆଜି ବାହା ପର୍ବ ଅବସରରେ ଅର୍ପଣ କରୁଅଛୁ, ଖୁସିରେ ଗ୍ରହଣ କରିବ, ଏହି ଯେ ନୂଆ ଫଳ, ନୂଆ ପୁଷ୍ପକୁ ତୋଳିବୁ, ଖାଇବୁ, ଯେମିତି ପେଟବ୍ୟଥା, ମୁଣ୍ଡବ୍ୟଥା ନହେଉ । ରୋଗ, ବେମାର ଓ ବାହ୍ୟ ଶତ୍ରୁ କବଳରୁ ରକ୍ଷାକରି ସେମାନଙ୍କୁ ଭଗେଇ ଦିଅ ଗୋସାଇଁ ।

ଯୁବତୀମାନଙ୍କ ପ୍ରସ୍ତାବ ଆଣିବାରେ ତୁମେହିଁ ସାହାଯ୍ୟ କରିବ । ଯୁବକମାନେ ତୁମରି ନାମ ନେଇ ଯେଉଁ ଶୁଭକାର୍ଯ୍ୟରେ ଆଗେଇବେ, ସେମାନଙ୍କୁ ସଫଳ କରିବ ଗୋସାଇଁ । ପୂଜା ସରିବା ପରେ ବଳିଗୁଡ଼ିକର ମାଂସରେ 'ଶଳେ ଦାକା' ଅର୍ଥାତ୍ ଖେଚୁଡ଼ିକରି ସମସ୍ତଙ୍କୁ ଖାଇବାକୁ ପ୍ରସାଦ ରୂପେ ଦିଆଯାଏ । ଉପବାସରେ ରହିଥିବା ପୁରୋହିତଙ୍କ ସମେତ ଗ୍ରାମବାସୀମାନେ ବଳି ପଡ଼ିଥିବା ମୁଣ୍ଡମାଂସକୁ ଅବଶିଷ୍ଟ ଚୂନାରେ ମିଶାଇ ପ୍ରସାଦ ପ୍ରସ୍ତୁତ କରିଖାଆନ୍ତି । ବାହା ପୂଜାର ଶେଷ ପର୍ଯ୍ୟାୟରେ ପୁରୋହିତ ସମସ୍ତଙ୍କୁ ଫୁଲ ଦିଅନ୍ତି । ତା'ପରେ ସାନ୍ତାଳ ଲୋକମାନେ ସେଦିନଠାରୁ ବନ୍ୟଜାତ ଫୁଲ ଫଳକୁ ବ୍ୟବହାର କରିଥାନ୍ତି । ଏହାପରେ ଯୁବକମାନେ ପଗଡ଼ି ଓ ଯୁବତୀମାନେ ଖୋସାରେ ଶାଳଫୁଲ ଖୋସି ନୃତ୍ୟ ଗୀତକରି ଗ୍ରାମାଭିମୁଖେ ଯାତ୍ରା କରିଥାନ୍ତି । ପୁରୋହିତ ଦମ୍ପତି, ତାଙ୍କ ପଛକୁ ଉପ–ପୁରୋହିତ ଦମ୍ପତି ଏବଂ ତାଙ୍କ ପଛକୁ ନୃତ୍ୟରତ ତରୁଣତରୁଣୀମାନେ ମାଦଳର ତାଳେ ତାଳେ ଏହି ଶୋଭାଯାତ୍ରାରେ ସେମାନଙ୍କୁ ନିଜଘରେ ପହଞ୍ଚାଇ ସାରିବା ପରେ ସମସ୍ତେ ନିଜ ନିଜ ଘରକୁ ଚାଲିଯା'ନ୍ତି । କଳାପ୍ରେମୀମାନେ ରାତିସାରା ନାଚଗୀତ ଆୟୋଜନ କରି ସମସ୍ତେ ହସଖୁସିରେ ଝୁମନ୍ତି ।

ବାହା ପର୍ବର ତୃତୀୟ ଦିନରେ ଅର୍ଥାତ୍ 'ଆଗ୍‌ରାଳା' ଦିବସ ପ୍ରଥା ରହିଛି । ତେବେ ଯେଉଁମାନେ 'ସହରାଇ' ପର୍ବରେ ପିତୃପୁରୁଷମାନଙ୍କୁ ପୂଜାକରି ନଥାନ୍ତି ସେମାନେ ଏହି ଦିନରେ ଗୃହ ଦେବତାଙ୍କୁ ପୂଜାର୍ପଣ କରି ଆଶୀର୍ବାଦ ଓ ଶୁଭାଶିଷ ପାଇଥାନ୍ତି ।

ଏହି ଅବସରରେ ସମସ୍ତ ବନ୍ଧୁବାନ୍ଧବ ନିମନ୍ତ୍ରିତ ହୋଇ ଆସିଥାନ୍ତି । ସେଦିନ ସମସ୍ତଙ୍କ ଘରେ ଭୋଜିଭାତର ଆସର ଦେଖିବାକୁ ମିଳିଥାଏ । ଆନନ୍ଦ ଓ ଉଲ୍ଲାସରେ ଏହି ଦିନଗୁଡ଼ିକ ବିତିଯାଏ । କିନ୍ତୁ ଏହିଦିନରେ ଗ୍ରାମବାସୀମାନେ ବଣଜଙ୍ଗଲକୁ ଶିକାର କରିବାକୁ ଯାଆନ୍ତି । ପ୍ରଥା ଅନୁସାରେ ପକ୍ଷୀ ହେଉ କିମ୍ବା ଯେ କୌଣସି ଜୀବଟିଏ ଶିକାରକରି ଆଣିଲେ, ତାହା ଶୁଭ ବୋଲି ବିବେଚନା କରାଯାଏ । କୌଣସି କାରଣବଶତଃ ଯଦି ଶିକାର ନ ମିଳେ ତେବେ ବିଧି ରକ୍ଷା ପାଇଁ ଗ୍ରାମମୁଖ୍ୟଙ୍କ କୁକୁଡ଼ାକୁ ଶିକାର କରିଥାନ୍ତି । ତା'ପରେ ସନ୍ଧ୍ୟା ସମୟରେ ପୁରୋହିତଙ୍କ ଘରେ 'ଆଗ୍‌ରାଳା' ମାଙ୍ଗଳିକ କାର୍ଯ୍ୟବିଧି ଅନୁସାରେ ସମ୍ପନ୍ନ ହୁଏ । ଏହି କାର୍ଯ୍ୟ ସରିବା ପରେ ଉପବାସରେ ରହିଥିବା ପୁରୋହିତଙ୍କ ଉପବାସ ଭାଙ୍ଗିବା ପାଇଁ ପ୍ରଥମେ ତାଙ୍କ ଘରେ ଉପପୁରୋହିତଙ୍କ ସମେତ ଅନ୍ୟମାନେ ହାଣ୍ଡିଆ ପିଇବାର ବ୍ୟବସ୍ଥା କେଉଁକାଳରୁ ରହିଆସିଛି । ତା'ପରେ ଗ୍ରାମବାସୀମାନେ ଗୀତ ଗାଇ ଗାଇ 'ବାହାପାରାବ୍/ବଙ୍ଗା'କୁ ଉଲ୍ଲାସରେ ବିଦାୟ ଦେଇଥାନ୍ତି ।

**ଦୁର୍ନୀତି ନିବାରଣ ଅଧିକାରୀ,**
**ବାଲେଶ୍ୱର ଖଣ୍ଡ, ବାଲେଶ୍ୱର,**
**ମୋ–୯୩୩୭୪୦୪୨୫୪**

## ଜିଜ୍ଞାସା

ଥରେ ଜଣେ ସାଧୁ ଜଙ୍ଗଲ ରାସ୍ତା ଦେଇ ତାଙ୍କର ଦୁଇଜଣ ଅନୁଗାମୀଙ୍କ ସହ ଯାଉଥିଲେ । ହଠାତ୍ ମଝି ଜଙ୍ଗଲରେ ଏକ ବ୍ୟକ୍ତି ସହ ତାଙ୍କର ସାକ୍ଷାତ ହୋଇଗଲା । ଜଣେ ଅପରିଚିତ ବ୍ୟକ୍ତିକୁ ଦେଖି ସାଧୁ ଜଣକ ଆଶ୍ଚର୍ଯ୍ୟ ହୋଇଗଲେ । ସେମାନେ ତାକୁ ନ ଦେଖିଲା ପରି ନିଜ ବାଟରେ ଯିବାବେଳେ ସେ ବ୍ୟକ୍ତି ଜଣକ ତାଙ୍କ ପାଖକୁ ଦୌଡ଼ି ଆସି ସାଧୁଙ୍କୁ ପ୍ରଣାମ କଲା ।

ସାଧୁ ଜଣକ ଟିକିଏ ପ୍ରକୃତିସ୍ଥ ହୋଇ ସେଠାରେ ଛିଡ଼ା ହେଲେ । ସେ ସାଧୁଙ୍କୁ ପଚାରିଲା– ଆପଣ କୁଆଡ଼େ ଯାଉଛନ୍ତି? ସାଧୁ କହିଲେ– ଭ୍ରମଣ ଉଦ୍ଦେଶ୍ୟରେ । ବ୍ୟକ୍ତି ପଚାରିଲା– କାହିଁକି ଭ୍ରମଣ କରୁଛନ୍ତି ? ସାଧୁ କହିଲେ– କିଛି ଭଲ ଜିନିଷର ଅନ୍ୱେଷଣରେ । ବ୍ୟକ୍ତି ପଚାରିଲା– ଭଲ ଜିନିଷ କ'ଣ ? ସାଧୁ ଅଳ୍ପ ହସି କହିଲେ– ତୁମେ ହିଁ ସେ ଭଲ ଜିନିଷ । 'ମୁଁ ସେ ଭଲ ଜିନିଷ, ଯାହାହେଉ ଆପଣ ଅନ୍ୱେଷଣ କରୁଥିବା ଜିନିଷ ପାଇଗଲେ' କହି ଲୋକଟି ହସିହସି ସେଠାରୁ ନିଜ ରାସ୍ତାଧରି ଦୂରକୁ ଚାଲିଗଲା । କିଛି ସମୟ ପରେ ଉଭୟ ଅନୁଗାମୀଙ୍କୁ ସାଧୁ କହିଲେ– ଏ ଘଟଣାରୁ କ'ଣ ଶିଖିଲ ?

ପ୍ରଥମ ଅନୁଗାମୀ କହିଲେ– ମନୁଷ୍ୟକୁ ପ୍ରଶଂସା କଲେ ବ୍ୟକ୍ତି ଭେଦରେ ତା' ମଧ୍ୟରେ ଅହଂଭାବ ଅଳ୍ପ ବା ବହୁତ ସୃଷ୍ଟି ହୁଏ । ଦ୍ୱିତୀୟ ଅନୁଗାମୀ କହିଲେ– ଅଧିକାଂଶ ମନୁଷ୍ୟକୁ ପ୍ରଶଂସା କଲେ ସେମାନଙ୍କର ଜିଜ୍ଞାସାର ଅନ୍ତ ଘଟିଥାଏ । ଯେମିତି ଏ ବ୍ୟକ୍ତି ଜଣକଙ୍କର ଜିଜ୍ଞାସାର ଅନ୍ତ ଶୀଘ୍ର ଘଟିଲା । ସାଧୁ ଜଣକ ତାଙ୍କର ଉଭୟ ଅନୁଗାମୀଙ୍କ କଥା ସ୍ୱୀକାର କରି ଯୋଡ଼ିଲେ– ନିରର୍ଥକ ପ୍ରଶ୍ନ କରି ଜିଜ୍ଞାସା ସୃଷ୍ଟି କରୁଥିବା ଲୋକଟିକୁ ମୁଁ ତା'ର ଶେଷ ପ୍ରଶ୍ନର ସେଭଳି ଉତ୍ତର ଦେଲି ।

ପ୍ରକୃତରେ ଜିଜ୍ଞାସା ପ୍ରବୃତ୍ତିର ମାନବ ମନରେ ପ୍ରଶଂସା ପ୍ରତି ଅହଂଭାବ ନ ଥାଏ ଏବଂ କୌଣସି ଭଲ ବିଷୟକୁ ନେଇ ତା' ମନରେ ଜିଜ୍ଞାସାର ସମାପ୍ତି ନ ଥାଏ ।' ଏହା କହି ତା'ପରେ ସେମାନେ ନିଜ ଭ୍ରମଣ ଦିଗରେ ଆଗକୁ ଅଗ୍ରସର ହେଲେ ।

**ସନ୍ତୋଷ କୁମାର ଅଦାବର,**
**ବୀରମହାରାଜପୁର,ସୁବର୍ଣ୍ଣପୁର**



ଓଡିଶା ହସ୍ତତନ୍ତ, ହସ୍ତକଳା ଉନ୍ନୟନ ପ୍ରୋତ୍ସାହନ ପରିଷଦର ନୂଆ କୋଠାକୁ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୋଠପାଟଣା ଠାରେ ନୂଆ ଲୟୋଲା ସ୍କୁଲର ଶିଳାନ୍ୟାସ କରୁଛନ୍ତି



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବୀନ ନିବାସରେ ବିଏସ୍‌କେୱାଇ- ନବୀନ କାର୍ଡ ପ୍ରଦାନ କରୁଛନ୍ତି

# ଜୀ-ସାର୍ଥକର ମେଗା ରିୟାଲିଟି ସୋ ଡାନ୍ସ ଓଡିଶା ଡାନ୍ସ

ଭୁବନେଶ୍ୱର, (ସବ୍ୟୁ): ଓଡିଶାର ନମ୍ବର-୧ ମନୋରଞ୍ଜନ ଚ୍ୟାନେଲ ଜୀ-ସାର୍ଥକ ସବୁବେଳେ ତାର ଦର୍ଶକଙ୍କ ସହ ଯୋଡି ହୋଇ ରହିବା ପାଇଁ ଅବିରତ ଚେଷ୍ଟା ଜାରି ରଖିଥାଏ । କେତେବେଳେ ଟିଭି ମାଧ୍ୟମରେ ତ କେତେବେଳେ ସିଧା ସିଧା ଦର୍ଶକଙ୍କ ପାଖରେ ପହଞ୍ଚିଥାଏ । ସେହି ପରିପ୍ରେକ୍ଷିରେ ଜୀ-ସାର୍ଥକ ଆରମ୍ଭ କରିଛି ଡାନ୍ସ ଓଡିଶା ଡାନ୍ସ – ଜୀ-ସାର୍ଥକ ସଂସାର ଡବଲ୍ସ ଲିଗ୍, ସୋ ପ୍ରଚାରର ଏକ ନୂଆ ପ୍ରୟାସ, ଯାହା ଆପଣଙ୍କୁ ଦେବ ଖରା ଦିନରେ ମାଗଣା ଆଇସ୍କ୍ରୀମ । ହେଲେ କେମିତି ପାଇବେ ଏହି ମାଗଣା ଆଇସ୍କ୍ରୀମ ?

ଜୀ-ସାର୍ଥକରେ ପ୍ରସାରିତ ସେଲିବ୍ରେଟିଙ୍କ 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ, ଜୀ-ସାର୍ଥକ ସଂସାର ଡବଲ୍ସ ଲିଗ୍' ର ପ୍ରଚାରକୁ ଆହୁରି ଏକ ପାଦ ଆଗକୁ ନେଇ ଏହାର ଟିମ୍ ଆରମ୍ଭ କରିଛି ସାମାଜିକ ଗଣମାଧ୍ୟମ ବା ସୋସିଆଲ ମିଡିଆରେ ଏକ ନୂଆ ହାସଟ୍ୟାଗ ଚେଟଣ୍ଡ #ZSDUMDARJODI । ଯେମିତିକି ସୋ ର ଟ୍ୟାଗ ଲାଇନରେ କୁହାଯାଇଛି ଯେବେ ଯୋଡି ଥିବା ଦମଦାର ଧମାକା ହେବ ଜୋରଦାର , ସେମିତି ଆପଣ ନିଜର ଦମଦାର ବନ୍ଧୁ, ବାନ୍ଧବୀ ବା ନିଜ ଯୋଡି ସହ ନିକଟସ୍ଥ ଜୀ ସାର୍ଥକ ଆଇସ୍କ୍ରୀମ ଟ୍ରଲି ପାଖକୁ ଯିବେ ଓ ଗୋଟିଏ ଆଇସ୍କ୍ରୀମ କିଣି ଆଉ ଗୋଟେ ଆଇସ୍କ୍ରୀମ ମାଗଣାରେ ପାଇବେ । ଆପଣ ଆଇସ୍କ୍ରୀମ ଓ ନିଜ ଯୋଡି ସହ ଫଟୋ ଉଠାଇ ସୋସିଆଲ ମିଡିଆରେ ଅପଲୋଡ କରିବେ ଓ ବ୍ୟବହାର କରିବେ #ZSDUMDARJODI । କିଛି ନୂଆ କରିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ, ଜୀ-ସାର୍ଥକ ସଂସାର ଡବଲ୍ସ ଲିଗ୍', ଦର୍ଶକଙ୍କୁ ଆକର୍ଷିତ କରିବାରେ ସଫଳ ହେବ ବୋଲି ଏହି ରୋମାଞ୍ଚକର ନୂତନ ରିଆଲିଟି ଡ୍ୟାନ୍ସ ସୋ ର ସଦସ୍ୟ ମାନେ କହିଛନ୍ତି ।




# ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ

ଭୁବନେଶ୍ୱର, (ସବ୍ୟୁ): ଆଜି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ସମେତ ଅନ୍ୟ ସମସ୍ତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବେଠକରେ ୨୦୨୩-୨୪ଆର୍ଥିକ ବର୍ଷରେ ଫେବୃୟାରୀ ୨୦୨୪ ଶେଷ ସୁଦ୍ଧା ବିଭିନ୍ନ ବିଭାଗ ତଥା ରାଜ୍ୟର ବିତ୍ତୀୟ ପ୍ରଦର୍ଶନ ସଂପର୍କରେ ଅର୍ଥ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଥିଲା । ବଜେଟରେ ଆର୍ଥିକ ଆବଣ୍ଟନ ଅନୁସାରେ ବିଭିନ୍ନ ବିଭାଗର ଗତବର୍ଷ ଫେବୃୟାରୀ ମାସ ଶେଷ ତୁଳନାରେ ଚଳିତବର୍ଷ ଫେବୃୟାରୀ ମାସ ଶେଷ ସୁଦ୍ଧା ବ୍ୟୟରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥିବା ଜଣାଯାଇଛି । ବୈଠକରେ ମୁଖ୍ୟ ଶାସନ ସଚିବ ବିଭିନ୍ନ ବିଭାଗର କାର୍ଯ୍ୟ ଅଗ୍ରଗତି ସଂପର୍କରେ ଅନୁଧ୍ୟାନ କରି ଆବଶ୍ୟକ ପରାମର୍ଶ ଦେଇଥିଲେ ।



ବୈଠକରୁ ଜଣାଯାଇଛି ଯେ, ରାଜସ୍ୱ ଆଦାୟ କ୍ଷେତ୍ରରେ ମୁଖ୍ୟତଃ ଜିଏସଟି, ଭୂରାଜସ୍ୱ, ଯାନଟିକସ, ଇଡିର ଭଲପ୍ରଦର୍ଶନ ଯୋଗୁଁ ୨୦୨୪ ଫେବୃଆରୀ ସୁଦ୍ଧା ନିଜସ୍ୱ ଟିକସ ରାଜସ୍ୱରେ ଗତବର୍ଷ ତୁଳନାରେ ୧୮% ବୃଦ୍ଧିଘଟିଛି । ସେହିପରି ମୁଖ୍ୟତଃ ଖଣି ରାଜସ୍ୱ ଏବଂ ପ୍ରାପ୍ତ ଲାଭାଂଶରେ ଅଭିବୃଦ୍ଧି ଯୋଗୁଁ ୨୦୨୪ ଫେବୃଆରୀ ସୁଦ୍ଧା ଅଣଟିକସ ରାଜସ୍ୱରେ ପୂର୍ବବର୍ଷର ସମାନ ଅବଧିତୁଳନାରେ ୨୦% ବୃଦ୍ଧି ଘଟିଛି । ୨୦୨୪ ଫେବୃଆରୀ ସୁଦ୍ଧା ମୋଟ ରାଜସ୍ୱ ଆଦାୟ ଗତବର୍ଷ ତୁଳନାରେ ୨୩.୪୨% ବୃଦ୍ଧି ପାଇଛି ।

ବୈଠକର ପ୍ରାରମ୍ଭରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଗତ ମାସରେ ବିଭିନ୍ନ ବିଭାଗର ଉଲ୍ଲେଖନୀୟ କାର୍ଯ୍ୟ ସଫଳତା ସଂପର୍କରେ ଉପସ୍ଥାପନ କରିଥିଲେ । ଗତ ଫେବୃୟାରୀ ମାସରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୨୧ ଟି ଜିଲ୍ଲାରେ ଲକ୍ଷ୍ମୀ ବସ ସେବାର ଶୁଭାରମ୍ଭ କରାଯାଇଥିବା ସହ ୧୩ ଜିଲ୍ଲାରେ ୨୦ ଟି ଆମ ବସଷ୍ଟାଣ୍ଡ ଲୋକାର୍ପଣ କରାଯାଇଛି । ୨୦୨୩-୨୪ ବର୍ଷରେ ୨୫.୬୩ ଲକ୍ଷ ଏକର ରବି ଫସଲ କରାଯାଇଛି, ଯାହାକି ଧାର୍ଯ୍ୟ ଲକ୍ଷ୍ୟର ୯୧ ପ୍ରତିଶତ । ରାଜ୍ୟରେ ପ୍ରଥମ ଥର କରି ମତ୍ସ୍ୟ ପ୍ରାଣୀ ସମାବେଶ ଓଡିଶା -୨୦୨୪ ଅନୁଷ୍ଠିତ ହୋଇଛି, ଯାହାକି କୃଷକମାନଙ୍କର ଆର୍ଥିକ ଅଭିବୃଦ୍ଧିକୁ ବହୁଗୁଣିତ କରିବ । ବୟନଶିଳ୍ପ ଓ ହସ୍ତଶିଳ୍ପ ଓ ହସ୍ତତନ୍ତ ବିଭାଗରେ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ପ୍ରଣୟନ କରାଯାଇଛି ।

# ଗିଫ୍ଟରେ ରକ୍ତଦାନ ଶିବିର: ୧୨୭ ୟୁନିଟ୍ ସଂଗ୍ରହ

ଭୁବନେଶ୍ୱର, (ସବ୍ୟୁ): ଗିଫ୍ଟ ସ୍ୱୟଂଶାସିତ କଲେଜରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡଃ. ଶରତ



କୁମାର ମହାରଣା ଶିବିରକୁ ଉଦ୍‌ଘାଟନ କରିଥିଲେ। ଡଃ. ମହାରଣା ରକ୍ତଦାନର ଉପକାରିତା ସମ୍ପର୍କରେ ମତବ୍ୟକ୍ତ କରିବା ସହିତ ରକ୍ତଦାନ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। କଲେଜର ଏନ୍‌ଏସ୍‌ଏସ୍ ଅଧିନରେ ରୋଟାରୀ ସାଟେଲାଇଟ୍ କ୍ଲବ୍ ଅଫ ଭୂବନେଶ୍ୱର କନ୍‌ଫ୍ଲୁଏନ୍‌ସ ୟୁନିଟ୍‌ର ସହଯୋଗରରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ଛାତ୍ରଛାତ୍ରୀ ସମେତ ଅଧ୍ୟାପକ ଓ ଅଧ୍ୟାପିକାମାନେ ରକ୍ତଦାନ କରିଥିଲେ। ଏହି ଶିବିରରେ ମୋଟ୍ ୧୨୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରୋଟାରୀ ସାଟେଲାଇଟ୍ କ୍ଲବ୍ ଚେୟାରମ୍ୟାନ ହରଗୋପାଳ ପାତ୍ର, ଡଃ. କାଜଲ ରକ୍ଷିତ୍ ରୋଟାରୀ ଆଇ ହସପିଟାଲର ସଂଯୋଜକ ଏଲିୟା ଦାସ, ପ୍ରିତବାସ ନାୟକ, କିଡ୍‌ସର ଡଃ. କୁନାଲ ଓଝା, ଡଃ. ରୋହିଣୀ ପାରୁଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫେସର ହିମାଂଶୁ ଭୂଷଣ ପାଣିଗ୍ରାହୀ, ପ୍ରଫେସର ରାମଚନ୍ଦ୍ର ପରିଡ଼ା, ଫାର୍ମାସିଷ୍ଟ ପ୍ରତାପ କେଶର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଚୌଦ୍ୱାର କଟକରେ ମିଶ୍ରଣ ପର୍ବ: ଶତାଧିକ କଂଗ୍ରେସ କର୍ମୀଙ୍କ ବିଜେଡିରେ ଯୋଗଦାନ

କଟକ, (ସ୍ୱପ୍ର): ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜନ୍ମ ଜୟନ୍ତୀ ଅବସରରେ ମହାନଦୀବିହାର ଠାରେ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଂଜନ ବିଶ୍ୱାଳ, ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ଉପସ୍ଥିତିରେ କଂଗ୍ରେସ ଦଳର ଟାଣୁଆ କର୍ମୀ ତଥା କଟକ ମହାନଗର କୈବର୍ତ୍ତ ସଭାର ସଭାପତି କୁଶ ସାହୁଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ଏମାନଙ୍କ ମଧ୍ୟରେ ବ୍ରଜକିଶୋର ସାହୁ, ବସନ୍ତ ବେହେରା, ଜିତେନ୍ଦ୍ର ବେହେରା, ଅଜୟ ଭଡସିଂଘା, ଭଗବାନ ବେହେରା, ମନୋଜ ଦାସ, ସଂଜୟ ସାହୁ, ବିନୋଦିନୀ ସାହୁ, ଲକ୍ଷ୍ମୀପ୍ରିୟା ସାହୁ, ସୁମିତ୍ରା ମିଶ୍ର ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆର୍ଦଶରେ ଅନୁପ୍ରାଣୀତ ହୋଇ ବିଜେଡି ଦଳରେ ସାମିଲ ହୋଇଥିଲେ। ଏହି ମହାମିଶ୍ରଣ ପର୍ବରେ ଶିବେନ୍ଦ୍ର ହାତୀ, ନଗର କମିଟି ସଭାପତି ମଧୁସୁଦନ ସାହୁ, ସାଧାରଣ ସମ୍ପାଦକ ତାପସ ମହାନ୍ତି, ରାଜେନ୍ଦ୍ର ରଣା, କାର୍ଯ୍ୟକାରୀ ସଭାପତି ଇଂ ସୁବ୍ରତ ଘଡେଇ, ମହିଳା ସଭାନେତ୍ରୀ ସୌଭାଗିନୀ ଜେନା, ସ୍ମୃତି ରଂଜନ ନାୟକ, ପୁଷ୍ପଲତା ସାହୁଙ୍କ ସମେତ ବହୁ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ୮ରୁ ଜାତୀୟ ଟ୍ରିପଲ ଓ ସମ୍ମିଳନୀ: ତମାଖୁମୁକ୍ତ ଭବିଷ୍ୟତ ଗଠନ ଦିଗରେ ପ୍ରାଧାନ୍ୟ

କଟକ, (ସବ୍ୟୁ): ଆସନ୍ତା ୮ ତାରିଖରୁ ଏସ୍‌ସିବି ଦନ୍ତ ମହାବିଦ୍ୟାଳୟରେ ଆରମ୍ଭ ହେବ ଜାତୀୟ ଟ୍ରିପଲ ଓ ସମ୍ମିଳନୀ। ଏହି ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁ ହେଉଛି, ଓରାଲ ମେଡିସିନ ଓ ରେଡିଓଲୋଜି, ଓରାଲ ପାଥୋଲୋଜି ଏବଂ ଓରାଲ ସର୍ଜରୀ। ୩ଦିନ ଧରି ହେବାକୁ ଥିବା ଏହି ସମ୍ମିଳନୀରେ ଦେଶ ବିଦେଶରୁ ଏକ ହଜାରରୁ ଅଧିକ ବିଶେଷଜ୍ଞ ଯୋଗ ଦେବେ। ମୁଖ କର୍କଟ ଏବଂ ତମାଖୁ ମୁକ୍ତ ଭବିଷ୍ୟତ ଗଠନ ଦିଗରେ ବିଶେଷ ଭାବେ ପ୍ରାଧାନ୍ୟ ଦିଆଯାଇ ଆଲୋଚନା ହେବ। ବୁଧବାର ପୂର୍ବାହ୍ନରେ ଦନ୍ତ ମହାବିଦ୍ୟାଳୟ ଅଡିଟୋରିୟମରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ଫକୀର ମୋହନ ଦେବତା ଏହା ସୂଚନା ଦେଇଛନ୍ତି। ସମ୍ମିଳନୀରେ ଅନୁସନ୍ଧାନକାରୀ, ଚିକିତ୍ସକମାନେ ଏକତ୍ରିତ ହୋଇ ନୂତନ ଆବିଷ୍କାର ଏବଂ ଅନ୍ତର୍ନିହିତ ସୂଚନା ବିବା ସହ ଅଭିନବ ଚିକିତ୍ସା ପଦ୍ଧତି ଉପରେ ଆଲୋଚନା କରିବେ। ସମ୍ମିଳନୀ ୮ରୁ ଆରମ୍ଭ ହୋଇ ୧୦ରେ ଶେଷ ହେବ। ତେବେ ୯ ତାରିଖରେ ଉଦ୍ଘାଟନ କାର୍ଯ୍ୟକ୍ରମ ରହିଛି। ଦନ୍ତ ଚିକିତ୍ସା କ୍ଷେତ୍ରରେ ଅଗ୍ରଣୀ ବ୍ୟକ୍ତିବିଶେଷମାନେ ନିଜର ଅଭିଜ୍ଞତା ଏବଂ ଆବିଷ୍କାର ଗୁଡ଼ିକ ଆଲୋଚନା ମାଧ୍ୟମରେ ତଥ୍ୟ ଉପସ୍ଥାପନା କରିବେ। ସମ୍ମିଳନୀରେ ଉପସ୍ଥାପିତ ଥିବା ବ୍ୟକ୍ତିମାନେ ଅଭିନବ ଅନୁସନ୍ଧାନ, ଚିକିତ୍ସା ସମ୍ବନ୍ଧିତ ପରୀକ୍ଷଣ ଠାରୁ ଆରମ୍ଭକରି ସାମ୍ପ୍ରତିକ ଚିକିତ୍ସା ପଦ୍ଧତିକୁ ଅଗ୍ରଗତି କରିବ ସହ ବିଭିନ୍ନ ବିଷୟରେ ଜ୍ଞାନ ଲାଭ କରିପାରିବେ। ଏହା ରୋଗୀ ସେବାରେ ନୂତନ ଉପାୟ ଓ ଅନୁସନ୍ଧାନ ପାଇଁ ଏକ ଅନନ୍ୟ ସୁଯୋଗ କରିବ ବୋଲି କୁହାଯାଇଛି। ସମ୍ମିଳନୀରେ ସାଙ୍ଗଠନିକ ସମ୍ପାଦକ ଡାକ୍ତର ଶ୍ରୀୟମ ମହାପାତ୍ର, ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର କୁନାଲ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହିଥିଲେ।



# ଉମାଶଙ୍କର ମିଶ୍ରଙ୍କ 'ତ୍ରିତୟ' ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ): ସତୀର୍ଥ ଆନୁକୂଲ୍ୟରେ ଭାଷା ପ୍ରକାଶନ ଦ୍ୱାରା ପ୍ରକାଶିତ ବିଶିଷ୍ଟ ଉପନ୍ୟାସିକ ଉମାଶଙ୍କର ମିଶ୍ରଙ୍କ ଉପନ୍ୟାସିକା ସଂକଳନ 'ତ୍ରିତୟ'ର ଲୋକାର୍ପଣ ଉତ୍ସବ ବୁଲନ୍ ଭାଇ ଭବନଠାରେ ବିଶିଷ୍ଟ ପ୍ରାବନ୍ଧିକ ଅଧ୍ୟାପକ ବିଶ୍ୱରଂଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ପୁସ୍ତକକୁ ଉନ୍ମୋଚନ କରି ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର କହିଲେ – ସଂପ୍ରତି ପାଠକମାନେ ଉପନ୍ୟାସିକା ପଢ଼ିବା ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ଉମାଶଙ୍କରଙ୍କ ଉପନ୍ୟାସିକା 'ତ୍ରିତୟ' ସାମାଜିକ ମୂଲ୍ୟବୋଧ ଓ ସମାଜ ଗଠନର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ହୋଇଛି। ସମୀକ୍ଷକ ଭାବେ ବିଶିଷ୍ଟ ଅନୁବାଦକ ସୁଭାଷ ଚନ୍ଦ୍ର ଶତପଥୀ ଯୋଗ ଦେଇଥିଲେ । ଉତ୍ସବର ସଭାପତି ଅଧ୍ୟାପକ ବିଶ୍ୱରଂଜନ ତାଙ୍କ ଅଭିଭାଷଣରେ କହିଲେ – 'ତ୍ରିତୟ' ଉପନ୍ୟାସିକାଟି ଓଡ଼ିଆ ସାହିତ୍ୟର ପାଠକମାନଙ୍କୁ ବାନ୍ଧିରଖିବାରେ ସକ୍ଷମ ହେବ। ଦୀର୍ଘ ଲେଖକ ଉମାଶଙ୍କର ମିଶ୍ର ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ । ସତୀର୍ଥର ଆବାହକ ବରିଷ୍ଠ ସାମ୍ବାଦିକ ସନ୍ଦୀପ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କଥାକାର ବିରାଜ ମୋହନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



# ହିଲଟନ ମେଟାଲ ଫୋର୍ଜିଂ ଲିମିଟେଡର ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ୯ ମାସରେ ନେଟ ଲାଭ ୮୨% ବୃଦ୍ଧି

ଭୁବନେଶ୍ୱର, (ସବ୍ୟୁ): ଷ୍ଟିଲ ଫୋର୍ଜିଂ ଶିଳ୍ପରେ ଅଗ୍ରଣୀ ବିନିର୍ମାଣକାରୀ ଓ ଆବନକାରୀ ତଥା ରେଳପଥ ଫୋର୍ଜଡ ୱାଗନ ହ୍ୱିଲ ଭଳି ଉତ୍ପାଦ କ୍ଷେତ୍ରରେ ସ୍ପେଶାଲାଇଜେସନ ଥିବା ହିଲଟନ ମେଟାଲ ଫୋର୍ଜିଂ ଲିମିଟେଡ ୨୦୨୩-୨୪ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଏବଂ ଏହି ଆର୍ଥିକ ବର୍ଷର ପ୍ରଥମ ୯ମାସରେ ଅନ୍ୟାନ୍ୟ ପରିଚାଳନା ଏବଂ ଆର୍ଥିକ ପ୍ରଦର୍ଶନଗତ ସଫଳତା ହାସଲ କରିଛି। ୨୦୨୩ ଡିସେମ୍ବର ସୁଦ୍ଧା ଶେଷ ହୋଇଥିବା ନଅମାସ ମଧରେ କମ୍ପାନୀର ନେଟ ଲାଭ ପୂର୍ବବର୍ଷ ସେହି ସମୟ ତୁଳନାରେ ହୋଇଥିବା ନେଟ ଲାଭ ୩.୩୭ କୋଟି ଟଙ୍କା ତୁଳନାରେ ୮୨ ପ୍ରତିଶତ ବୃଦ୍ଧିପାଇ ୬.୧୪ କୋଟି ଟଙ୍କା ହୋଇଛି। ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ନଅମାସରେ ମଧ୍ୟ କମ୍ପାନୀର ମୋଟ ଆୟ ପୂର୍ବବର୍ଷ ସେହି ସମୟରେ ହୋଇଥିବା ମୋଟ ଆୟ ୭୪.୪୮ କୋଟି ଟଙ୍କା ତୁଳନାରେ ୪୧ ପ୍ରତିଶତ ବୃଦ୍ଧିପାଇ ୧୦୫.୩୪ କୋଟି ଟଙ୍କା ହୋଇଛି। ୨୦୨୩-୨୪ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ କମ୍ପାନୀ ୨.୧୧ କୋଟି ଟଙ୍କା ନେଟ ଲାଭ ଉପାର୍ଜନ କରିଛି ।

# ବିଜେପିରେ ଯୋଗଦେଲେ ଜଣାଶୁଣା ଶିଳ୍ପ ବିଶେଷଜ୍ଞ ତଥା ନାଲ୍‌କୋର ପୂର୍ବତନ ସିଏମ୍‌ଡି ଡ. ତପନ ଚାନ୍ଦ

ଭୁବନେଶ୍ୱର (ସବ୍ୟୁ): ଜଣାଶୁଣା ଶିଳ୍ପ ବିଶେଷଜ୍ଞ ତଥା ନାଲ୍‌କୋର ପୂର୍ବତନ ସିଏମ୍‌ଡି ଡ. ତପନ କୁମାର ଚାନ୍ଦ ସୋମବାର ବିଜେପିରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି । ୮୦ ଦଶକରେ ଡ. ଚାନ୍ଦ ଛାତ୍ର ଜୀବନରୁ ଏବିଭିପି, ଆରଏସ୍‌ଏସ୍ ଏବଂ ବିଜେପି ସହିତ ଜଡିତ ଥିଲେ । ଏବିଭିପି ସମର୍ଥନରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ର ୟୁନିୟନ୍‌ର ସଭାପତି ରୂପେ ନିର୍ବାଚିତ ହୋଇଥିଲେ । ୩ ଦଶନ୍ଧିରୁ ଅଧିକ ସମୟ ଧରି ସେ ଇସ୍ପାତ କାରଖାନା, କୋଲଇଣ୍ଡିଆ ଏବଂ ନାଲ୍‌କୋ ଭଳି ବୃହତ ଶିଳ୍ପ ସଂସ୍ଥାରେ ଡାଇରେକ୍ଟର ଏବଂ ଚେୟାରମ୍ୟାନ୍ ଭାବେ ନିଜର ଦାୟିତ୍ୱ ସୂଚାରୁ ରୂପେ ତୁଲାଇ ଆସିଛନ୍ତି । ସଂହତି, ସ୍ୱଚ୍ଛତା ଏବଂ ଉତ୍ସର୍ଗ ମନୋଭାବ ନେଇ ଡ. ଚାନ୍ଦ ସେଣ୍ଟ୍ରାଲ କୋଲ୍, ବିଶାଖାପାଟଣା ଇସ୍ପାତ କାରଖାନା ଏବଂ ନାଲ୍‌କୋରେ ନିଜ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପାଇଁ ସମସ୍ତଙ୍କ ଠାରୁ ଉଚ୍ଚ ପ୍ରସଂଶିତ ହୋଇଛନ୍ତି । ଡ. ଚାନ୍ଦ ନାଲ୍‌କୋକୁ ଏକକ ୟୁନିଟ୍‌ରୁ କମ୍ପାନୀରୁ ବହୁମୁଖୀ ୟୁନିଟ୍‌ରେ ପରିବର୍ତ୍ତନ କରିଥିଲେ । କଷ୍ଟିକ୍ ସୋଡ଼ା ପ୍ଲାଣ୍ଟ୍ ଏବଂ ଖଣିଜ ବିଦେଶ ଇଣ୍ଡିଆ ଲିମିଟେଡ୍ (କେଏବିଆଇଏଲ୍)ର ସଫଳ ପ୍ରତିଷ୍ଠା ତାଙ୍କର ଅନ୍ୟତମ ଅବଦାନ । ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତ ଯୋଜନାକୁ ସେ କାର୍ଯ୍ୟକାରୀ କରିଛନ୍ତି । ଡ. ଚାନ୍ଦ ନାଲ୍‌କୋକୁ ବିଶ୍ୱସ୍ତରୀୟ କରିବା ସହ ବକ୍ସାଇଟ୍ ଓ ଆଲୁମିନା ଉତ୍ପାଦନ ଖର୍ଚ୍ଚ କ୍ଷେତ୍ରରେ ଏକ ନମ୍ବର କମ୍ପାନୀରେ ପରିଣତ କରିଥିଲେ । କୋଇଲା ଇସ୍ପାତ ଏବଂ ଆଲୁମିନା କ୍ଷେତ୍ରରେ ଜନକଲ୍ୟାଣ କାର୍ଯ୍ୟକ୍ରମ ପାଇଁ ଡ. ଚାନ୍ଦ ଖୁବ୍ ଲୋକପ୍ରିୟ । ତାଙ୍କର ଅଧ୍ୟକ୍ଷ କାର୍ଯ୍ୟକାଳ ମଧ୍ୟରେ ନାଲ୍‌କୋ ପକ୍ଷରୁ ଓଡ଼ିଶାର ସାଂସ୍କୃତିକ ବୈଭବର ବିକାଶ ଏବଂ ବ୍ୟାପକ କଲ୍ୟାଣମୂଳକ କାର୍ଯ୍ୟକ୍ରମ ପାଇଁ ଜନସାଧାରଣ ଏବେସୁଦ୍ଧା ତାଙ୍କୁ ମନେ ରଖିଛନ୍ତି ।



ପ୍ରଥମ ଥର ପାଇଁ ସେ ବରିଷ୍ଠ ନାଗରିକ, ରୁଗ୍ଣ ଏବଂ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଜଗନ୍ନାଥ ମନ୍ଦିରକୁ ନେବା ପାଇଁ ପ୍ରଥମ ଥର ପାଇଁ ବ୍ୟାଟେରି ଚାଳିତ ଗାଡ଼ି ପ୍ରଚଳନ କରିଥିଲେ । ସେହିପରି ସ୍ୱଚ୍ଛଭାରତ ଅଭିଯାନ ପାଇଁ ସେ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଥିଲେ । ଡ. ଚାନ୍ଦ ପଶ୍ଚିମ ୟୁରୋପ୍ ଏବଂ କୁଇନ୍ସ ଲ୍ୟାଣ୍ଡ ୟୁନିଭରସିଟି ଅଫ୍ ଟେକ୍‌ନୋଲୋଜି, ବ୍ରିସ୍‌ବେନ୍, ଅଷ୍ଟ୍ରେଲିଆରେ ଆଡଭାନ୍ସଡ ମ୍ୟାନେଜମେଣ୍ଟ ଟ୍ରେନିଂ ନେଇଥିଲେ । ଆଲୁମିନିୟମ : ଦି ଷ୍ଟ୍ରାଟେଜିକ୍ ମେଟାଲ ଆଣ୍ଡ ଆଲୁମିନିୟମ : ଦି ଫ୍ୟୁଚର ମେଟାଲ ନାମକ ଦୁଇଟି ପୁସ୍ତକ ସେ ରଚନା କରିଛନ୍ତି । ଏହି ପୁସ୍ତକରେ ସେ ଓଡ଼ିଶାକୁ ଭାରତର ଆଲୁମିନିୟମ ରାଜଧାନୀ ଏବଂ ଦକ୍ଷିଣପୂର୍ବ ଏସିଆ ଏବଂ ଦକ୍ଷିଣ ଏସିଆର ହବ୍ ଭାବେ ଅବିହିତ କରିଛନ୍ତି । ଡ. ଚାନ୍ଦ କ୍ରମାଗତ ଦୁଇ ଥର ପାଇଁ ଓଡ଼ିଶା ରାଜ୍ୟ ସିଆଇଆଇ ଏବଂ ଆଲୁମିନିୟମ ଆସୋସିଏସନ ଅଫ୍ ଇଣ୍ଡିଆର ନେତୃତ୍ୱ ନେଇଥିଲେ । ବର୍ତ୍ତମାନ ସେ ବେଦାନ୍ତ ଭଳି ତୁଙ୍ଗ ବହୁରାଷ୍ଟ୍ରୀୟ କମ୍ପାନୀର ଉପଦେଷ୍ଟା ଭାବେ କାର୍ଯ୍ୟ କରୁଛନ୍ତି । ସେ ଆଇଆଇଏମ୍ ପରଫରମାନ୍ସ ଇଭାଲୁଏସନ୍ କମିଟିର ସଦସ୍ୟ ମଧ୍ୟ ରହିଛନ୍ତି । ବୋର୍ଡ ଅଫ୍ ଆଡଭାଇଜର୍ସ ଅଫ୍ ଏଆଇସି (ଅଟଳ ଇନ୍‌କ୍ୟୁବେସନ ସେଣ୍ଟର)- ଏନ୍‌ଆଇଟିଏଫ୍ ର ଅଧ୍ୟକ୍ଷ ଭାବେ ଡ. ଚାନ୍ଦ ଯୁବକମାନଙ୍କୁ କର୍ମଚାରୀ ହେବା ପରିବର୍ତ୍ତେ ଷ୍ଟାର୍ଟଅପ୍ ଏବଂ ବ୍ୟବସାୟ ପ୍ରତିଷ୍ଠା କରି ନିଯୁକ୍ତି ଦାତା ହେବା ପାଇଁ ଉତ୍ସାହିତ କରିଆସୁଛନ୍ତି । ଜଣେ ପେଶାଦାର ଭାବରେ ସରକାରୀ ଓ ଘରୋଇ ଉଦ୍ୟୋଗ କ୍ଷେତ୍ରରେ ତାଙ୍କର ଯଥେଷ୍ଟ ସୁନାମ ରହିଛି । ବ୍ୟକ୍ତି ଭାବରେ ସେ ଜଣେ ଅତି ସରଳ, କର୍ତ୍ତବ୍ୟନିଷ୍ଠ ଅଟନ୍ତି । ସବୁବର୍ଗର ଲୋକଙ୍କ ସଂସ୍ପର୍ଷରେ ସେ ଆସିଥାନ୍ତି । ବିଭିନ୍ନ ସଂଗଠନ, ୟୁନିୟନ୍ ଏବଂ ସମାଜର ବିଭିନ୍ନ ବର୍ଗର ଜନସାଧାରଣ ଡ. ଚାନ୍ଦଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଖ୍ୟାତନାମା ବଂଶୀବାଦକ ଡ. ହରିପ୍ରସାଦ ଚୌରାସିଆ ଡ. ଚାନ୍ଦଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ବହୁ ସମ୍ମାନଜନକ ପୁରସ୍କାରରେ ସେ ସମ୍ମାନିତ ହୋଇଛନ୍ତି । ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ସେ ସମ୍ମାନିତ ହୋଇଛନ୍ତି । ଟାଇମ୍ସ ଅଫ୍ ଇଣ୍ଡିଆ ପକ୍ଷରୁ ଓଡ଼ିଶାର ତୁଙ୍ଗ ସଫଳତା ହାସଲ କରିଥିବା ବ୍ୟକ୍ତି ପୁରସ୍କାର ଏବଂ ଏନ୍‌ଆଇପିଏମ୍ ପୁରସ୍କାର ମଧ୍ୟ ସେ ହାସଲ କରିଛନ୍ତି । ବିଜେପିରେ ଯୋଗଦେବା ପରେ ଡ. ତପନ ଚାନ୍ଦ କହିଛନ୍ତି ଯେ, ଜନସାଧାରଣ ଏବଂ ଦେଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅବଦାନ ଦ୍ୱାରା ସେ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି । ସେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଜଣେ ତପସ୍ୱୀ ଏବଂ ରାଜଶ୍ରୀ ଭାବେ ବର୍ଣ୍ଣନା କରିଛନ୍ତି ।

ସ୍ୱାଧିନ ଭାରତରେ ପ୍ରଥମ ଥର ପାଇଁ ଶ୍ରୀ ମୋଦି ସଂକୀର୍ଣ୍ଣ ରାଜନୈତିକ ଚିନ୍ତାଧାରାରୁ ଉର୍ଦ୍ଧ୍ୱକୁ ଯାଇ ଅଭିବୃଦ୍ଧି ଏବଂ ବିକାଶକୁ କେନ୍ଦ୍ରୀୟ ପ୍ରସଙ୍ଗ ରୂପେ ଗ୍ରହଣ କରିଛନ୍ତି । ସ୍ଥାନୀୟ ଉତ୍ପାଦ ଗୁଡ଼ିକର ବହୁଳ ପ୍ରଚାର ଓ ପ୍ରସାର ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିବା ସହ 'ଲୋକାଲ ପାଇଁ ଭୋକାଲ' ହେବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ତାଙ୍କର ୯ବର୍ଷର 'ସେବା, ସୁଶାସନ ଏବଂ ଗରୀବ କଲ୍ୟାଣ' ନବଭାରତରେ ପରିଣତ ହୋଇଛି । ବର୍ତ୍ତମାନ ଏହା ବିକଶିତ ଭାରତ ଭାବରେ ଦ୍ରୁତ ଭାବେ ଅଗ୍ରସର ହେଉଛି ବୋଲି ଡ. ଚାନ୍ଦ କହିଛନ୍ତି । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ସମ୍ବିଧାନର ଧାରା-୩୭୦ ଉଚ୍ଛେଦ ଦିଗରେ କଠୋର ପଦକ୍ଷେପ ନେଇଥିବାରୁ ଡ. ଚାନ୍ଦ ତାଙ୍କୁ ପ୍ରଶଂସା କରିଛନ୍ତି । ସେ ଶ୍ରୀ ଶାହାଙ୍କୁ ନବଭାରତର ସର୍ଦ୍ଦାର ପଟେଲ ଭାବେ ବର୍ଣ୍ଣନା କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦିଲ୍ଲୀ ଠାରେ ଓଡ଼ିଆମାନଙ୍କର ସ୍ୱରକୁ ଶାଣିତ କରିଥିବାରୁ ଡ. ଚାନ୍ଦ ତାଙ୍କୁ ମଧ୍ୟ ଉଚ୍ଚ ପ୍ରଶଂସା କରିଛନ୍ତି । ରେଳ ଏବଂ ଆଇଟି ମନ୍ତ୍ରୀ ରାଜ୍ୟର ବିକାଶ ପାଇଁ କାର୍ଯ୍ୟ କରୁଥିବାରୁ ଡ. ଚାନ୍ଦ ତାଙ୍କୁ ପ୍ରଶଂସା କରିଥିଲେ । ଡ. ଚାନ୍ଦ କହିଛନ୍ତି ଦଳର ଜଣେ ଶୃଙ୍ଖଳିତ ସଦସ୍ୟଭାବରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନେତୃତ୍ୱରେ ସେ ଦଳ ଏବଂ ଦଳୀୟ ପ୍ରାର୍ଥୀମାନଙ୍କ ପାଇଁ କାର୍ଯ୍ୟ କରିବେ । ପ୍ରଧାନମନ୍ତ୍ରୀଙ୍କ 'ମୋଦି ଗ୍ୟାରେଣ୍ଟି', ଵବିକଶିତ ଭାରତ କାର୍ଯ୍ୟକ୍ରମ ସଂପର୍କୀୟ ବାର୍ତ୍ତା ଶ୍ରୀ ସାମଲ ଜଣେ ଦକ୍ଷ ଟିମ୍ ନେତା ଭାବରେ ଜନସାଧାରଣଙ୍କ ନିକଟରେ ପହଞ୍ଚାଉଛନ୍ତି । ଲୋକସଭା ନିର୍ବାଚନରେ ୪୦୦ ଆସନ ଲକ୍ଷ୍ୟ ପୂରଣ ଦିଗରେ ଏହା ସହାୟକ ହେବ ବୋଲି ଡ. ଚାନ୍ଦ ଆଶାପ୍ରକାଶ କରିଛନ୍ତି । ବଡ ବଡ ସଂଗଠନରେ ବରିଷ୍ଠ ମ୍ୟାନେଜମେଣ୍ଟ ସ୍ତରରେ ଡ. ଚାନ୍ଦଙ୍କ ଦୀର୍ଘ ଦିନର ଅଭିଜ୍ଞତା ଏବଂ ଶୀର୍ଷ ମ୍ୟାନେଜମେଣ୍ଟ ଉପଦେଷ୍ଟା ଭାବରେ ତାଙ୍କର ଅନୁଭୂତି ବିଜେପିକୁ ଅଧିକ ସଶକ୍ତ କରିବ । ମିଶ୍ରଣ ସମାରୋହରେ ୨୦୦୦ରୁ ଅଧିକ ଲୋକ ଯୋଗଦେଇଥିଲେ । ଜନସାଧାରଣ ବିଶେଷ କରି ସମାଜର ନାମମାତ୍ର ବର୍ଗଙ୍କ ମଧ୍ୟରେ 'ମୋଦି ଗ୍ୟାରେଣ୍ଟି' ଓ 'ବିକଶିତ ଭାରତ' ର ବାର୍ତ୍ତା ପହଞ୍ଚାଇବା ପାଇଁ ଡ. ଚାନ୍ଦଙ୍କ ସହ ଜନସାଧାରଣ ଶପଥ ନେଇଥିଲେ ।



ରାଜ୍ୟ ବିଜେପି ସେଲ୍ ସଂଯୋଜକ ଜୟନ୍ତ ଜେନା ଓଡିଶା ଗସ୍ତରେ ପ୍ରଧାନମନ୍ତ୍ରୀ ଆସିଥିଲା ବେଳେ ସ୍ୱାଗତ କରୁଛନ୍ତି

## କରୋନା ଭ୍ୟାକ୍ସିନର ୨୧୭ ଡୋଜ୍ ନେଲେ ଜଣେ ବ୍ୟକ୍ତି

**ନୂଆଦିଲ୍ଲୀ:** ଜର୍ମାନୀର ମ୍ୟାଗଡେବର୍ଗରେ ବାସ କରୁଥିବା ଜଣେ ୬୨ ବର୍ଷୀୟ ବରିଷ୍ଠ ନାଗରିକ ସଭିଙ୍କୁ ଚକିତ କଲା ଭଳି ଏକ ଦାବି କରିଛନ୍ତି । ସେ ଦାବି କରିଛନ୍ତି ଯେ କରୋନା ଭାଇରାସର ୨୦୦ରୁ ଅଧିକ ଭ୍ୟାକ୍ସିନ ଡୋଜ ନେଇଛନ୍ତି । ବ୍ୟକ୍ତିଙ୍କ ଏହି ଦାବି ପରେ ବୈଜ୍ଞାନିକଙ୍କ ହୋସ୍ ଉଡ଼ି ଯାଇଛି । ଫ୍ରେଡରିକ୍-ଆଲେକ୍ସଜାଣ୍ଡର-ୟୁନିଭର୍ସିଟିଏଟ୍ ଏର୍ଲାଗେନ-ନୂର୍ନବର୍ଗ (ଏଫଏୟୁ) ଏବଂ ୟୁନିଭର୍ସିଟାଟ୍ସକ୍ଲିନିୟମ ଏର୍ଲଗେନର ଅଧ୍ୟୟନକାରୀ ଖବରକାଗଜ ରିପୋର୍ଟରୁ ଏହି ବ୍ୟକ୍ତିଙ୍କ ସନ୍ଧାନ ପାଇଥିଲେ । ଏହାପରେ ବ୍ୟକ୍ତିଙ୍କ ଇମ୍ୟୁନ୍ ରିସପିନ୍ସର ଅଧ୍ୟୟନ କରାଯାଇଛି । ଡ.କିଲିୟନ ସାବର କହିଛନ୍ତି, 'ଆମେ ଖବରକାଗଜ ମାଧ୍ୟମରେ ଏ ବାବଦରେ ଜାଣିବାକୁ ପାଇଥିଲୁ । ଏହାପରେ ଆମେ ତାଙ୍କ ସହ ଯୋଗାଯୋଗ କରିଥିଲୁ ଏବଂ ଏର୍ଲାଗେନରେ ବିଭିନ୍ନ ପରୀକ୍ଷଣରେ ସାମିଲ ହେବା ପାଇଁ କହିଥିଲୁ । ସେ ମଧ୍ୟ ଏପରି କରିବା ପାଇଁ ଅଧିକ ରୁଚି ଦେଖାଇଛନ୍ତି । ପ୍ରେସ୍ ରିଲିଜରେ ଏହା ମଧ୍ୟ କୁହାଯାଇଛି ଯେ ଜର୍ମାନୀର ଏହି ବ୍ୟକ୍ତି ୨୯ ମାସରେ ବ୍ୟକ୍ତିଗତ କାରଣରୁ ୨୧୭ ଥର ଟିକାକରଣ କରିଛନ୍ତି ।

ସାବର କହିଛନ୍ତି, 'ନିକଟ ବର୍ଷରେ ବ୍ୟକ୍ତିଙ୍କ ଅନେକ ରକ୍ତ ପରୀକ୍ଷଣ କରାଯାଇଛି । ସେ ଆମକୁ ଏହାର ବିଶ୍ଳେଷଣର ପରିମାଣ ଆକଳନ କରିବା ପାଇଁ ଅନୁମତି ଦେଇଛନ୍ତି । କିଛି ମାମଲାରେ, ନମୂନା ଫ୍ରିଜ୍ କରି ଦିଆଯାଇଥିଲା ଏବଂ ଆମ ନିଜେ ଏହାର ଯାଞ୍ଚ ପାଇଁ ସକ୍ଷମ ଥିଲେ ।

ଟେଷ୍ଟିଂ ପରେ ଜଣା ପଡ଼ିଥିଲା ଯେ ଟି-ଇଫେକ୍ଟର କୋଷିକା ଅଧିକ ସଂଖ୍ୟାରେ ଥିଲା ଯାହା ଶରୀରରୁ କୋଭିଡ ୧୯ ସଂକ୍ରମଣରୁ ରକ୍ଷା କରିପାରିବ । ତିନି ଟିକାକରଣ ନେବା ପରେ ବ୍ୟକ୍ତିଙ୍କ ଇମ୍ୟୁନ ସିଷ୍ଟମର ତୁଳନା କରାଯାଇଥିଲା, ଏଥିରେ ୬୨ ବର୍ଷର ବରିଷ୍ଠଙ୍କ ନିକଟରେ ଅଧିକ ଟି-ଇଫେକ୍ଟର କୋଷିକା ଅଧିକ ମିଳିଥିଲା । ଏହା ବ୍ୟତୀତ, ଅଧ୍ୟୟନକାରୀ ଜାଣିବାକୁ ପାଇଥିଲେ ଯେ ପ୍ରଭାବକାରୀ କୋଷିକା ଥକି ନଥିଲେ । ଲାନସେଟ୍ ଜର୍ଣ୍ଣାଲରେ ପ୍ରକାଶିତ ଅଧ୍ୟୟନର ଲେଖକ କ୍ୟାଟରିନା କୋଚର କହିଛନ୍ତି ଯେ ଆମ ପରୀକ୍ଷଣରେ ମେମୋରୀ କୋଷିକା ସଂଖ୍ୟା ସେତିକି ଅଧିକ ଥିଲା ଯେତିକି ନିୟନ୍ତ୍ରଣ ସମୁହରେ ଥିଲା । ମୋଟ ଉପରେ, ଆମେ ଦୁର୍ବଳ ପ୍ରତିରକ୍ଷା ପ୍ରତିକ୍ରିୟାର କୌଣସି ସଂକେତ ମିଳି ନାହିଁ, ବରଂ ଏହାର ବିପରୀତ ଥିଲା ।

## ରାୟବରେଲିରୁ ଲଢିବେ ପ୍ରିୟଙ୍କା, ଆମେଠି-ୱାୟନାଡରୁ ରାହୁଲ ଗାନ୍ଧୀ

**ନୂଆଦିଲ୍ଲୀ:** କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ଏବଂ ବରିଷ୍ଠ ନେତା ରାହୁଲ ଗାନ୍ଧୀ ଆଗାମୀ ଲୋକସଭା ନିର୍ବାଚନରେ ଆମେଠିରୁ ନିର୍ବାଚନୀ ମୈଦାନକୁ ଓହ୍ଲାଇବେ । ଏନଡିଟିଭିର ରିପୋର୍ଟ ଅନୁସାରେ ରାହୁଲ ଗାନ୍ଧୀ ଚଳିତ ଥର ଆମେଠି ଏବଂ ୱାୟନାଡରୁ ନିର୍ବାଚନ ଲଢିପାରନ୍ତି । ଅନ୍ୟପଟେ ଖବର ଏହା ମଧ୍ୟ ରହିଛି ଯେ ଲୋକସଭା ନିର୍ବାଚନରେ ପ୍ରିୟଙ୍କା ଗାନ୍ଧୀ ରାୟବରେଲିରୁ ନିର୍ବାଚନ ଲଢିବେ । ପ୍ରିୟଙ୍କା ଗାନ୍ଧୀ ପ୍ରଥମ ଥର ପାଇଁ କୌଣସି ନିର୍ବାଚନ ଲଢିବାକୁ ଯାଉଛନ୍ତି । ପ୍ରିୟଙ୍କା ଗାନ୍ଧୀ ରାୟବରେଲିରୁ ନିର୍ବାଚନ ଲଢିବା ସହ ନିର୍ବାଚନୀ ରାଜନୀତିରେ ପଦାର୍ପଣ କରିବେ । ଉଲ୍ଲେଖଯୋଗ୍ୟ ଯେ ରାୟବରେଲି ଆସନ ପ୍ରିୟଙ୍କା ଗାନ୍ଧୀଙ୍କ ମାଆ ସୋନିଆ ଗାନ୍ଧୀଙ୍କ ଦ୍ୱାରା ସେଠାରୁ ନିର୍ବାଚନ ନଲଢିବା ନେଇ ଘୋଷଣା ପରେ ଖାଲି ରହିବ ।



ସୋନିଆ ଗାନ୍ଧୀ ଆଗାମୀ ଲୋକସଭା ନିର୍ବାଚନରେ ରାୟବରେଲିରୁ ନିର୍ବାଚନ ଲଢିବେ ନାହିଁ ବୋଲି କଂଗ୍ରେସ ସ୍ପଷ୍ଟ କରିଥିଲା । ଏହାପରେ ଅନୁମାନ କରାଯାଇଥିଲା ଯେ ଚଳିତ ଥର ଗାନ୍ଧୀ ପରିବାରରୁ କେହି ଜଣେ ଏହି ଆସନରୁ ନିର୍ବାଚନ ଲଢିପାରନ୍ତି । ତେବେ ଏହା ଉପରେ ଆନୁଷ୍ଠାନିକ ଘୋଷଣା ହେବା ବାକି ରହିଛି ।

୨୦୦୪ରୁ ରାୟବରେଲି ଆସନରେ କଂଗ୍ରେସର ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ସୋନିଆ ଗାନ୍ଧୀ ଜିତି ଆସୁଥିଲେ । ୨୦୧୯ରେ ସେ ଉତ୍ତର ପ୍ରଦେଶର ୮୦ ଆସନରୁ କଂଗ୍ରେସର ଜଣେ ମାତ୍ର ସାଂସଦ ଥିଲେ । ଚଳିତ ଥର ସେ ରାଜସ୍ଥାନରୁ ରାଜ୍ୟସଭା ଯାଇଛନ୍ତି । ତେବେ, କୁହାଯାଉଛି ଯେ ଅମେଠିର ଜନତାଙ୍କ ନାଁ ଲେଖିଥିବା ଚିଠିରେ ସେ ପୂର୍ବରୁ ହିଁ ଗାନ୍ଧୀ ପରିବାରରୁ ପ୍ରାର୍ଥୀ ହେବାର ସଂକେତ ଦେଇଥିଲେ । ରାହୁଲ ଗାନ୍ଧୀ ଆମେଠିରୁ ନିର୍ବାଚନୀ ଡେବ୍ୟୁ କରିଥିଲେ । ଏହାପରେ ସେ ଏଠାରୁ ୨୦୦୯ ଏବଂ ୨୦୧୪ରେ ମଧ୍ୟ ବିଜୟୀ ହୋଇଥିଲେ । ତେବେ ଗତ ଲୋକସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ସ୍ମୃତି ଇରାନୀ ତାଙ୍କୁ ୫୦ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ । ଚଳିତ ଥର ବି ଉତ୍ତର ପ୍ରଦେଶର ଆମେଠି ଆସନରୁ ବିଜେପି ପୁଣି ଥରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କୁ ମୈଦାନକୁ ଓହ୍ଲାଇଛି ।

## ଫାଶୀରେ ଝୁଲିବାର ୪୫ ବର୍ଷ ପରେ ମିଳିଲା ନ୍ୟାୟ

**ଇସ୍ଲାମାବାଦ:** ପାକିସ୍ତାନ ସୁପ୍ରିମକୋର୍ଟ ବୁଧବାର କହିଛନ୍ତି ଯେ ପୂର୍ବତନ ପ୍ରଧାନମନ୍ତ୍ରୀ ଜୁଲଫିକାର ଅଲ୍ଲୀ ଭୁଟ୍ଟୋଙ୍କୁ ନେଇ ୧୯୭୯ରେ ସେନା ଏକଛତ୍ରବାଦୀ ଜେନେରାଲ ଜିୟା ଉଲହକଙ୍କ ଶାସନ କାଳରେ ସୁପ୍ରିମକୋର୍ଟରେ ନିରପେକ୍ଷ ଶୁଣାଣି ହୋଇ ନଥିଲା । ପାକିସ୍ତାନୀ ସୁପ୍ରିମକୋର୍ଟ ଭୁଟ୍ଟୋଙ୍କୁ ଫାଶୀ ଦଣ୍ଡ ମିଳିବାର ପାଖାପାଖି ୪୫ ବର୍ଷ ପରେ ଏହି କଥା କହିଛନ୍ତି । କୋର୍ଟ କହିଛନ୍ତି ଯେ ସୁପ୍ରିମକୋର୍ଟର ତତ୍କାଳୀନ ୭ ସଦସୀୟ ନ୍ୟାୟାଧୀଶଙ୍କ ପୀଠ ଭୁଟ୍ଟୋଙ୍କୁ ମୃତ୍ୟୁଦଣ୍ଡାଦେଶ କରାଯିବାରେ ନିରପେକ୍ଷ ଶୁଣାଣି ଓ ଉଚିତ ପ୍ରକ୍ରିୟାର ପାଳନ କରିନଥିଲେ ।

ଜୁଲଫିକାର ଅଲ୍ଲୀ ଭୁଟ୍ଟୋଙ୍କ ଫାଶୀ ପାକିସ୍ତାନ ଇତିହାସରେ ଏକମାତ୍ର ଉଦାହରଣ ହୋଇ ରହିଛି, ଯେଉଁଠି କୌଣସି ପ୍ରଧାନମନ୍ତ୍ରୀଙ୍କୁ ଫାଶୀ ଦିଆଯାଇଥିଲା । ଜୁଲଫିକାର ଅଲ୍ଲୀ ଭୁଟ୍ଟୋ ଦେଶର ଲୋକପ୍ରିୟ ନେତାଙ୍କ ମଧ୍ୟରେ ଜଣେ ଥିଲେ । ଜୁଲଫିକାରଙ୍କୁ ତାଙ୍କ ମନୋନୀତ ସେନାମୁଖ୍ୟ ଜିୟା ଉଲ ହକ୍ କ୍ଷମତାରୁ ହଟାଇ ଦେଇଥିଲେ ଓ ତାଙ୍କ ଉପରେ ପିପିପିର ସଂସ୍ଥାପକ ସଦସ୍ୟ ତଥା ତାଙ୍କ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଅହମଦ ରଜା କସୁରୀଙ୍କ ହତ୍ୟା ଷଡ଼ଯନ୍ତ୍ରର ଅଭିଯୋଗ କରିଥିଲେ । ଏହି ମୋକଦ୍ଦମା ବେଶ୍ ବିବାଦସ୍ପଦ ଥିଲା । କାରଣ ଅନେକ ଆଇନ ବିଶେଷଜ୍ଞ ଓ ପର୍ଯ୍ୟବେକ୍ଷକ ମନେ କରନ୍ତି ସୈନ୍ୟ ଏକଛତ୍ରବାଦୀ ଜିଆ ଉଲହକଙ୍କ କାରଣରୁ ତାଙ୍କୁ ଫାଶୀରେ ଝୁଲାଇ ଦିଆଯାଇଥିଲା । ମାର୍ଚ୍ଚ ୧୯୭୯ରେ ପାକିସ୍ତାନ ସୁପ୍ରିମକୋର୍ଟଙ୍କ ପୀଠ ୪-୩ର ବିଭାଜିତ ନିଷ୍ପତ୍ତିରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭୁଟ୍ଟୋଙ୍କୁ ମୃତ୍ୟୁଦଣ୍ଡ ଦେବା ଲାଗି ଲାହୋର ହାଇକୋର୍ଟଙ୍କ ରାୟକୁ କାୟମ ରଖିଥିଲେ ଓ ଜୁଲଫିକାର ଅଲ୍ଲୀ ଭୁଟ୍ଟୋଙ୍କୁ ରାଓଲପିଣ୍ଡିରେ ଫାଶୀ ଦିଆଯାଇଥିଲା ।

ସମ୍ବାଦପତ୍ର 'ଡନ' ରିପୋର୍ଟ ଅନୁସାରେ ପୂର୍ବତନ ରାଷ୍ଟ୍ରପତି ଆସିଫ ଅଲ୍ଲୀ ଜର୍ଦ୍ଦାରୀ ୨ ଏପ୍ରିଲ ୨୦୧୧ରେ ଭୁଟ୍ଟୋଙ୍କ ମୃତ୍ୟୁଦଣ୍ଡ ଉପରେ ପୁନର୍ବିଚାର ନିମନ୍ତେ ସୁପ୍ରିମକୋର୍ଟଙ୍କୁ ନିବେଦନ କରିଥିଲେ, ଯାହା ଉପରେ କୋର୍ଟଏବେ ରାୟ ଦେଇଛନ୍ତି । ଯଦିଓ ଭୁଟ୍ଟୋଙ୍କୁ ଏବେ ପୁଣି ଜୀବିତ କରାଯାଇ ପାରିବନି ତେବେ ସୁପ୍ରିମକୋର୍ଟଙ୍କ ରାୟ ପାକିସ୍ତାନରେ ସୈନ୍ୟ ଏକଛତ୍ରବାଦ କିପରି ନିର୍ବାଚିତ ସରକାରକୁ ଭାଙ୍ଗି ରାଜନୈତିକ ବ୍ୟକ୍ତିଙ୍କୁ ଫାଶୀରେ ଝୁଲାଇବାର କାମ କରିଛନ୍ତି ତାହା ପ୍ରମାଣିତ କରିଛି । ତେବେ ଶୀର୍ଷ ନ୍ୟାୟାଳୟ କହିଛନ୍ତି ଯେ ଜୁଲଫିକାରଙ୍କ ମୃତ୍ୟୁଦଣ୍ଡ ରାୟକୁ ବଦଳା ଯାଇ ପାରିବନି, କାରଣ ସମ୍ବିଧାନ ଓ ଆଇନ ଏଥି ପାଇଁ ଅନୁମତି ଦେଉ ନାହିଁ, ଏଣୁ ଏହି ନିଷ୍ପତ୍ତିକୁ କାୟମ ରଖାଯିବ ।

## ଭାରତର ପ୍ରଥମ ଏଆଇ ଶିକ୍ଷୟିତ୍ରୀ



**ଥିରୁଭବନ୍ତପୁରମ:** ବର୍ତ୍ତମାନ କୃତିମ ବୁଦ୍ଧିମତାର ଯୁଗ(ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ) । ଭାରତରେ ଏଆଇର ବ୍ୟବହାର ବଢ଼ିବାରେ ଲାଗିଛି । ବିଭିନ୍ନ କର୍ମକ୍ଷେତ୍ରରେ ଏଆଇର ବ୍ୟବହାର କରାଯାଉଛି । ବିଭିନ୍ନ ଗଣମାଧ୍ୟମଗୁଡ଼ିକ ଏଆଇ ନ୍ୟୁଜ୍ ଉପସ୍ଥାପକ ବ୍ୟବହାର କରୁଥିବା ବେଳେ ଏବେ ଏଆଇ ସ୍କୁଲ୍ ଶିକ୍ଷୟିତ୍ରୀ ଆସିଯାଇଛନ୍ତି । କେରଳର ଏକ ସ୍କୁଲରେ ଭାରତର ପ୍ରଥମ ଏଆଇ ଶିକ୍ଷୟିତ୍ରୀଙ୍କୁ ଲଞ୍ଚ କରାଯାଇଛି । ଫାଷ୍ଟ ଜେନେରେସନ୍ ଏଆଇ ଶିକ୍ଷୟିତ୍ରୀକୁ ମାକେରଲ୍ୟାବ୍ସ ଏଡୁଟେକ ପ୍ରାଇଭେଟ୍ ଲିମିଟେଡ୍ ସହ ମିଶି ତିଆରି କରାଯାଇଛି । ଥିରୁଭବନ୍ତପୁରମର କେଟିସିଟି ଉଚ୍ଚମାଧ୍ୟମିକ ସ୍କୁଲରେ ଏହାକୁ ଲଞ୍ଚ କରାଯାଇଥିବା ବେଳେ ପିଲାମାନଙ୍କୁ ପାଠ ପଢ଼ାଇବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି କୁହାଯାଉଛି । ମାର୍କଲ୍ୟାବ୍ସ ପକ୍ଷରୁ ଇନ୍ଷ୍ଟାଗ୍ରାମ୍ରେ ଆଇରିସ୍ ଭିଡିଓ ଶେୟାର କରାଯାଇଛି । ଆଇଆର୍ଆଇଏସ୍ ସହ ବାସ୍ତବ ବ୍ୟକ୍ତିଗତ ଶିକ୍ଷଣ ଅନୁଭବ ଦେବା ପାଇଁ ଏଆଇର ପ୍ରୟୋଗ କରି ଶିକ୍ଷା କ୍ଷେତ୍ରରେ କ୍ରାନ୍ତି ଆଣିବାକୁ ଚେଷ୍ଟା କରିଛୁ । ଭିଡିଓରେ ଆଇରିସ୍ ପିଲାମାନଙ୍କ ସହ କଥା ହେଉଛି ଓ ହ୍ୟାଣ୍ଡସେକ୍ ବି କରୁଛି । ଏହି ଉପାୟ ଶିକ୍ଷା କ୍ଷେତ୍ରରେ କେତେ ସଫଳ ହେବ ତାହା ଏହାର କାର୍ଯ୍ୟକ୍ଷମ ହେଲେ ଜଣାପଡ଼ିବ ।

## କୋର୍ଟଙ୍କ ନିର୍ଦ୍ଦେଶ ପରେ ଶାହଜହାଁକୁ ସିବିଆଇକୁ ହସ୍ତାନ୍ତର

**କୋଲକାତା:** ସନ୍ଦେଶଖାଲି ହିଂସା ମାମଲାରେ ଅଭିଯୁକ୍ତ ଶାହଜହାଁ ଶେଖକୁ ଶେଷରେ କୋଲକାତା ପୋଲିସ୍ ସିବିଆଇକୁ ହସ୍ତାନ୍ତର କରିଛି । ମାମଲାରେ କୋଲକାତା ହାଇକୋର୍ଟ ମଙ୍ଗଳବାର ଶାହଜହାଁ ଶେଖକୁ ସିବିଆଇକୁ ହସ୍ତାନ୍ତର କରିଦେବାକୁ କହିଥିଲେ । ହେଲେ ଆଦେଶ ପାଳନ ହୋଇ ନଥିବାରୁ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିବା ସହ ଏହି ଆଦେଶକୁ ତତ୍କାଳ ପ୍ରଭାବରେ ଲାଗୁ କରିବା ପାଇଁ ବୁଧବାର ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ କୋର୍ଟ ପଶ୍ଚିମବଙ୍ଗ ସରକାରଙ୍କୁ ଅବମାନନା ପିଟିସନରେ ଜବାବ ଦାଖଲ କରିବାକୁ ମଧ୍ୟ କହିଛନ୍ତି । ହାଇକୋର୍ଟ ଆଦେଶରେ କହିଛନ୍ତି ଯେ ମାମଲାରେ ପୋଲିସର ଭୂମିକା ଠିକ୍ ଲାଗୁନି, ସେମାନେ ଅଭିଯୁକ୍ତକୁ ବଞ୍ଚାଇବାକୁ ଉଦ୍ୟମ କରୁଛନ୍ତି । ଏହା ସ୍ପଷ୍ଟ କରାଯିବା ସତ୍ତ୍ୱେ ସିବିଆଇକୁ



କଷ୍ଟଡି ହ୍ୟାଣ୍ଡଓଭର କରାଯାଇ ନାହିଁ । ମାମଲାରେ ସୁପ୍ରିମକୋର୍ଟରେ ପିଟିସନ ଦାଖଲ କରାଯିବା ଅର୍ଥ ନୁହେଁ କୋର୍ଟଙ୍କ ଆଦେଶରେ ରୋକ । ହାଇକୋର୍ଟ କହିଛନ୍ତି ଯେ ସିବିଆଇ ରାଜ୍ୟ ପୋଲିସକୁ ଉଚ୍ଚନ୍ୟାୟାଳୟଙ୍କ ଆଦେଶ ସମ୍ପର୍କରେ ସୂଚିତ କରିଥିଲା । ତେବେ ପୋଲିସ ଆଦେଶ ଲାଗୁ କରିବାରେ ଜାଣିଶୁଣି ବିଳମ୍ବ କରିବା ସହ ମାମଲା ସୁପ୍ରିମକୋର୍ଟକୁ ଯାଇଥିବା କହିଥିଲା । ହାଇକୋର୍ଟ କହିଛନ୍ତି ଯେ ଆମ ଆଦେଶକୁ ସେ ପର୍ଯ୍ୟନ୍ତ ଲମ୍ବିତ ରଖାଯାଇ ପାରିବନି ଯେଉଁ ପର୍ଯ୍ୟନ୍ତ ସୁପ୍ରିମକୋର୍ଟରେ ରାଜ୍ୟ ସରକାରଙ୍କ ପିଟିସନର ସମାଧାନ ନ ହୋଇଛି । ଏଥିରେ ହାଇକୋର୍ଟ ସୁପ୍ରିମକୋର୍ଟଙ୍କ ଏହି କଥାକୁ ମଧ୍ୟ ମନେ ପକାଇ ଦେଇଛନ୍ତି ଯେ କୌଣସି ଆଦେଶକୁ ସେହିକାରଣରୁ ଲମ୍ବିତ ରଖାଯାଇ ନପାରେ, କାରଣ ଉପର ନ୍ୟାୟାଳରେ ଆବେଦନ କରାଯାଇଛି । କୋଲକାତା ହାଇକୋର୍ଟ ମଙ୍ଗଳବାର ତାଙ୍କ ଆଦେଶରେ ସ୍ପଷ୍ଟ ରୂପେ କହିଥିଲେ ଯେ ରାଜ୍ୟ ସରକାରଙ୍କ ପୋଲିସର ଆଚରଣ ଶାହଜହାଁ ଶେଖକୁ ନେଇ ପକ୍ଷପାତ ପୂର୍ଣ୍ଣ । ଏହା ଛଡା ହାଇକୋର୍ଟ ଏହା ମଧ୍ୟ କହିଥିଲେ ଯେ ଟିଏମସିରେ ଶାହଜହାଁ ଶେଖର ଦୃଢ ପ୍ରଭାବ ରହିଛି ଓ ନିରପେକ୍ଷ ଯାଞ୍ଚ ନିମନ୍ତେ ମାମଲାକୁ ସିବିଆଇକୁ ଦେବା ଜରୁରୀ ।

## ରାହୁଲଙ୍କୁ ତାଗିଦ କଲେ ନିର୍ବାଚନ କମିଶନ

**ନୂଆଦିଲ୍ଲୀ:** ଆଗକୁ ଦେଶରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ । ଏହାପୂର୍ବରୁ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କୁ ତାଗିଦ କରିଛନ୍ତି ନିର୍ବାଚନ କମିଶନ । ସାଧାରଣ ସଭାରେ ଭାଷଣ ଦେବା ବେଳେ ରାହୁଲ ନିଜର ଶବ୍ଦ ଉପରେ ଅଧିକ ସତର୍କତା ଓ ଯତ୍ନବାନ ହୁଅନ୍ତୁ ବୋଲି କମିଶନ କହିଛନ୍ତି । ରାହୁଲ ଗାନ୍ଧି ସାଧାରଣ ସଭାରେ ଭାଷଣ ଦେବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ପନୌତି ଓ ପକେଟ ମାର ଭଳି ଶବ୍ଦ ପ୍ରୟୋଗ କରିଥିଲେ । ଏହାକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନ ତାଙ୍କୁ ସତର୍କ କରାଇ ଦେଇଛନ୍ତି । ଗତବର୍ଷ ଡିସେମ୍ବର ମାସରେ ଦିଲ୍ଲୀ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ଅନୁସାରେ ନିର୍ବାଚନ କମିଶନ ଏପରି ପଦକ୍ଷେପ ନେଇଛନ୍ତି । ରାହୁଲ ଗାନ୍ଧିଙ୍କ ନଭେମ୍ବର ୨୨ ଭାଷଣ ବିରୋଧରେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୋର୍ଟ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନଭେମ୍ବର ୨୨ରେ ରାହୁଲ ଗାନ୍ଧି ପ୍ରଧାନମନ୍ତ୍ରୀ ମୋଦିଙ୍କ ଉଦ୍ଦେଶ୍ୟରେ ପକେଟ ମାର୍ ଶବ୍ଦ ପ୍ରୟୋଗ କରିଥିଲେ ।

କୋର୍ଟ ତାଙ୍କ ରାୟ କହିଥିଲେ ଯେ ଏପରି ଶବ୍ଦ ଆଦୌ ଭଲ ନୁହେଁ । ଇସିଆଇ ୮ ସପ୍ତାହ ମଧ୍ୟରେ ଆଇନ ଅନୁସାରେ ପଦକ୍ଷେପ ନିଅନ୍ତୁ । ସେହି ଅନୁସାରେ ନିର୍ବାଚନ କମିଶନ ରାହୁଲଙ୍କୁ ଅଧିକ ସତର୍କ ରହିବାକୁ କହିଛନ୍ତି । ଏଥିସହ ଷ୍ଟାର ପ୍ରଚାରକ ଓ ରାଜନେତାମାନଙ୍କ ପାଇଁ କମିଶନ ଜାରି କରିଥିବା ଆଡଭାଇଜରୀ ପାଳନ କରିବାକୁ ମଧ୍ୟ ରାହୁଲଙ୍କୁ କୁହାଯାଇଛି । ମାର୍ଚ୍ଚ ୧ରେ ନିର୍ବାଚନ କମିଶନ କହିଥିଲେ ଯେ ସବୁ ରାଜନୀତିକ ଦଳ, ପ୍ରାର୍ଥୀ ଓ ଷ୍ଟାର ପ୍ରଚାରକମାନେ ଯଦି ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କରିବେ, ତା'ହେଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ୩ ଔଷଧର ବ୍ୟବହାର ଉପରେ ଲାଗିଲା ରୋକ

**ନୂଆଦିଲ୍ଲୀ:** ମେଗ ଲାଇଫ ସାଇନ୍ସ ପକ୍ଷରୁ ଉତ୍ପାଦନ ହେଉଥିବା ସମସ୍ତ ଔଷଧର ସେବନ ଓ ବ୍ୟବହାର ବିରୋଧରେ ଲୋକଙ୍କୁ ସତର୍କ କରାଇଛି ତେଲଙ୍ଗାନା ସରକାର । କମ୍ପାନୀ ପକ୍ଷରୁ ମାର୍କେଟରେ ବିକ୍ରି ହେଉଥିବା ଏମ୍ପିଓଡି ୨୦୦, ମେକ୍ସିଲାଭ ୬୨୫, ସେଫୋକ୍ସିମ୍-ସିଭିରେ କୌଣସି ପ୍ରକାରର ସକ୍ରିୟ ଔଷଧୀୟ ଉପାଦନ ନ ମିଳିବା ପରେ ସରକାର ଏମିତି ସତର୍କ ସୂଚନା ଜାରି କରିଛନ୍ତି । ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲ ଆଡମିନଷ୍ଟ୍ରେସନ କହିଛି ଯେ ଉପରୋକ୍ତ ୩ ଔଷଧରେ କେବଳ ଚକଖଡ଼ି ଗୁଣ୍ଡ ରହିଛି । ଏହାକୁ ସେବନ କଲେ ସ୍ୱାସ୍ଥ୍ୟଗତ ସମସ୍ୟାର ଆଶଙ୍କା ରହିଛି । ଡିସିଏ




ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ମେଗ ଲାଇଫ ସାଇନ୍ସ ଉତ୍ତରାଖଣ୍ଡର ସିରମାଉର ଜିଲ୍ଲାରେ ରହିଛି ବୋଲି କୁହାଯାଇଥିଲା । କିନ୍ତୁ ଯାଞ୍ଚ ବେଳେ ଏହା ଏକ ନକଲି ବା ସ୍ଥାୟୀହୀନ କମ୍ପାନୀ ବୋଲି ଜଣାପଡ଼ିଛି । ଯାଞ୍ଚ ବେଳେ ତ୍ରୁଟି ଧରାପଡ଼ିଛି । ତେଣୁ ଡିସିଏ ପକ୍ଷରୁ ମେଗ ଲାଇଫ ସାଇନ୍ସ ପକ୍ଷରୁ ଉତ୍ପାଦନ ହେଉଥିବା ସମସ୍ତ ମେଡିସିନର ବ୍ୟବହାର ବିରୋଧରେ ଲୋକଙ୍କୁ ସତର୍କ ନୋଟିସ ଜାରି କରାଯାଇଛି । ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ତୁରନ୍ତ ମେଡିସିନଗୁଡ଼ିକର ବ୍ୟବହାର ବନ୍ଦ କରିବାକୁ କହିଛନ୍ତି । ରିଟେଲର ଓ ହୋଲସେଲରମାନଙ୍କୁ ମଧ୍ୟ ଏହି ଔଷଧର ବିକ୍ରି ଓ ବିତରଣ ଉପରେ ରୋକ ଲଗାଇବାକୁ କୁହାଯାଇଛି । ଆଞ୍ଚଳିକ ଡ୍ରଗ୍ସ ଇନ୍ସପେକ୍ଟରମାନଙ୍କୁ ମଧ୍ୟ ମେଗ ଲାଇଫ ସାଇନ୍ସର ଔଷଧ ଯେମିତି ବିକ୍ରି ନ ହେବ, ତାକୁ ନିଶ୍ଚିତ କରିବାକୁ ଡିସିଏ ପକ୍ଷରୁ କୁହାଯାଇଛି । ଯଦି କେହି ଔଷଧର ବ୍ୟବହାର କିମ୍ବା ବିତରଣ କରୁଥିବା ଲୋକମାନେ ଜାଣନ୍ତି, ତା'ହେଲେ ଟୋଲ ଫ୍ରି ନମ୍ବର ୧୮୦୦-୫୯୯-୬୯୬୯କୁ ଫୋନ କରି ଜଣାଇ ପାରିବେ ।

ଏମ୍ପୋଡ ୨୦୦, ମେକ୍ସକାଲଭ ୬୨୫ ଏବଂ ସେଫୋକ୍ସସିମ୍-ସିଭି ଔଷଧକୁ ବିଭିନ୍ନ ବ୍ୟାକ୍ଟେରିଆ ସଂକ୍ରମଣ ଓ ଅନ୍ୟାନ୍ୟ ଭାଇରାଲ ରୋଗର ଚିକିତ୍ସା ପାଇଁ ବ୍ୟବହାର କରାଯାଇ ଥାଏ ।

## ଭାରତ ସହ ଆଉ ଏକ ବୁଝାମଣା ରଦ୍ଦ କଲା ମାଳଦ୍ୱୀପ

**ନୂଆଦିଲ୍ଲୀ:** ଚୀନ ସହ ମାଳଦ୍ୱୀପର ସମ୍ପର୍କ ବଢୁଥିବା ବେଳେ ଭାରତ ସହ ନିଜର ପୂର୍ବ ବୁଝାମଣା ଭାଙ୍ଗିବାରେ ଲାଗିଛି । ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ହାଇଡ୍ରୋଗ୍ରାଫିକ୍ ସର୍ଭେକ୍ଷଣ କରିବା ପାଇଁ ଭାରତ ସହ ବୁଝାମଣାକୁ ନବୀକରଣ କରିବା ପାଇଁ ମନା କରି ଦେଇଛନ୍ତି । ସେ କହିଛନ୍ତି ଯେ ମାଳଦ୍ୱୀପ ସରକାର ଭାରତ ସହ ଏହି ବୁଝାମଣାକୁ ଆଗକୁ ବଢାଇବା ଉପରେ ବିଚାର କରୁ ନାହିଁ । ଏହା ପ୍ରଥମ ଥର ଯେତେବେଳେ ମୁଇଜ୍ଜୁ ଜଳକ୍ଷେତ୍ର ସର୍ଭେକ୍ଷଣକୁ ନେଇ ସାର୍ବଜାନୀନ ବୟାନ ଦେଇଛନ୍ତି । ତେବେ ରୋଚକ କଥା ହେଉଛି ମୁଇଜ୍ଜୁଙ୍କ ଏହି ଘୋଷଣା ଚୀନର ଗୁଇନ୍ଦା ଜାହାଜ ମାଳଦ୍ୱୀପ ପୋର୍ଟ ଛାଡ଼ିବାର କିଛି ଦିନ ପରେ ଆସିଛି । ଚୀନ ଜାହାଜ ପ୍ରାୟ ଏକ ମାସ ଧରି ମାଲେରେ ରହିଥିଲା । ଏହାସହ ମୁଇଜ୍ଜୁ ଘୋଷଣା କରିଛନ୍ତି ଯେ ତାଙ୍କ ଦେଶ ଚଳିତ ମାସରେ ମାଳଦ୍ୱୀପର ଜଳ କ୍ଷେତ୍ରରେ ଦିନରାତି ନିରୀକ୍ଷଣ ପ୍ରଣାଳୀ ସ୍ଥାପନ କରିବା ପାଇଁ କାମ କରୁଛି । ଯାହାଦ୍ୱାରା ଏହାର ବଡ଼ କ୍ଷେତ୍ର ସତ୍ତ୍ୱେ, ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ରରେ ନିୟନ୍ତ୍ରଣ ସୁନିଶ୍ଚିତ କରାଯାଇ ପାରିବ ।

ମୁଇଜ୍ଜୁଙ୍କ ଏହି ଘୋଷଣା ଏପରି ସମୟରେ ଆସିଛି, ଯେତେବେଳେ କିଛି ଦିନ ପୂର୍ବେ ଚୀନ ମଜଭୁତ ଦ୍ୱିପାକ୍ଷିକ ସମ୍ପର୍କକୁ ବଢାଇବା ପାଇଁ ମୁକ୍ତ ସୈନ୍ୟ ସହାୟତା ପ୍ରଦାନ ପାଇଁ ମାଳଦ୍ୱୀପ ସହ ହସ୍ତାକ୍ଷର କରିଥିଲା । ଚୀନର ଅନ୍ଧ-ସମର୍ଥକ ମୁଇଜ୍ଜୁ ଗତ ବର୍ଷ କ୍ଷମତାକୁ ଆସିଥିଲେ ଏବଂ ଏହାପରଠୁ ଭାରତ-ମାଳଦ୍ୱୀପ ସମ୍ପର୍କକୁ ଝଟକା ଲାଗିଛି । ୨୦୨୩ ନଭେମ୍ବରରେ ଶପଥ ଗ୍ରହଣର କିଛି ଘଣ୍ଟା ପରେ ମୁଇଜ୍ଜୁ ଯେଉଁ ପ୍ରଥମ ପଦକ୍ଷେପ ନେଇଥିଲେ, ସେଥିରେ ଭାରତକୁ ନିଜ ସୈନିକ ଫେରାଇ ନେବାକୁ କହିଥିଲେ ।

# ଟିଏମସିକୁ ଧୋଇଲେ ମୋଦି

**କୋଲକାତା:** ସନ୍ଦେଶଖାଲିରେ ନିଲମ୍ବିତ ଟିଏମସି ନେତା ଶେଖ ଶାହଜାହାଁ ମହିଳାମାନଙ୍କୁ ଯୌନ ନିର୍ଯାତନା ଦେବା ସହ ସେମାନଙ୍କ ଜମି ହଡ଼ପ କରିଥିବା ଅଭିଯୋଗ ହୋଇଛି । ଦୀର୍ଘ ବର୍ଷ ହେଲା ଶାହଜାହାଁ ଏପରି କାରନାମା ଚଳାଇଥିବା ବେଳେ ପୂରା ଘଟଣା ସାମ୍ନାକୁ ଆସିଛି ।

ବେଙ୍ଗଲରେ ଜନସଭା କରି କ୍ଷମତାସୀନ ଟିଏମସି ଉପରେ ଜୋରଦାର ଢଙ୍ଗରେ ବର୍ଷିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଛ ବିଶେଷ କରି ସନ୍ଦେଶଖାଲି ଘଟଣାକୁ ମୁଖ୍ୟ ପ୍ରସଙ୍ଗ କରି ମୋଦି କହିଛନ୍ତି ଯେ ଟିଏମସି ମୁଖ୍ୟ ଅଭିଯୁକ୍ତଙ୍କୁ ବଞ୍ଚାଇବାକୁ ଚେଷ୍ଟା କରୁଥିବା ସେ ଅଭିଯୋଗ କରିଛନ୍ତି ।

ସନ୍ଦେଶଖାଲିରେ ନିଲମ୍ବିତ ଟିଏମସି ନେତା ଶେଖ ଶାହଜାହାଁ ମହିଳାମାନଙ୍କୁ ଯୌନ ର୍ନିଯାତନା ଦେବା ସହ ସେମାନଙ୍କ ଜମି ହଡ଼ପ କରିଥିବା ଅଭିଯୋଗ ହୋଇଛିଛ ଦୀର୍ଘ ବର୍ଷ ହେଲା ଶାହଜାହାଁ ଏପରି କାରନାମା ଚଳାଇଥିବା ବେଳେ ପୂରା ଘଟଣା ସାମ୍ନାକୁ ଆସିଛି ।

ଏବେ ଏହି ଘଟଣାକୁ ମୁଖ୍ୟ ପ୍ରସଙ୍ଗ କରି ପ୍ରଧାନମନ୍ତ୍ରୀ ମୋଦି ଟିଏମସି ସରକାରଙ୍କୁ



ମନଇଚ୍ଛା ସମାଲୋଚନା କରିଛନ୍ତିଛ ସନ୍ଦେଶଖାଲିର ଅଭିଯୁକ୍ତଙ୍କୁ ମମତା ବାନାର୍ଜୀଙ୍କ ସରକାର ଘଣ୍ଟ ଘୋଡ଼ାଉଛିଛ ଏହି ମାଟିର ମହିଳାମାନଙ୍କୁ ର୍ନିଯାତନା ଦିଆଯାଇଛି ଓ ସନ୍ଦେଶଖାଲିରେ ଯାହା ଘଟିଛି, ତାହା ଅତ୍ୟନ୍ତ ଲଜ୍ଜାର ବିଷୟ ବୋଲି ମୋଦି କହିଛନ୍ତି ।

ପ୍ରଧାନମନ୍ତ୍ରୀ ମୋଦି ବରାସତରେ କହିଛନ୍ତି, ଟିଏମସି ଶାସନରେ ଏହି ମାଟିର ମହିଳାମାନେ ର୍ନିଯାତିତ ହେଉଛନ୍ତିଛ ସନ୍ଦେଶଖାଲିରେ ଯାହା ବି ଘଟିଛି, ତାହା ସମସ୍ତଙ୍କ ମୁଣ୍ଡକୁ ଲଜ୍ଜାରେ ନୁଆଁଇ ଦେଇଛିଛ କିନ୍ତୁ ଟିଏମସି ସରକାର ଆପଣମାନଙ୍କ ପ୍ରସଙ୍ଗକୁ ଖାତିର କରୁ ନାହିଁଛ ବେଙ୍ଗଲବାସୀଙ୍କ ଅଭିଯୁକ୍ତଙ୍କୁ ଟିଏମସି ବଞ୍ଚାଇବାକୁ ଉଦ୍ୟମ କରୁଛି ।

ଟିଏମସି ସରକାର ମହିଳାମାନଙ୍କୁ ସୁରକ୍ଷା ଦେଇ ନାହାନ୍ତି କିମ୍ବା ସେମାନଙ୍କ କଲ୍ୟାଣ ପାଇଁ କିଛି କରି ନାହାନ୍ତି ବୋଲି ମୋଦି କହିଛନ୍ତିଛ ସେ କହିଛନ୍ତି, ଟିଏମସି ସରକାର କେବେ ହେଲେ ମହିଳାଙ୍କୁ ସୁରକ୍ଷା ଦେଇ ପାରିବ ନାହିଁଛ ହେଲେ କେନ୍ଦ୍ରରେ କ୍ଷମତାସୀନ ବିଜେପି ସରକାର ଦୁଷ୍କର୍ମ ଭଳି ଜଘନ୍ୟ ଅପରାଧ ପାଇଁ ଆଜୀବନ ଜେଲ ଦଣ୍ଡର ବ୍ୟବସ୍ଥା କରିଛି ।

ମହିଳାମାନଙ୍କ ଯନ୍ତ୍ରଣା ଜାଣିବା ପାଇଁ ମହିଳା ହେଲଲାଇନ କରାଯାଇଛିଛ କିନ୍ତୁ ଟିଏମସି ସରକାର ଏହାକୁ ବେଙ୍ଗଲରେ କାର୍ଯ୍ୟକାରୀ କରିବାକୁ ଦେଉ ନାହାନ୍ତିଛ ଟିଏମସି ସରକାର କେବେ ହେଲେ ମହିଳାମାନଙ୍କ କଲ୍ୟାଣ କରିପାରିବ ନାହିଁଛ

ରାଜ୍ୟର ମହିଳାମାନଙ୍କ ଉପରେ ଟିଏମସି ନେତାମାନେ ଅତ୍ୟାଚାର କରିଛନ୍ତିଛ ନିଜର ନେତାମାନଙ୍କ ଉପରେ ଟିଏମସିର ପୂରା ଭରସା ରହିଛିଛ କିନ୍ତୁ ବେଙ୍ଗଲର ମହିଳାମାନଙ୍କ ଉପରେ ଦଳର ଭରସା ନାହିଁ । ବେଙ୍ଗଲ ଓ ଦେଶର ମହିଳାମାନେ ଏବେ କ୍ରୋଧିତ । ସନ୍ଦେଶଖାଲିରେ ସୃଷ୍ଟି ହୋଇଥିବା ଝଡ଼ ବେଙ୍ଗଲର ସବୁ ପ୍ରାନ୍ତରେ ପହଞ୍ଚିବ । ଏହାପରେ ପୂରା ରାଜ୍ୟରେ ଟିଏମସିର ପତନ ହେବ ।

## ବାଂଲାଦେଶରେ ବୟକଟ୍ ଇଣ୍ଡିଆ ନାରା ତୀବ୍ର

**ନୂଆଦିଲ୍ଲୀ:** ମାଳଦ୍ୱୀପ ପରେ ବାଂଲାଦେଶରେ ବି ଇଣ୍ଡିଆ ଆଉଟ୍ ନାରା ତେଜିବାରେ ଲାଗିଛି । ଶେଖ ହସିନାଙ୍କ ଦଳ ଆୱାମୀ ଲିଗ୍ ବାଂଲାଦେଶରେ ସରକାର ଗଠନ କରିବା ଦିନ ଠାରୁ ଇଣ୍ଡିଆ ଆଉଟ୍ ନାରା ଆହୁରି ତେଜିଛି । ସୂଚନା ଅନୁସାରେ ଭାରତ ହସିନାଙ୍କ ସରକାରକୁ ସମର୍ଥନ କରୁଛି । ସେପଟେ ବିରୋଧୀ ଦଳ ଭାରତକୁ ଘେରୁଛି । ଏହାର କିଛି ମାସ ପୂର୍ବରୁ ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ଇଣ୍ଡିଆ ଆଉଟରେ ନାରା ଲଗାଇଥିଲେ । ଫଳରେ ମାଳଦ୍ୱୀପବାସୀ ମୁଇଜ୍ଜୁଙ୍କୁ ନିର୍ବାଚନ ଜିତାଇଥିଲେ । ସେ ରାଷ୍ଟ୍ରପତି ହେବା ପରେ ମାଳଦ୍ୱୀପ ଓ ଭାରତ ମଧ୍ୟରେ ସମ୍ପର୍କ ତିକ୍ତ ହୋଇଯାଇଛି । ସେହିପରି ବାଂଲାଦେଶରେ ମଧ୍ୟ ସୋସିଆଲ୍ ମିଡିଆରେ ବୟକଟ୍ ଇଣ୍ଡିଆ ନାରା ଟ୍ରେଣ୍ଡ କରୁଛି । ଏହିପରି ସ୍ଥଳେ ଆଗକୁ ରମଜାନ ଓ ଇଦ୍ ଆସୁଥିବା ବେଳେ ସୋମବାର ମୋଦୀ ସରକାର ବାଂଲାଦେଶକୁ ୫୦ ହଜାର ଟନ୍ ପିଆଜ ରପ୍ତାନୀ କରିବାକୁ ଅନୁମତି ଦେଇଛନ୍ତି ।

ସୂଚନା ଥାଉକି ରମଜାନ ସମୟରେ ଖାଦ୍ୟ ତିଆରି କରିବାରେ ପିଆଜ ସବୁଠାରୁ ମୂଳ ସାମଗ୍ରୀ । ଭାରତରେ ପିଆଜ ଦରକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ୨୦୨୩ ଡିସେମ୍ବରରେ ପିଆଜ ରପ୍ତାନୀ ବ୍ୟାନ୍ କରିଥିଲେ । ହେଲେ ଭାରତ ଦୁଇ ବନ୍ଧୁ ରାଷ୍ଟ୍ର ବାଂଲାଦେଶ ଓ ୟୁଏଇକୁ ପିଆଜ ଦେବାକୁ ଅନୁମତି ଦେଇଛି ।

ହେଲେ ସୋସିଆଲ୍ ମିଡିଆରେ ବର୍ତ୍ତମାନ ବୟକଟ୍ ନାରା ଦିଆଯାଉଛି । ବିଶେଷ କରି ବିଦେଶରେ ରହୁଥିବା କିମ୍ବା ନିର୍ବାସନସରେ ଥିବା ବାଂଲାଦେଶୀମାନେ ଏହି ଟ୍ରେଣ୍ଡକୁ ଅଧିକ ପ୍ରୋତ୍ସାହନ କରୁଛନ୍ତି । ଫେବ୍ରୁଆରୀ ମାସରେ ଅଲ୍ ଜଜିରା ବାଂଲାଦେଶରେ ଏ ସମ୍ପର୍କିତ ଏକ ରିପୋର୍ଟ କରିଥିଲା । ବାଂଲାଦେଶର ପାନ୍ଥପାଠ ଏରିଆରେ ଦୋକାନୀମାନେ ସାମଗ୍ରୀ ଷ୍ଟକ୍ କରିବା ନେବା ସହ ନୂଆ ଡେଲିଭରି ନେବାକୁ ମନା କରିଥିଲେ । ବାଂଲାଦେଶରେ ଭାରତର ଖାଇବା ତେଲ, ପ୍ୟାକିଂ ଫୁଡ୍, ପ୍ରସାଧାନ ସାମଗ୍ରୀ ଓ କପଡ଼ା ସାମଗ୍ରୀ ବିକ୍ରି ହ୍ରାସ ହୋଇଥିଲା ବୋଲି କିଛି ଦୋକାନୀ ମାଲିକ ଗଣମାଧ୍ୟମ ଭଏସ୍ ଅଫ୍ ଆମେରିକାକୁ ସୂଚନା ଦେଇଥିଲେ ।

ଜାତୀୟ ଗଣମାଧ୍ୟମ ଇଣ୍ଡିଆଟୁଡେର ରିପୋର୍ଟ ଅନୁସାରେ,୪ ହଜାରରୁ ଅଧିକ ଟ୍ୱିଟ୍ ବୟକଟ୍ ଇଣ୍ଡିଆ ପ୍ରଡକ୍ଟ ହ୍ୟାସ୍ ଟ୍ୟାଗ୍ ସହ କରାଯାଇଛି । ଏଥିସହିତ ଇଣ୍ଡିଆଆଉଟ୍, ବୟକଟଇଣ୍ଡିଆ ଆଜି ହ୍ୟାସ୍ ଟ୍ୟାଗରେ ଟ୍ୱିଟ୍ କରିଯାଇଛି । ଶେଖ ହସିନା ବାଂଲାଦେଶ ପ୍ରଧାନମନ୍ତ୍ରୀ ହେବାର ତୃତୀୟ ଥର ପାଇଁ ଶପଥ ନେବା ପରେ ଏହି ଟ୍ରେଣ୍ଡ ଅଧିକ ହେବାରେ ଲାଗିଛି । ମାର୍ଚ୍ଚ ମାସରେ ୧୨ଟି ବାଂଲାଦେଶୀ ପାର୍ଟି ଏକାଠି ହୋଇ ଭାରତୀୟ ପ୍ରଡକ୍ଟର ବୟକଟ୍ ଆହ୍ୱାନ୍ ଦେଇଥିବା ଢାକା ପୋଷ୍ଟ ସୂଚନା ଦେଇଛି ।

ତେବେ ବାଂଲାଦେଶର ମୁଖ୍ୟ ବିରୋଧୀ ଦଳ ଖାଲିଦା ଜିଆଙ୍କର ବାଂଲାଦେଶ ନ୍ୟାସନାଲ ପାର୍ଟିଂ ଓ ମୁଖ୍ୟ ଇସ୍ଲାମିଷ୍ଟ ପାର୍ଟି ଜମାତ-ଇ ଇସ୍ଲାମୀ କିନ୍ତୁ ଏହି ବୟକଟ୍ ଆହ୍ୱାନ୍ ଦେଇଥିବା ଦଳ ମଧ୍ୟରେ ନାହାନ୍ତି । ତେବେ ବାଂଲାଦେଶର ଭାରତୀୟ ପ୍ରଡକ୍ଟର ବହିଷ୍କାର କରିବା ଭାରତର ଅର୍ଥନୀତି ଉପରେ ସେତେଟା ପ୍ରଭାବ ପକାଇବ ନାହିଁ । କାରଣ ବାଂଲାଦେଶ ମାର୍କେଟ୍ ଉପରେ ଅଧିକ ନିର୍ଭର କରେ ନାହିଁ । ୨୦୨୨-୨୩ରେ ଭାରତ ବାଂଲାଦେଶକୁ ମାତ୍ର ୨.୬ ପ୍ରତିଶତ ରପ୍ତାନୀ କରିଥିଲା ।

# ଆଜିଠୁ ଧର୍ମଶାଳା ଟେଷ୍ଟ

## ଶତକୀୟ ଟେଷ୍ଟ ଖେଳିବେ ଅଶ୍ୱିନ, ବେୟାରଷ୍ଟୋ

ଧର୍ମଶାଳା,୬।୩(ଏଜେନ୍ସି): ଗୁରୁବାର ଠାରୁ ଧର୍ମଶାଳାରେ ଭାରତ-ଇଂଲଣ୍ଡ ମଧ୍ୟରେ ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ ଖେଳାଯିବ । ଏହି ଦୁଇ ଦଳର ପ୍ରମୁଖ ଖେଳାଳି ରବି ଚନ୍ଦ୍ରନ ଅଶ୍ୱିନ ଓ ଜନୀ ବେୟାରଷ୍ଟୋ ଟେଷ୍ଟ କ୍ରିକେଟ୍‌ରେ ୧୦୦ ମ୍ୟାଚ ପୁରୁଣ କରିବାକୁ ଯାଉଛନ୍ତି । ଉଭୟ ନିଜ ନିଜ ଦଳର ଚୂଡାନ୍ତ ଏକାଦଶରେ ସ୍ଥାନ ପାଇବେ ୧୦୦ତମ ଟେଷ୍ଟ ମ୍ୟାଚ ଖେଳିବାର ବିରଳ କ୍ଲବ୍‌ରେ ସାମିଲ ହେବେ ।

ମ୍ୟାଚର ଗୋଟିଏ ଦିନ ପୂର୍ବରୁ ଇଂଲଣ୍ଡ ଚୂଡାନ୍ତ ଏକାଦଶରେ ଘୋଷଣା କରିଥିଲା । ଏହି ଆଧାରରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ଦ୍ରୁତ ବୋଲର ମାର୍କ ଉଡ । ଅପରପକ୍ଷରେ ଓଲି ରବିନସନ୍‌ଙ୍କୁ ରାଞ୍ଚି ଟେଷ୍ଟ ପରେ ଦଳରୁ ବାହାରେ ରଖାଯାଇଛି । ଇଂଲଣ୍ଡ ଅଧିନାୟକ ବେନ ଷ୍ଟୋ ଧର୍ମଶାଳା ଟେଷ୍ଟ ପାଇଁ ମାର୍କ ଉଡଙ୍କୁ ଦଳକୁ ଆଣିଛନ୍ତି । ଏହି ଶୃଙ୍ଖଳାକୁ ଭାରତ ଆଗୁଆ ୩-୧ରେ ଜିତିସାରିଛି । ତେବେ ଶେଷ ମ୍ୟାଚକୁ ଜିତିବା ପାଇଁ ଉଭୟ ଦଳ ପ୍ରୟାସ କରିବେ । ପୂର୍ବରୁ ଚଳିତ ଶୃଙ୍ଖଳାରେ ମାର୍କ ଉଡ ଭାରତୀୟ ବିପକ୍ଷରେ ବେସ ଭଲ ବଲ ବୋଲିଂ କରିଥିଲେ । ତାଙ୍କ ମିଶ୍ରିଣ ବୋଲିଂ ଭାରତୀୟ ଖେଳାଳିଙ୍କୁ ସମସ୍ୟାରେ ପକାଇଥିଲେ । ତେଣୁ ଧର୍ମଶାଳା ଟେଷ୍ଟରେ ତାଙ୍କୁ ଦଳରେ ସାମିଲ କରିବାକୁ ଟିମ୍ ଇଂଲଣ୍ଡ ମ୍ୟାନେଜମେଣ୍ଟ ନିଷ୍ପତ୍ତି ନେଇଛନ୍ତି ।

### କୀର୍ତ୍ତିମାନ ଅପେକ୍ଷରେ ରୋହିତ

ଏହି ମ୍ୟାଚ ଜରିଆରେ ଅଧିନାୟକ ତଥା



ହିଟ୍ ମ୍ୟାଚ ରୋହିତ ଶର୍ମା ଏକ କୀର୍ତ୍ତିମାନ ସ୍ଥାପନ କରିବାକୁ ଯାଉଛନ୍ତି । ବିଶ୍ୱ କ୍ରିକେଟ୍‌ରେ ପ୍ରଥମ ଖେଳାଳି ଭାବେ ୬୦୦ ଛକା ମାରିବାର ରେକର୍ଡ କରିବା ପାଇଁ ତାଙ୍କୁ ଆଉ ୬ଟି ଛକା ଆବଶ୍ୟକ ହେଉଛି । ରୋହିତ ୫୯୪ ଛକା ସହ ପ୍ରଥମ ସ୍ଥାନରେ ଥିବା ବେଳେ କ୍ରିସ୍ ଗେଲ ୫୫୩ ଛକା ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ରୋହିତ ୨୮୨ ଦିନିକିଆ ମ୍ୟାଚରେ ୩୨୩ ଛକା, ୫୮ ଟେଷ୍ଟରେ ୮୧ଟି ଛକା ଓ ୧୫୧ଟି ଟି-୨୦ରେ ୧୯୦ ଛକା ମାରିଛନ୍ତି । ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍‌ରେ ରୋହିତ ୫୦ ଛକା ପାଇଁ ଆଉ ଗୋଟିଏ ପଛରେ ଅଛନ୍ତି । ବେନ୍ ଷ୍ଟୋକ୍ସ ୭୮ ଛକା ସହ ପ୍ରଥମ ସ୍ଥାନରେ ରହିଛନ୍ତି ।

### ଅଶ୍ୱିନ, ବେୟାରଷ୍ଟୋଙ୍କ ପାଇଁ ସ୍ମରଣୀୟ ହେବ ଧର୍ମଶାଳା

ଚଳିତ ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାରେ ରବିଚନ୍ଦ୍ରନ ଅଶ୍ୱିନ ଅନେକ ଗୁରୁତ୍ୱପୂର୍ଣ୍ଣ ଶୃଙ୍ଖଳା ହାସଲ କରିଛନ୍ତି । ୫୦୦ ଟେଷ୍ଟ ୱିକେଟ୍ ପୂରଣ କରିବା ସହ ଭାରତ ମାଟିରେ ୩୫୦ ୱିକେଟ୍ ଅତିକ୍ରମ କରି ନିଜ ଦକ୍ଷତାକୁ ପୁଣିଥରେ ପ୍ରମାଣିତ କରିଛନ୍ତି । ୯୯ ଟେଷ୍ଟରୁ ୫୦୭ ୱିକେଟ୍ ନେଇଥିବା ଏହି ଅଫ୍‌ସ୍ପିନର ୧୪ତମ ଭାରତୀୟ ଭାବେ ୧୦୦ ଟେଷ୍ଟ ଖେଳିବେ । ନିଜ ଟେଷ୍ଟ ଯାତ୍ରାର ସ୍ମୃତିଚରଣ କରି ଅଶ୍ୱିନ ଭାଗବିହ୍ୱଳ ହୋଇଥିଲେ । ୨୦୧୨ ମସିହାର ଇଂଲଣ୍ଡ ବିପକ୍ଷ ଘରୋଇ ଶୃଙ୍ଖଳାରେ ଭାରତ ହାରିଯିବା ଏପର୍ଯ୍ୟନ୍ତ ତାଙ୍କ ମନରୁ ହଟି ନାହିଁ । ଅଲେଷ୍ଟର କୁକ୍ ଓ କେଭିନ୍ ପିଟରସନ୍ କିଭଳି ତାଙ୍କୁ ଅତିସହଜରେ ପ୍ରତିହତ କରିଥିଲେ ସେ ସବୁ ଭଳି ନାହାନ୍ତ ଅଶ୍ୱିନ । ଭାରତ ମଧ୍ୟ ଶେଷଥର ପାଇଁ ଇଂଲଣ୍ଡ ଠାରୁ ଏହି ଘରୋଇ ଶୃଙ୍ଖଳା ହାରିଥିଲା । ୧୨ ବର୍ଷ ପରେ ଅଶ୍ୱିନ ଜଣେ ଭିନ୍ନ ବୋଲର ଭାବେ ଉଭା ହୋଇଛନ୍ତି ।

ଇଂଲଣ୍ଡର ଜନି ବେୟାର ଷ୍ଟୋ ମଧ୍ୟ ୧୦୦ତମ ଟେଷ୍ଟ ମ୍ୟାଚ ଖେଳିବାକୁଯାଉଛନ୍ତି । ଯଦି ତାଙ୍କୁ ଚୂଡାନ୍ତ ଏକାଦଶରେ ସ୍ଥାନ ମିଳେ ତେବେ ଏହି ବିରଳ କ୍ଲବରେ ସାମିଲ ହେବେ । ଇଂଲଣ୍ଡ ଏହି ଶୃଙ୍ଖଳା ହାରି ସାରିଥିବାରୁ ସଫଳତାକୁ ଉପଭୋଗ କରିନପାରିବା ବେୟାରଷ୍ଟୋଙ୍କ ପାଇଁ ଯନ୍ତ୍ରଣାଦାୟକ ହେବ ।

ଧର୍ମଶାଳା ଟେଷ୍ଟ ଭାରତୀୟ ସମୟ ସକାଳ ୯.୩୦ରେ ଆରମ୍ଭ ହେବ । ଦର୍ଶକ ଏହାର ସିଧାପ୍ରସାରଣ ସ୍ପୋର୍ଟ୍ସ-୧୮ରେ ଦେଖିପାରିବେ ।

# ରଣଜୀ ଟ୍ରଫି: ବିଦର୍ଭ-ମୁମ୍ବାଇ ଫାଇନାଲ




ନାଗପୁର,୬।୩(ଏଜେନ୍ସି): ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଘରୋଇ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫିର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି । ବୁଧବାର ବିଦର୍ଭ ଓ ମଧ୍ୟପ୍ରଦେଶ ମଧ୍ୟରେ ସେମିଫାଇନାଲ ମ୍ୟାଚ ଶେଷ ହେବା ସହ ଟାଇଟଲ ମୁକାବିଲାର ଚିତ୍ରସ୍ପଷ୍ଟ ହୋଇଛି । ବୁଧବାର ବିଦର୍ଭ ଦଳ ୬୨ ରନ୍ ବ୍ୟବଧାନରେ ମଧ୍ୟପ୍ରଦେଶକୁ ହରାଇ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା । ଆଗାମୀ ୧୦ ତାରିଖରୁ ମୁମ୍ବାଇର ଐତିହାସିକ ୱାଙ୍ଖେଡେ ଷ୍ଟାଡିୟମ୍‌ରେ ବିଦର୍ଭ ଓ ମୁମ୍ବାଇ ମଧ୍ୟରେ ଫାଇନାଲ ମ୍ୟାଚ ଆରମ୍ଭ ହେବ ।

ନାଗପୁରରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ବିଦର୍ଭ ପ୍ରଥମ ପାଳିରେ ୧୭୦ ଓ ଦ୍ୱିତୀୟ ପାଳିରେ ୪୦୨ ରନ୍ କରିଥିଲା । ମଧ୍ୟପ୍ରଦେଶ ପ୍ରଥମ ପାଳିରେ ୨୫୨ ରନ୍ କରି ଇନିଂସ ଅଗ୍ରଣୀ ହୋଇଥିଲା । ଦ୍ୱିତୀୟ ପାଳିରେ ୩୨୧ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ୨୫୮ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା । ଯଶ ରାଠୋରଙ୍କୁ ୧୪୧ ରନ୍‌ର ଇନିଂସ ପାଇଁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା ।

# ମାଗଣାରେ ଦେଖିହେବ ଟି-୨୦ ବିଶ୍ୱକପ୍

ମୁମ୍ବାଇ,୬।୩(ଏଜେନ୍ସି): ଦର୍ଶକଙ୍କ ପାଇଁ ଖୁସିର ଖବର । ଟି-୨୦ ବିଶ୍ୱକପ୍‌ର ସମସ୍ତ ମ୍ୟାଚ ମାଗଣାରେ ମୋବାଇଲରେ ଦେଖିହେବ । ମୋବାଇଲ ଆପ୍ଲିକେସନ୍ ଡିଜନୀ ହର୍ଟଷ୍ଟାରରେ ଟି-୨୦ ବିଶ୍ୱକପ୍‌ର ସମସ୍ତ ମ୍ୟାଚ ପ୍ରସାରଣ ହେବ । ଏଥିପାଇଁ କୌଣସି ଦେୟ ଦେବାକୁ ହେବ । ଜୁନ୍ ୧ରୁ ଆରମ୍ଭ ହେବ ଟି-୨୦ ବିଶ୍ୱକପ୍ । ଏଥର ଆମେରିକା ଓ ୱେଷ୍ଟଇଣ୍ଡିଜ୍ ମିଳିତ ଭାବେ ବିଶ୍ୱକପ୍ ଆୟୋଜନ କରିବେ । ମୋଟ୍ ୨୦ଟି ଦଳ ଭାଗ ନେବେ । ଜୁନ୍ ୨୯ରେ ଟି-୨୦ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ ଖେଳାଯିବ । ଟି-୨୦ ବିଶ୍ୱକପ୍ ୨୦୦୭ରେ ଆରମ୍ଭ ହୋଇଥିଲା । ଏହି ସଟ୍ ଫର୍ମାଟର ଟୁର୍ଣ୍ଣାମେଣ୍ଟ ବର୍ତ୍ତମାନ ସୁଧା ୮ଟି ସଂସ୍କରଣ ଖେଳାଯାଇସାରିଛି । ଯେଉଁଥିରୁ ୱେଷ୍ଟଇଣ୍ଡିଜ୍ ଓ ଇଂଲଣ୍ଡ ସର୍ବାଧିକ ୨ଥର ଟ୍ରଫି ଜିତିଛନ୍ତି । ଭାରତ, ପାକିସ୍ତାନ, ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆଥରେ ଲେଖାଏଁ ଜିତିଛନ୍ତି ।



# ମହିଳା କ୍ରିକେଟ୍ ଇତିହାସରେ ଶବ୍‌ନମ ସବୁଠୁ ଦ୍ରୁତତମ

ନୂଆଦିଲ୍ଲୀ,୬।୩(ଏଜେନ୍ସି): ଦ.ଆଫ୍ରିକାର ଦ୍ରୁତ ବୋଲର ଶବ୍‌ନମ ଇସ୍ମାଇଲ ଇତିହାସ ରଚିଛନ୍ତି । ସେ ପ୍ରଥମ ମହିଳା ବୋଲର ଭାବେ ଘଣ୍ଟା ପ୍ରତି ୧୩୦ ସ୍ପିଡରୁ ଅଧିକ ବୋଲିଂ କରିଛନ୍ତି । ସବନମ ମୁମ୍ବାଇ ଓ ଦିଲ୍ଲୀ କ୍ୟାପିଟାଲ ମଧ୍ୟରେ ମହିଳା ପ୍ରିମିୟର ଲିଗ୍ ମ୍ୟାଚରେ ଘଣ୍ଟାପ୍ରତି ୧୩୨.୧ ବେଗରେ ବୋଲିଂ କରିଥିଲେ । ସେ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ମେଗ ଲନିଙ୍ଗଙ୍କୁ ଏହି ବଲ୍ ଫିଙ୍ଗିଥିଲେ । ୨୩ ବର୍ଷିୟା ଏହି ଖେଳାଳି ପୂର୍ବରୁ ବେଙ୍ଗାଲୁରୁର ଏମ୍ ଚିନ୍ନସ୍ୱାମୀ ଷ୍ଟାଡିୟମ୍‌ରେ ୧୨୮.୩ କିମି ବେଗରେ ବୋଲିଂ କରିଥିଲେ । ଦ.ଆଫ୍ରିକା ଦ୍ରୁତ ବୋଲର ସବନମ୍ ମହିଳା କ୍ରିକେଟ୍‌ରେ ସବୁଠାରୁ ଦ୍ରୁତ ବେଗରେ ବୋଲିଂ କରିବାର ରେକର୍ଡ ମଧ୍ୟ କରିଛନ୍ତି । ୨୦୧୬ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୧୨୮ କିମି, ୨୦୨୨ ଦିନିକିଆ ବିଶ୍ୱକପ୍ ୨ଥର ୧୨୭ କିମି ବେଗରେ ବୋଲିଂ କରିଥିଲେ ।

SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH" Systems PVT.LTD.
For Contact : 8917518606

# ଏଜି ଆନ୍ତଃ ବିଭାଗୀୟ କ୍ରିକେଟ: ବୁଢ଼ାବଳଙ୍ଗ ଚାମ୍ପିଅନ୍

ଭୁବନେଶ୍ୱର,୬।୩(ସବ୍ୟୁ): ମହାଲେଖକାର କାର୍ଯ୍ୟାଳୟ ଓ ଆକାଉଣ୍ଟସ୍ ରିକ୍ରିଏସନ୍ କ୍ଲବ୍ ଆନୁକୂଲ୍ୟରେ ୩ ଦିନିଆ ଏଜି ଆନ୍ତଃ ବିଭାଗୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ପୁରୁଣା ଏଜି କଲୋନୀ ଖେଳ ପଡିଆଠାରେ ଉଦ୍‌ଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ବୁଢ଼ାବଳଙ୍ଗ ଦଳ ଚାମ୍ପିଅନ୍ ହୋଇଥିବା ବେଳେ ସୁବର୍ଣ୍ଣରେଖା ଦଳ ରନର୍ସ ଅପ୍ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ଏଜି କାର୍ଯ୍ୟାଳୟର ବିଭିନ୍ନ ବିଭାଗର ୮ଟି ଦଳ ଭାଗ ନେଇଥିଲେ । ଓଡ଼ିଶାର ପ୍ରମୁଖ ନଦୀ ଅନୁସାରେ ଦଳ ଗୁଡିକ ନାମିତ କରାଯାଇଥିଲା । ଅନୁଷ୍ଠିତ ଫାଇନାଲ ମ୍ୟାଚରେ ବୁଢ଼ାବଳଙ୍ଗ ଦଳ ୧୫ ଓଭରରେ ୩ ୱିକେଟ୍ ହରାଇ ୯୮ ରନ୍ କରିଥିଲା । ଜବାବରେ ସୁବର୍ଣ୍ଣରେଖା ୧୫ ଓଭରରେ ସମସ୍ତ ୱିକେଟ୍ ହରାଇ ୯୧ ରନ କରିବାକୁ ସକ୍ଷମ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ କଲ୍ୟାଣ ଅଧିକାରୀ ଅଶୋକ କୁମାର ପଣ୍ଡା ଏବଂ ଏଜି ରିକ୍ରେସନ୍ କ୍ଲବ୍‌ର ସାଧାରଣ ସମ୍ପାଦକ ଭି ଆନନ୍ଦ ଭଟ୍ଟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଉପ ମହାଲେଖକାର ତାନ୍ୟା ଅସ୍ଥା, ସଚିନ କ୍ରିଷ୍ଣା କୌସିକ ଓ ବିମଳେଶ କୁମାର ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ଓ ରନର୍ସଅପ୍ ଦଳକୁ କପ୍ ପ୍ରଦାନ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟକୁ ଅମ୍ପାୟାର ସରୋଜ କୁମାର ବାରିକ, ଦୀପ୍ତି ରଞ୍ଜନ ଜେନା, ସୁମିତୋଷ ପହରାଜ, ଜଗନ୍ନାଥ ଦାସ, ସୌଭାଗ୍ୟ ମହାନ୍ତି, ଶିବନାଥ ମହାପାତ୍ର ଓ ସୁରେଶ ମହାନ୍ତି ପରିଚାଳନା କରିଥିଲେ ।





Meera's COURTYARD
AT KURANGA PHULNAKHARA
Huge lush green happening space situated in between Cuttack and Bhubaneswar.
• Pollution free ambience
• Blend of traditionalism & modernity
• Far from the madding crowd
• Truely magnificent setting
• Hassel free parking,
WILL perfectly match to your dream to make your event a memorable one.
For:
• Wedding • Star night • Conference and work shops
• Birthday party • Musical events • Corporate meet
Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076


# କଳିଙ୍ଗ କପ୍ କ୍ରିକେଟ: ବାଙ୍କୀକୁ ହରାଇଲା ମଞ୍ଚେଶ୍ୱର

ଖୋର୍ଦ୍ଧା,୬।୩(ସବ୍ୟୁ): ଖୋର୍ଦ୍ଧା ଉପକଣ୍ଠ ପାନବରଜ ଖେଳ ପଡିଆ ଠାରେ ଆଜି କଳିଙ୍ଗ କ୍ରିକେଟ କପ୍ ୨୦୨୪ର ଚତୁର୍ଥ ମ୍ୟାଚ୍‌ରେ ବିଜୁ ଯୁବ ଜନତା ଦଳ ସାଧାରଣ ସମ୍ପାଦକ ତଥା କେନ୍ଦୁଝର ଜିଲ୍ଲା ଯୁବ ବିଜେଡି ପର୍ଯ୍ୟବେକ୍ଷକ ଅବ୍ୟକ୍ତ ହରିହର ଖାଡଙ୍ଗା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହି ଖେଳାଳି ତଥା ଆୟୋଜକ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ମ୍ୟାଚ ବାଙ୍କୀ ଓ ମଞ୍ଚେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଛି । ପ୍ରଥମେ ଟସ୍ ଜିତି ବାଙ୍କୀ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭର ରୁ ୧୯.୨ ଓଭର ରେ ୧୦ଟି ୱିକେଟ ହରାଇ ୧୩୧ ରନ କରିଥିଲେ । ଦଳ ତରଫରୁ ସାଗର ବେହେରା ସର୍ବାଧିକ ୪୯ ରନ ସଂଗ୍ରହ କରିଥିଲେ । ମାଞ୍ଚେଶ୍ୱର୍ ଦଳର ସି ଏସ କେ କାନୁନଗୋ ୪ଟି ୱିକେଟ ସଂଗ୍ରହ କରିଥିଲେ । ଜବାବରେ ମଞ୍ଚେଶ୍ୱର ଦଳର ସିଏସ କାନୁନଗୋଙ୍କ ୩୧ ସହାୟତାରେ ୧୯.୩ ଓଭରରେ ନିର୍ଦ୍ଧାରିତ ୧୩୨ ରନ ୫ ୱିକେଟ ହରାଇ ସଂଗ୍ରହ କରିବା ସହ ଏହି ମ୍ୟାଚ୍‌କୁ ୫ ୱିକେଟରେ ଜିତି ନେଇଥିଲେ । ମଞ୍ଚେଶ୍ୱର୍ ଦଳର ସି ଏସ କେ କାନୁନଗୋ ଆଜିର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ଓ ଅତିଥି ସମାଜସେବୀ ତଥା ପୂର୍ବ କ୍ରିକେଟର ଦେବିଶଙ୍କର ପଣ୍ଡା ଓ ଅବ୍ୟକ୍ତ ହରିହର ଖାଡଙ୍ଗାଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । ଏହି ମ୍ୟାଚ୍‌କୁ ସୌମ୍ୟରଞ୍ଜନ ସାମନ୍ତ ସିଂହାର ଓ ପ୍ରକାଶ କୁମାର ପଟ୍ଟନାୟକ ପରିଚାଳନା କରିଥିବାବେଳେ ଅଭିନାଶ ପ୍ରସାଦ ବେହେରା, ସଜୀବ ପାଇକରାୟ, ସୁନିଲ କୁମାର ରାଉତରାୟ, କୁମାର ସାହୁ, ରାଜେନ୍ଦ୍ର ବେହେରା ଓ ବାଲୁଙ୍କେଶ୍ୱର କ୍ରିକେଟ କ୍ଲବ୍ ପାନବରଜର ସମସ୍ତ କର୍ମକର୍ତ୍ତା ଆୟୋଜନରେ ସହାୟତା କରିଥିଲେ । ୭ ତାରିଖରେ ମଞ୍ଚେଶ୍ୱର ବନାମ କଳିଙ୍ଗ ଟାଇଗର ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ହେବ ବୋଲି ସଭାପତି ସୁନିଲ କୁମାର ରାଉତରାୟ ଜଣାଇଛନ୍ତି ।

# ବାଲୁଗାଁରେ ଦିବାରାତ୍ର କ୍ରିକେଟ ଆରମ୍ଭ

ବାଲୁଗାଁ,୬।୩(ସବ୍ୟୁ): ବାଲୁଗାଁ ସ୍ଥିତ ମହମ୍ମଡିଆନ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ମୁସଲିମ ସାହି ପଡିଆରେ ତିନି ଦିନ ବ୍ୟାପି ଦିବା ରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି । ବିଶିଷ୍ଟ ବ୍ୟବସାୟୀ ସିନ୍ଧୁ ରାଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ମୋଟ ୧୬ ଗୋଟି ଟିମ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି । ପ୍ରଥମ ଦିବସରେ ୧୨ ଗୋଟି ଟିମ ଲିଗ ମ୍ୟାଚ୍ ଖେଳୁଛନ୍ତି । ଦ୍ୱିତୀୟ ଦିବସରେ ବିଜୟୀ ଦଳ ମଧ୍ୟରେ ଲିଗ ଏବଂ କ୍ୱାର୍ଟରଫାଇନାଲ ମ୍ୟାଚ୍ ହେବ । ୮ ତାରିଖ ଅନ୍ତିମ ଦିବସରେ ସେମିଫାଇନାଲ ଏବଂ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ ସୂଚନା ମିଳିଛି । ଉଦଘାଟନ ଦିବସରେ ଜମାଲ ଏବଂ କାବୁଲି ଖେଳ ପରିଚାଳନା କରିଥିଲେ ।




# ଭିଜି ଟ୍ରଫି: ପୂର୍ବାଞ୍ଚଳ ଦଳରେ ଓଡ଼ିଶାରୁ ୯

ଭୁବନେଶ୍ୱର,୬।୩(ସବ୍ୟୁ): ଆସାମର ଗୌହାଟୀରେ ଖେଳାଯିବାକୁଥିବା ଭିଜି ଟ୍ରଫି ନିମନ୍ତେ ଘୋଷଣା ହୋଇଥିବା ୧୫ ଜଣିଆ ପୂର୍ବାଞ୍ଚଳ କ୍ରିକେଟ୍ ଦଳରେ ଓଡ଼ିଶାରୁ ୯ ଜଣ ସ୍ଥାନ ପାଇଛନ୍ତି । ଏମାନଙ୍କ ମଧ୍ୟରେ ୫ ଜଣ କିଟ୍ ବିଶ୍ୱବିଦ୍ୟାଳୟର, ୨ ଜଣ ସମ୍ବଲପୁର ଏବଂ ଜଣେ ଲେଖାଏଁ ଉତ୍କଳ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ସ୍ଥାନ ପାଇଛନ୍ତି । ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତା ୧୦ରୁ ୧୬ ତାରିଖ ପର୍ଯ୍ୟନ୍ତ ଗୌହାଟୀରେ ଆୟୋଜନ ହେବ । କିଟ୍‌ର ମାରୋଜୁ ପ୍ରଶନ୍ତ ଦଳରେ ଅଧିନାୟକ ଦାୟିତ୍ୱ ତୁଲାଇବେ । ମାରୋଜୁଙ୍କ ବ୍ୟତୀତ କିଟ୍ ବିଶ୍ୱବିଦ୍ୟାଳୟର ପାର୍ଥ ସାରଥି ନାୟକ, ନୀତିଶ ନିରଞ୍ଜନ ସାମନ୍ତରାୟ, ସୂର୍ଯ୍ୟକାନ୍ତ ଭୁତିଆ ଓ ଶିବାଶିଷ ସାହୁ ସ୍ଥାନ ପାଇଛନ୍ତି । ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସୁଜଳ ସିଂ ଓ ଶ୍ରେଷ୍ଠ ସିଂ, ତଥା ଉତ୍କଳର ସୌରଭ ଗୌଡ ଓ ରେଭେନ୍ସାରୁ ରମଣ ଦାସ ସ୍ଥାନ ପାଇଛନ୍ତି । ସେହିଭଳି ମଗଧ ବିଶ୍ୱବିଦ୍ୟାଳୟର ରାଜନ ରାଜ ଓ ଗୌରବ କୁମାର, ବୃନ୍ଦାବନ ବିଶ୍ୱବିଦ୍ୟାଳୟର ପ୍ରଦୀପ ଦାସ, ଡିବ୍ରୁଗଡ଼ ବିଶ୍ୱବିଦ୍ୟାଳୟର ସାହାବ ଅଗ୍ରୱାଲ, ଗୌହାଟି ବିଶ୍ୱବିଦ୍ୟାଳୟର ଗୌରବ ସାଇକିଆ ଏବଂ ତ୍ରିପୁରା ବିଶ୍ୱବିଦ୍ୟାଳୟର ଅର୍କଜିତ ରୟ ଦଳରେ ସ୍ଥାନ ପାଇଛନ୍ତି । କିଟ୍ ବିଶ୍ୱବିଦ୍ୟାଳୟର ସନ୍ତୋଷ କୁମାର ଜେନା ମୁଖ୍ୟକୋଚ୍, ଡକ୍ଟର ଅଭିନାଶ କର ମ୍ୟାନେଜର ଭାବେ ଦଳ ସହ ଗୁରୁବାର ଭୁବନେଶ୍ୱରରୁ ଗୌହାଟୀ ଗସ୍ତ କରିବେ । କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଭିଜି ଟ୍ରଫି ନିମନ୍ତେ ପୂର୍ବାଞ୍ଚଳ ଦଳରେ ସ୍ଥାନ ପାଇଥିବା ସମସ୍ତ ଖେଳାଳି ଓ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।



ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541